بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 38

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

20 ସେପ୍ଟେମ୍ବର୍ 2018 20 ତବୁକ୍ 1397 ହି.ଶ 09 ମୋହରମ୍ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

وَلَا تَیَمَّمُوا الۡخَبِیۡثَ مِنۡہُ تُنۡفِقُوۡنَ وَلَسۡتُمۡ بِاٰخِذِیۡہِ اِلَّاۤ اَنۡ تُغۡمِضُوۡا فِیۡہِ ؕ وَاعۡلَمُوۡۤا اَنَّ اللّٰہَ غَنِیٌّ حَمِیۡدٌ

(سورۃ البقرہ:268)

ଅନୁବାଦ - ଏବଂ (ଯାହାକିଛି ତୁମେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ବ୍ୟୟ କରୁଅଛ) ସେଥିମଧ୍ୟରୁ (ଏପରି) ନିକୃଷ୍ଟ ବସ୍ତୁ ଦେବାକୁ ଇଚ୍ଛା କରନାହିଁ, ଯାହାକୁ ତୁମ ନିଜ ଗ୍ରହଣ କରିବାକୁ ଲଜ୍ଜାବୋଧ କର । ଏବଂ ମନେରଖ ଅଲ୍ଲାଃ ସ୍ୱୟଂ ପର୍ଯ୍ୟାପ୍ତ (ଓ) ପ୍ରଶଂସନୀୟ । ବକ୍ରାଃ: ୨୬୮)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍ଲନା ଫିʼଉମ୍ରିହି ଓ୍ୱ ଅମ୍ରିହି ॥

**ସୟଦ୍ନା ହଜ୍ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍ତିନୁହ୍ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

غَیۡرِ الۡمَغۡضُوۡبِ عَلَیۡہِمۡ وَلَا الضَّآلِّیۡنَ

ଭିତରେ ଏ ଭବିଷ୍ୟବାଣୀ ଛପି ରହିଛି କି ମୁସଲ୍ମାନ୍ଙ୍କ ମଧ୍ୟରୁ କେତେକ ଏପରି ହେବେ ଯେଉଁମାନେ ନିଜର ସତ୍ୟତା ଓ ନିର୍ମଳ (ହୃଦୟତା) ଯୋଗୁ ବିଗତ ନବୀମାନଙ୍କ ଉତରାଧିକାରୀ ହୋଇଯିବେ ଓ ନବୁଓ୍ୱତ୍ ଏବଂ ରିସାଲତ୍ର ନେମତ୍ (ବୈଭବ) ଲାଭ କରିବେ ଓ (ମୁସଲ୍ମାନ୍ ମାନଙ୍କ ମଧ୍ୟରୁ) କିଛି ଲୋକେ ଏପରି ହେବେ ଯେଉଁମାନେ ୟୁହୁଦୀ ଚରିତ୍ର ସମ୍ପନ୍ନ ହେବେ, ଯାହାଙ୍କ ଉପରେ ଏ ଦୁନିଆରେ ହିଁ ଅଜାବ୍ (ଇଶ୍ୱରଙ୍କ ଶାସ୍ତି) ଅବତୀର୍ଣ୍ଣ ହେବ । କିଛି ଏପରି ହୋଇଯିବେ କି ସେମାନେ ଇସାଇୟତ୍ (ଖ୍ରୀଷ୍ଟିୟ) ଜାମା ପିନ୍ଧିନେବେ । କାରଣ ଖୁଦାଙ୍କ ବାଣୀରେ ଏ ସୁନ୍ନତ ନିହିତ ଅଛି କି ଯେବେ ଗୋଟିଏ ଜାତିକୁ କୌଣସି କାର୍ଯ୍ୟ କରିବା ପାଇଁ ମନା କରାଯାଏ, ତେବେ ସେମାନଙ୍କ ମଧ୍ୟରୁ ନିଶ୍ଚିତ ରୂପେ କିଛି ଏପରି ଥାଆନ୍ତି ଯେଉଁମାନେ ଇଶ୍ୱରଙ୍କ ଜ୍ଞାତସାରରେ ଉକ୍ତ କାର୍ଯ୍ୟକୁ କରିଥାଆନ୍ତି । ଏବଂ କିଛି ଲୋକେ ଏପରି ଥାଆନ୍ତି ଯେଉଁମାନେ ପୁଣ୍ୟ ଓ ସୌଭାଗ୍ୟରୁ ଭାଗ ପାଇଥାନ୍ତି ।

## କଶ୍ତିନୁହ୍ ପୁସ୍ତକରୁ ସୟଦ୍ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ସୁରା ଫାତିହା କେବଳ ଏକ ଶିକ୍ଷା ନୁହେଁ ବରଂ ଏଥିରେ ଗୋଟିଏ ବଡ ପେଶ୍ଗୋଇ ମଧ୍ୟ ଅଛି ଓ ତାହା ହେଉଛି ଏହା କି ଇଶ୍ୱର ନିଜର ଚାରୋଟି ବିଶେଷ ଗୁଣ (ଅର୍ଥାତ୍) ରବୁବିୟତ୍ (ପାଳନକର୍ତା), ରହ୍ମାନିୟତ୍ (ଅଶେଷ ଦୟାବାନ୍), ରହିମିୟତ୍ (ସଦାକରୁଣାମୟ), ମାଲିକିୟତ୍ ୟୋମିଦ୍ଦିନ୍ ଅର୍ଥାତ୍ ପୁରଷ୍କାର ଓ ଦଣ୍ଡ ଦେବାର ଅଧିକାରକୁ ବର୍ଣ୍ଣନା କରି ନିଜର ସାଧାରଣ ଚରିତ୍ରକୁ ପରିପ୍ରକାଶ କରିଛି । ପୁଣି ଏହାର ପରବର୍ତୀ ଆୟତ ଗୁଡିକରେ ଏ ଦୁଆ (ପ୍ରାର୍ଥନା) ଶିଖାଇଛି କି ହେ ଖୁଦା ଏପରି କରନ୍ତୁ କି ବିଗତ ସତ୍ୟବାଦୀ ନବୀ ଓ ରସୁଲ୍ ମାନଙ୍କର ଆମେ ଉତରାଧିକାରୀ ହେଉ । ସେମାନଙ୍କ ମାର୍ଗକୁ ଆମପାଇଁ ଉନ୍ମୁକ୍ତ କରାଯାଉ । ସେମାନଙ୍କୁ (ମିଳିଥିବା) ନେମତ୍ (ବୈଭବ) ଆମକୁ (ମଧ୍ୟ) ମିଳୁ । ହେ ଖୁଦା ଆମକୁ ଏଥିରୁ ବଂଚାଓ ଅର୍ଥାତ୍ ଆମେ ସେହି କୌମ୍ (ଜାତି)ଙ୍କ ସଦୃଶ ନହୋଇଯାଉ, ଯାହାଙ୍କ ଉପରେ ତୁମର ଶାସ୍ତି ଅବତୀର୍ଣ୍ଣ ହୋଇଅଛି ଅର୍ଥାତ୍ ଯେଉଁ ୟୁହୁଦୀମାନେ ହଜ୍ରତ୍ ଇସାଙ୍କ ସମୟରେ ଥିଲେ ସେମାନଙ୍କୁ ତାଉନ୍ ଦ୍ୱାରା ନିଃଶେଷ କରିଦିଆଯାଇଥିଲା । ହେ ଖୁଦା ଆମକୁ ସେଥିରୁ ବଂଚାନ୍ତୁ ଅର୍ଥାତ୍ ଆମେ ସେହି କୌମ୍ଙ୍କ ପରି ନ ହୋଇଯାଉ, ଯାହାଙ୍କ ସହିତ ତୁମର ଦିଗ୍ଦର୍ଶନ ନାହିଁ ଓ ସେମାନେ ପଥଭ୍ରଷ୍ଟ ହୋଇଯାଇଛନ୍ତି ଅର୍ଥାତ୍ ନସାରା (ଇସାଇ) । ଏହି ଦୁଆ ଭିତରେ ଏ ଭବିଷ୍ୟବାଣୀ ଛପି ରହିଛି କି ମୁସଲ୍ମାନ୍ଙ୍କ ମଧ୍ୟରୁ କେତେକ ଏପରି ହେବେ ଯେଉଁମାନେ ନିଜର ସତ୍ୟତା ଓ ନିର୍ମଳ (ହୃଦୟତା) ଯୋଗୁ ବିଗତ ନବୀମାନଙ୍କ ଉତରାଧିକାରୀ ହୋଇଯିବେ ଓ ନବୁଓ୍ୱତ୍ ଏବଂ ରିସାଲତ୍ର ନେମତ୍ (ବୈଭବ) ଲାଭ କରିବେ ଓ (ମୁସଲ୍ମାନ୍ ମାନଙ୍କ ମଧ୍ୟରୁ) କିଛି ଲୋକେ ଏପରି ହେବେ ଯେଉଁମାନେ ୟୁହୁଦୀ ଚରିତ୍ର ସମ୍ପନ୍ନ ହେବେ, ଯାହାଙ୍କ ଉପରେ ଏ ଦୁନିଆରେ ହିଁ ଅଜାବ୍ (ଇଶ୍ୱରଙ୍କ ଶାସ୍ତି) ଅବତୀର୍ଣ୍ଣ ହେବ । କିଛି ଏପରି ହୋଇଯିବେ କି ସେମାନେ ଇସାଇୟତ୍ (ଖ୍ରୀଷ୍ଟିୟ) ଜାମା ପିନ୍ଧିନେବେ । କାରଣ ଖୁଦାଙ୍କ ବାଣୀରେ ଏ ସୁନ୍ନତ ନିହିତ ଅଛି କି ଯେବେ ଗୋଟିଏ ଜାତିକୁ କୌଣସି କାର୍ଯ୍ୟ କରିବା ପାଇଁ ମନା କରାଯାଏ, ତେବେ ସେମାନଙ୍କ ମଧ୍ୟରୁ ନିଶ୍ଚିତ ରୂପେ କିଛି ଏପରି ଥାଆନ୍ତି ଯେଉଁମାନେ ଇଶ୍ୱରଙ୍କ ଜ୍ଞାତସାରରେ ଉକ୍ତ କାର୍ଯ୍ୟକୁ କରିବା ବାଲା ହୋଇଥାଆନ୍ତି । ଏବଂ କିଛି ଲୋକେ ଏପରି ଥାଆନ୍ତି ଯେଉଁମାନେ ପୁଣ୍ୟ ଓ ସୌଭାଗ୍ୟରୁ ଭାଗ ପାଇଥାନ୍ତି । ସୃଷ୍ଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଇଶ୍ୱର ଯେତେକ ପୁସ୍ତକ ପ୍ରେରଣ କରିଛନ୍ତି ସେହି ସମସ୍ତ ପୁସ୍ତକରେ ଖୁଦାତାଲାଙ୍କର ଏହି ପୁରାତନ ସୁନ୍ନତ୍ ରହିଛି କି ଯେବେ ସେ ଗୋଟିଏ ଜାତିକୁ କୌଣସି ଏକ କାର୍ଯ୍ୟ କରିବାକୁ ମନାକରେ ବା କୌଣସି କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରେ ତେବେ ତା ଜ୍ଞାତସାରରେ ଏହା ସୁନିଶ୍ଚିତ ହୋଇଥାଏ କି କିଛି ଲୋକେ ସେହି କାର୍ଯ୍ୟକୁ କରିବେ ଓ କିଛି କରିବେ ନାହିଁ । ତେଣୁ ଏହି ସୁରା ଭବିଷ୍ୟବାଣୀ କରୁଅଛି କି ଏହି ଉମ୍ମତ୍ ମଧ୍ୟରୁ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ନବୀମାନଙ୍କ ସ୍ୱରୂପରେ ପ୍ରକାଶ ହେବ ଯଦ୍ୱାରା ଉକ୍ତ ପେଶ୍ଗୋଇ ଯାହା *ସିରାତଲ୍ ଲଜିନା ଅନ୍ଅମ୍ତା ଆଲୈହିମ୍* ଆୟତର ନିଷ୍କର୍ଷ ତାହା ସମ୍ପୂର୍ଣ୍ଣ ରୂପେ ପୁରଣ ହେବ ଏବଂ ସେମାନଙ୍କ ମଧ୍ୟରୁ କୌଣସି ଏକ ଦଳ ସେହି ୟୁହୁଦୀମାନଙ୍କ ସ୍ୱରୂପରେ ପ୍ରକାଶ ହେବେ ଯାହାଙ୍କ ଉପରେ ଜହ୍ରତ୍ ଇସା ଲାନତ୍ (ଅଭିଷାପ) କରିଥିଲେ । ଫଳତଃ ସେମାନେ ଇଶ୍ୱରଙ୍କ ଦଣ୍ଡରେ ପିଡୀତ ହୋଇଥିଲେ ଯଦ୍ୱାରା ଉକ୍ତ ପେଶ୍ଗୋଇ ଯାହା *ଗଏରିଲ୍ ମଗ୍ଜୁବେ ଆଲୈହିମ୍* ଆୟତରୁ ନିଷ୍କର୍ଷ, ତାହା ପ୍ରକାଶ ହେବ । ଏବଂ ସେମାନଙ୍କ ମଧ୍ୟରୁ କୌଣସି ଏକ ଦଳ ଇସାଇମାନଙ୍କ ସ୍ୱରୂପ ହୋଇଯିବ (ଅର୍ଥାତ୍) ଇସାଇ ହୋଇଯିବ ଯାହା ଇଶ୍ୱରଙ୍କ ମାର୍ଗଦର୍ଶନରେ ନିଜର ମଦ୍ୟପାନ ଏବଂ ଅବଜ୍ଞା ଓ ପଥଭ୍ରଷ୍ଟତା ଦ୍ୱାରା ଦୁର୍ଭାଗା ହୋଇଗଲେ ଫଳତଃ ଉକ୍ତ ପେଶ୍ଗୋଇ ଯାହା ଓ୍ୱଲଜ୍ ଜ୍ୱାଲିନ୍ ଆୟତରୁ ବ୍ୟକ୍ତ ହେଉଅଛି ତାହା ପ୍ରକାଶ ହୋଇଯିବ । ଯେହେତୁ ଏକଥା ମୁସଲ୍ମାନ୍ଙ୍କ ପ୍ରଥା (ବିଶ୍ୱାସ) ରେ ଦାଖଲ୍ ଅଛି କି ଶେଷ ଯୁଗରେ ମୁସଲ୍ମାନ୍ ବୋଲାଉଥିବା ହଜାର ହଜାର ଲୋକେ ୟୁହୁଦୀ ଚରିତ୍ର ହୋଇଯିବେ । ପବିତ୍ର କୋରାନ୍ର ଅନେକ ସ୍ଥାନରେ ମଧ୍ୟ ଏହି ପେଶ୍ଗୋଇ ଅବସ୍ଥିତ ଅଛି ଓ ଶହଶହ ମୁସଲ୍ମାନ୍ଙ୍କ ଇସାଇ ହୋଇଯିବା ବା ଇସାଇମାନଙ୍କ ପରି ଅଣଆୟତ ଓ ସ୍ୱାଧୀନ ଜୀବନ ଗ୍ରହଣ କରିନେବା ସ୍ୱୟଂ ଦୃଷ୍ଟିଗୋଚର ହେଉଛି ଓ ଅନୁଭବ ହେଉଅଛି ବରଂ ବହୁତ ମୁସଲ୍ମାନ୍ ବୋଲାଉଥିବା ଲୋକେ ଏପରି ଅଛନ୍ତି କି, ଯେଉଁମାନେ ଇସାଇମାନଙ୍କ ସାମାଜିକ ଚଳଣିକୁ ପସନ୍ଦ କରୁଛନ୍ତି । ନିଜକୁ ମୁସଲ୍ମାନ୍ ବୋଲାଇ ନମାଜ, ରୋଜା ଏବଂ ହଲାଲ୍ ଓ ହରାମ (ବୈଧ ଓ ଅବୈଧ)ର ନିର୍ଦ୍ଦେଶାବଳୀ ଗୁଡିକୁ ବହୁତ ଘୃଣ୍ୟ ଚକ୍ଷୁରେ ଦେଖୁଛନ୍ତି ଓ ଏହି ଦୁଇଟି ଗୋଷ୍ଠୀ (ଅର୍ଥାତ୍) ୟୁହୁଦୀ ଚରିତ୍ର ଓ ଇସାଇ ଚରିତ୍ର (ରଖିଥିବା ଗୋଷ୍ଠୀ) ଏ ଦେଶରେ ବ୍ୟାପି ଯାଇଥିବାର ଦୃଷ୍ଟିଗୋଚର ହେଉଛନ୍ତି । ସୁତରାଂ ସୁରା ଫାତେହାର ଏହି ଦୁଇଟି ପେଶ୍ଗୋଇକୁ ତୁମେମାନେ ପୂରଣ ହୋଇଥିବାର ଦେଖସାରିଛ ଓ ନିଜ ଆଖିରେ ନିଜେ ଦେଖିସାରିଛ କି କେତେ ସଂଖ୍ୟକ ମୁସଲ୍ମାନ୍ ୟୁହୁଦୀ ଚରିତ୍ରର ଓ କେତେସଂଖ୍ୟକ ଇସାଇମାନଙ୍କ ବସ୍ତ୍ର ପିନ୍ଧିସାରିଛନ୍ତି । *(କଶ୍ତିନୁହ୍ ରୁହାନି ଏଜାଏନ୍, ଖଣ୍ଡ-୧୯, ପୃଷ୍ଠା-୪୫-୪୭)*

## ୧୨୪ ତମ ଜଲ୍ସା ସାଲାନା କାଦିଆନ୍

ସୟଦ୍ନା ହଜ୍ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୪ ତମ ଜଲ୍ସା ସାଲାନା କାଦିଆନ୍ ନିମନ୍ତେ ୨୦୧୮ ମସିହା ଡିସେମ୍ବର୍ ତା-୨୮,୨୯,୩୦ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର୍ ଇସ୍ଲାହ ଓ୍ୱ ଇର୍ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ମୁଁ ଆୟାରଲାଣ୍ଡର ସମସ୍ତ ଜମାତ୍‌ର ସଦସ୍ୟମାନଙ୍କୁ ଏ କଥାପ୍ରତି ଡାକୁଅଛି କି ସର୍ବଦା ନିଷ୍ଠା ଓ ଭକ୍ତିର ସହିତ ଖିଲାଫତେ ଅହେମଦୀୟା ସଙ୍ଗେ ସଂଲଗ୍ନ ରୁହ ।**

---

**ଅଧିକରୁ ଅଧିକ ଏମ୍.ଟି.ଏ ଦେଖନ୍ତୁ ଓ ବିଶେଷ କରି ମୋ ଖୁତ୍‌ବା ଗୁଡିକୁ ଧ୍ୟାନର ସହିତ ଶୁଣନ୍ତୁ ଓ ସେଗୁଡିକୁ ବୁଝିବା ଓ ମୋର ହିଦାୟତ୍ ଉପଦେଶଗୁଡିକ ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରନ୍ତୁ ।**

---

**ଆପଣମାନଙ୍କୁ ଇସ୍‌ଲାମ୍ ବିରୋଧରେ ଯେଉଁ ଭୁଲ୍ ବୁଝାମଣା ରହିଛି ତାହାର ଦୂରୀକରଣ ନିମନ୍ତେ ରାସ୍ତା ଖୋଜିବା ଉଚିତ୍ ଏବଂ ଆଇରିଶ୍ କୌମ୍‌ରେ ଏହି ଶାନ୍ତିପ୍ରିୟ ବାର୍ତ୍ତାକୁ ପ୍ରସାର କରିବା ପାଇଁ ଅନବରତ ଚେଷ୍ଟା କରିବା ଉଚିତ୍ ।**

---

## ୧୬ତମ ଜଲ୍‌ସାସାଲାନା ଆୟାରଲାଣ୍ଡ୍ ଅନୁଷ୍ଠିତ ୧ ଜୁଲାଇ ୨୦୧୮ ଅବସରରେ ସୟଦ୍‌ନା ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତ୍ତା ।

ଅଲ୍ଲାଃତାଲାଙ୍କ ଅଶେଷ କରୁଣା ଓ ଦୟାବଳରୁ ଜମାତ୍ ଅହେମଦୀୟା ଆୟାରଲାଣ୍ଡ୍‌କୁ ନିଜର ୧୬ତମ ଜଲ୍‌ସାସାଲାନା ତା-୦୧ ଜୁଲାଇ ୨୦୧୮ ରିଖ ରବିବାର ଦିନ ଅନୁଷ୍ଠିତ କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଛି । ଜଲ୍‌ସାସାଲାନା Glen Royal Hotel ରେ ଅନୁଷ୍ଠିତ ହେଲା, ଯାହା Maynooth ପ୍ରଦେଶରେ ଅବସ୍ଥିତ । ଜଲ୍‌ସାସାଲାନାର ପ୍ରସ୍ତୁତିର ଶୁଭାରମ୍ଭ ତିନିମାସ ପୂର୍ବରୁ ହୋଇସାରିଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୟାପୂର୍ବକ ମୋକରମ୍ ଅଜିଜ୍ ବିଲାଲ୍ ଅହେମଦ୍ ସାହେବ୍ ମୁରବୀ ସିଲ୍‌ସିଲା (ଦଫ୍‌ତର୍ ଓ୍ୱକାଲତେ ତବଶିର୍ ଲଣ୍ଡନ୍‌ର କର୍ମୀ)ଙ୍କୁ ମର୍କଜୀ ନୁମାଇନ୍ଦା (କେନ୍ଦ୍ରୀୟ ପ୍ରତିନିଧି) ରୂପେ ସାମିଲ୍ ହେବାର ମଞ୍ଜୁରୀ ପ୍ରଦାନ କରିଛନ୍ତି ଏବଂ ଜଲ୍‌ସା ନିମନ୍ତେ ବିଶେଷ ବାର୍ତ୍ତା ମଧ୍ୟ ପ୍ରେରଣ କରିଛନ୍ତି, ଯାହାକୁ ଜଲ୍‌ସା ସମୟରେ ଇଂରାଜୀ ଓ ଉର୍ଦ୍ଦୁ ଭାଷାରେ ପଢ଼ି ଶୁଣାଇ ଦିଆଗଲା । ଅସଲ ବାର୍ତ୍ତା ଇଂରାଜୀ ଭାଷାରେ ଥିଲା । ଏହାର ଉର୍ଦ୍ଦୁ ଅନୁବାଦ ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ତା-୨୭ ଜୁଲାଇ ୨୦୧୮କୁ ଧନ୍ୟବାଦ ଅର୍ପଣ କରି ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଉପସ୍ଥାପନ କରାଯାଉଛି । (କାର୍ଯ୍ୟାଳୟ)

ଜମାତ୍ ଅହେମଦୀୟା ଆୟାରଲାଣ୍ଡ୍‌ର ପ୍ରିୟ ସଦସ୍ୟଗଣ !

ଅସ୍‌ସଲାମୋ ଆଲେକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବରକାତୁହୁ

ମୁଁ ବହୁତ ଆନନ୍ଦିତ ଯେ ଆପଣମାନେ ନିଜର ଜଲ୍‌ସାସାଲାନା ୧ ଜୁଲାଇ ୨୦୧୮ ଦିନ ଅନୁଷ୍ଠିତ କରୁଛନ୍ତି । ମୋର ଦୁଆ ଏହା କି ଅଲ୍ଲାଃତାଲା ଆପଣମାନଙ୍କ ଏହି ଜଲ୍‌ସାକୁ ସଫଳତା ପ୍ରଦାନ କରନ୍ତୁ । ଏଥିରେ ଯୋଗ ଦେଇଥିବା ସମସ୍ତ ବ୍ୟକ୍ତିଙ୍କୁ ଏହି ଏକକ ଧାର୍ମିକ ଇଜିତିମାରେ ଯୋଗ ଦେଇଥିବା ଯୋଗୁ ଆଧ୍ୟାତ୍ମିକ ଲାଭ ଓ ଅସୀମ ବର୍‌କତ୍ ପ୍ରଦାନ କରନ୍ତୁ ।

ବର୍ତ୍ତମାନ ପୃଥିବୀର ଅବସ୍ଥା ଏପରି ହୋଇଯାଇଛି କି ମାନବଜାତିକୁ ଇଶ୍ୱରଙ୍କ ଆଡକୁ ଧ୍ୟାନ ଦେବାପାଇଁ ଅତ୍ୟନ୍ତ ଆବଶ୍ୟକ ହୋଇଯାଇଛି । ଯିଏ ହେଉଛନ୍ତି ଆମର ସୃଷ୍ଟିକର୍ତ୍ତା । ତତ୍‌ସହିତ ଏହା ମଧ୍ୟ (ଆବଶ୍ୟକ ରହିଛି) ଏ ପୃଥିବୀର ସମସ୍ତ ବାସିନ୍ଦା ଜଣେ ଅନ୍ୟଜଣକ ସହିତ ଶାନ୍ତି ଓ ଭାଇଚାରାର ପରିବେଶରେ ଜୀବନଜାପନ କରନ୍ତୁ । ଜଣେ ଅନ୍ୟଜଣକୁ ସମ୍ମାନ ପ୍ରଦର୍ଶନ କରୁ ଓ ଆନ୍ତର୍ଜାତୀୟ ଭାଇଚାରାର ଆତ୍ମା ସହିତ ହୁକୁକୁଲ୍ ଇବାଦ୍ (ଭକ୍ତଙ୍କ ଅଧିକାର) ନିମନ୍ତେ ଚେଷ୍ଟା କରନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପ୍ରକଟ ହେବାର ପ୍ରାରମ୍ଭରୁ ଉକ୍ତ ଦୁଇଗୋଟି ମହାନ୍ ମୂଳ ଉଦ୍ଦେଶ୍ୟକୁ ଉପସ୍ଥାପନ କରିଆସିଛନ୍ତି ଯେଉଁ ଆଧାରରେ ଅଲ୍ଲାଃତାଲା ଆପଣ (ଆ:ସ)ଙ୍କୁ ପ୍ରେରଣ କରିଛନ୍ତି । ପ୍ରଥମତଃ ଆପଣ (ଆ:ସ)ଙ୍କୁ ଏଥିପାଇଁ ପ୍ରେରଣ କରାଯାଇଥିଲା କି ଯଦ୍ୱାରା ମନୁଷ୍ୟ ଓ ଇଶ୍ୱରଙ୍କ ମଧ୍ୟରେ ଏକ ସୁସମ୍ପର୍କ ସ୍ଥାପନ ହେବ । ଆପଣ (ଆ:ସ) ଉଦ୍ଦେଶ୍ୟ ଏହା ଥିଲା କି ମନୁଷ୍ୟକୁ ନିଜ ସୃଷ୍ଟିକର୍ତ୍ତାଙ୍କ ବିଷୟରେ ପରିଚୟ ପ୍ରଦାନ କରାଯାଉ, ଯିଏ ହେଉଛନ୍ତି ସମସ୍ତ ବ୍ରହ୍ମାଣ୍ଡର ପାଳନକର୍ତ୍ତା ଓ ସମସ୍ତ ଶକ୍ତିର ମାଲିକ ।

ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ସମ୍ପୂର୍ଣ୍ଣ ଜୀବଦଶାରେ ଆମକୁ ଏକଥା ପ୍ରତି ସ୍ମରଣ କରାଉଥିଲେ ଯେ ଆମେ ଇଶ୍ୱରଙ୍କ ନିକଟରେ ନତମସ୍ତକ ହେବା ଆବଶ୍ୟକ, ଯିଏ ହେଉଛି ସର୍ବଶକ୍ତିମାନ୍ । ଆପଣ ଆ:ସ ଏଇଥିପାଇଁ ଆସିଛନ୍ତି କି ଯଦ୍ୱାରା ସଂସାରବାସୀକୁ ଏ ବିଷୟରେ ପରିଚିତ କରାଇବେ କି ଏ ସଂସାରର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଅଲ୍ଲାଃତାଲାଙ୍କ ଶକ୍ତି ଓ ସାମର୍ଥ୍ୟର ମୁକାବିଲାରେ ତୁଚ୍ଛ ଅଟେ ।

ଦ୍ୱିତୀୟ ଉଦ୍ଦେଶ୍ୟ ଯେଉଁଥିପାଇଁ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତାଙ୍କୁ ପ୍ରେରଣ କରାଯାଇଥିଲା ତାହା ହେଉଛି ଏହା କି ମନୁଷ୍ୟକୁ ହୁକୁକୁଲ୍ ଇବାଦ (ସୃଷ୍ଟିର ଅଧିକାର) ସମ୍ବନ୍ଧରେ ଏତେଲା ମିଳୁ । ଏହା ଏପରି କଥା ଯାହାକୁ ଆପଣ ଆ:ସ ସାରା ଜୀବନ ତାଗିଦ୍ କରିଛନ୍ତି ।

ବାସ୍ତବରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ଏ କଥାପ୍ରତି ସୁନ୍ଦର ଶିକ୍ଷା ଦେଇଛନ୍ତି କି ଯଦି ଜଣେ ମନୁଷ୍ୟ ନିଜ ସାଥିର ଅଧିକାରକୁ ପ୍ରଦାନ କରିଥାଏ ତେବେ ଏହାର ନିଶ୍ଚିତ ଫଳ ମାନବିକ ଅଧିକାର ପ୍ରତିଷ୍ଠା କରିବା ରୂପରେ ପ୍ରକାଶିତ ହେବ । ଯେତେବେଳେ ମାନବିକ ଅଧିକାରକୁ ପ୍ରତିଷ୍ଠା କରାଯାଏ ସେତେବେଳେ ମନୁଷ୍ୟ ସ୍ୱତଃପ୍ରବୃତ ନିଜ ସାଥି ଉପରେ ଅତ୍ୟାଚାର କରିବାରୁ ବଂଚିତ ହେବ । ସୁତରାଂ ଆଜି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶିକ୍ଷା ହିଁ ଅଛି ଯାହା ଶାନ୍ତି ଏବଂ ସାମାଜିକ ସ୍ଥିରତାକୁ ହାସଲ କରିବା ପାଇଁ ମୂଳ ମାଧ୍ୟମ ହୋଇଛି ।

ଏହି ସର୍ବୋତମ ଉଦ୍ଦେଶ୍ୟ ଗୁଡିକ ହାସଲ କରିବା ନିମନ୍ତେ ଅଲ୍ଲାଃତାଲା ଖିଲାଫତ୍‌ର ଇଲାହି ନିଜାମ୍ (ଐଶ୍ୱରିକ ବ୍ୟବସ୍ଥା) ଜରିଆରେ ଜମାତ୍ ଉପରେ ନିଜର ପୁରସ୍କାର ପ୍ରଦାନ କରିଛନ୍ତି । ସେଥିପାଇଁ ଆପଣମାନଙ୍କୁ ସର୍ବଦା ଏକଥା ମନେରଖିବା ଉଚିତ୍ ହେବ କି ଜମାତ୍‌ର ଉନ୍ନତି ଓ ବିଶ୍ୱଶାନ୍ତି ପ୍ରାପ୍ତ କରିବାର ମୂଳ ଆଧାର ଖିଲାଫତ୍ ସହିତ ଯୋଡି ହୋଇ ଯିବାରେ ନିହିତ ଅଛି । ସୁତରାଂ ମୁଁ ଆୟାରଲାଣ୍ଡ୍‌ର ସମସ୍ତ ଜମାତ୍‌ର ସଦସ୍ୟଙ୍କୁ ଏ କଥା ପ୍ରତି ଡାକୁଅଛି କି ସର୍ବଦା ନିଷ୍ଠା ଓ ଭକ୍ତିଭାବରେ ଖିଲାଫତେ ଅହେମଦୀୟା ସହିତ ଯୋଡି ହୋଇ ରୁହନ୍ତୁ ।

ଆମ ବିଶ୍ୱବ୍ୟାପି ଜମାତ୍‌ର ସଦସ୍ୟମାନଙ୍କ ନିମନ୍ତେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଅଟେ କି ଯେଉଁ ଦେଶଗୁଡିକରେ ସେମାନେ ବସବାସ କରୁଛନ୍ତି ସେହି ଦେଶର କାନୁନ୍ ଗୁଡିକୁ ପାଳନ କରନ୍ତୁ ଓ ଦୃଷ୍ଟାନ୍ତନୀୟ ନାଗରିକ ହେବାକୁ ଚେଷ୍ଟା କରନ୍ତୁ । ତତ୍‌ସହିତ ଏହା ମଧ୍ୟ କି ସେମାନେ ନିଜ ଦେଶର ଉନ୍ନତି ନିମନ୍ତେ ଉତମ ମାର୍ଗରେ ନିଜ ଦେଶବାସୀଙ୍କ ସହିତ Integrate ହୁଅନ୍ତୁ ଏବଂ ସହଯୋଗ କରନ୍ତୁ । ଏହା ଏଇଥିପାଇଁ ହେବା ଉଚିତ୍ କି କାରଣ ଏହା ହେଉଛି ଆମ ଆକା ଆଁ ହଜ୍‌ରତ୍ ସ:ଆ:ସଙ୍କର ମୂଳଶିକ୍ଷା ଅର୍ଥାତ୍ ଦେଶପ୍ରେମ ହେଉଛି ଇମାନ୍‌ର୍ ଅଂଶବିଶେଷ । ସେଇଥିପାଇଁ ଆୟାରଲାଣ୍ଡ୍ ଜମାତ୍‌ର ସଦସ୍ୟମାନଙ୍କୁ ଏକଥା ମନେ ରଖିବା ଉଚିତ୍ କି ନିଜ କୌମ୍ (ଜାତି) ନିମନ୍ତେ ସ୍ୱାଭୀମାନ୍ ଓ ନିଷ୍ଠାଭାବକୁ ପରିପ୍ରକାଶ କରିବା ହେଉଛି ଆପଣମାନଙ୍କ ତରଫରୁ ନିଜ ଦେଶବାସୀଙ୍କ ନିମନ୍ତେ ଶାନ୍ତି ଓ ସ୍ଥିରତା ସ୍ଥାପନର ଜରିଆ ପ୍ରମଶଣିତ ହେବ ।

ମୁଁ ତବ୍‌ଲିଗ୍ ସମ୍ବନ୍ଧରେ ଆମଣମାନଙ୍କୁ ନିଜର ଡ୍ୟୁଟି ସମ୍ପର୍କରେ ମନେପକେଇ ଦେବାକୁ ଚାହୁଁଛି, ଯାହା ପ୍ରତ୍ୟେକ ଅହେମଦୀମମାନଙ୍କ ପାଇଁ ଆବଶ୍ୟକ । ଆପଣମାନଙ୍କୁ ଇସ୍‌ଲାମ୍ ବିରୁଦ୍ଧରେ ହେଉଥିବା ଭୁଲ୍ ଧାରଣା ଗୁଡିକର ଉପଚାର ନିମନ୍ତେ ନୂତନ ରାସ୍ତା ଖୋଜିବା ଉଚିତ୍ ଏବଂ ଆଇରିସ୍ କୌମ୍‌ରେ ଶାନ୍ତିର ବାର୍ତ୍ତାକୁ ପ୍ରସାର ଓ ପ୍ରଚାର କରିବା ପାଇଁ ଅନବରତ ଚେଷ୍ଟା କରିବା ଉଚିତ୍ ।

ମୁଁ ଆପଣମାନଙ୍କୁ ଏହା ମଧ୍ୟ ତାଗିଦ କରୁଛି କି ଅଧିକରୁ ଅଧିକ ମଏ୍.ଟି.ଏ ଦେଖନ୍ତୁ ଓ ବିଶେଷ ରୂପେ ମୋ ଖୁତ୍‌ବାଗୁଡିକୁ ଧ୍ୟାନର ସହିତ ଶୁଣନ୍ତୁ ଓ ସେଗୁଡିକୁ ବୁଝନ୍ତୁ ଓ ମୋ ହିଦାୟତ୍ ଓ ଉପଦେଶଗୁଡିକ ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରନ୍ତୁ । ଏଥିରେ ନା କେବଳ ଆପଣମାନଙ୍କ ଇମାନ୍‌ରେ ଦୃଢ଼ତା ସୃଷ୍ଟି ହେବ ବରଂ ଏହାଦ୍ୱାରା ଖିଲଫତ୍ ସହିତ ଆପଣମାନଙ୍କ ସମ୍ବନ୍ଧ ଓ ସମ୍ପର୍କ ମଧ୍ୟ ବଢ଼ିଯିବ । ଏତଦ୍ ବ୍ୟତୀତ ଆପଣମାନଙ୍କୁ ନିୟମିତ ରୂପେ ବାଜମାଅତ୍ ନମାଜ୍ ପାଠ କରିବା ଉଚିତ୍ ଓ ଅଲ୍ଲାଃତାଲାଙ୍କ ଠାରୁ ସନ୍ନିକଟ ସମ୍ପର୍କ ସ୍ଥାପନ କରିବା ପାଇଁ ଚେଷ୍ଟା କରନ୍ତୁ ।

ଅଲ୍ଲାଃତାଲା ଆପଣମାନଙ୍କ ଏହି ଜଲ୍‌ସାକୁ ସଫଳତା ପ୍ରଦାନ କରନ୍ତୁ ଓ ଆପଣ ସମସ୍ତଙ୍କୁ ତକ୍‌ଓ୍ୱା (ନିଷ୍ଠାଭାବ) ଏବଂ ଆଧ୍ୟାତ୍ମିକତାରେ ଉନ୍ନତି କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କୁ ନିଜ ଜୀବଦଶାରେ ସଜ୍ଜମତା, ପୁଣ୍ୟ ଏବଂ ନିଜ ଜାତିର ଓ ସଂସାରର ଅଧିକା ସେବା କରିବାରେ ଓ ଏକ ବାସ୍ତବିକ୍ ବିପ୍ଳବ ସୃଷ୍ଟି କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍

*ଓ୍ୱସ୍‌ସଲାମ୍ ଖାକ୍‌ସାର୍*
*ମିର୍ଜା ମସ୍‌ରୁର୍ ଅହେମଦ୍*
*ଖଲିଫତୁଲ୍ ମସିହ୍ ଖାମିସ୍*

# ଖୁତ୍‌ବା ଜୁମା

## ବଦ୍ରି ସାହାବା ହଜ୍‌ରତ୍ ଆମିର୍ ବିନ୍ ରବିୟା ର:ଅ, ହଜ୍‌ରତ୍ ହରାମ୍ ବିନ୍ ମିଲ୍‌ହାନ୍ ର:ଅ, ହଜ୍‌ରତ୍ ସାଆଦ୍ ବିନ୍ ଖୌଲା ର:ଅ, ହଜ୍‌ରତ୍ ଅବୁଲ୍ ହୈଶନ୍ ରିଜୁଆନୁଲ୍ଲାଃ ଆଲୈହିମ୍ ଅଜ୍‌ମଇନ୍‌ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା

## ଆଜି ମଧ୍ୟ ଶତ୍ରୁର ହାତକୁ ରୋକିବା ନିମନ୍ତେ ଦୁଆ ଜରିଆରେ ହିଁ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରିବାର ଆବଶ୍ୟକତା ରହିଛି । ଅଲ୍ଲାଃତାଲା ହିଁ ସେହି ଲୋକମାନଙ୍କୁ ଧରିବାର ବନ୍ଦୋବସ୍ତ କରନ୍ତୁ ଓ ଆମପାଇଁ ମଧ୍ୟ ସୁଗମତା ସୃଷ୍ଟି କରନ୍ତୁ ।

## ମୋକରମ୍ ସାହାବ୍‌ଜାଦା ମିର୍ଜା ମଜିଦ୍ ଅହେମଦ୍ ସାହେବ୍ ସୁପୁତ୍ର ହଜ୍‌ରତ୍ ସାହେବ୍ ଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅଙ୍କ ଦେହାନ୍ତ । ସେହିପରି ମୋକରମା ସୟଦା ନସିମ୍ ଅଖ୍ତର୍ ସାହିବା ଅର୍ଦ୍ଧାଙ୍ଗିନୀ ମୁହମ୍ମଦ୍ ୟୁସୁଫ୍ ସାହେବ୍ ଅଫ୍ ଆମ୍ବାନୁରିୟା, ଜିଲ୍ଲା-ଶେଖପୁରା (ପାକିସ୍ତାନ)ଙ୍କ ଦେହାନ୍ତ । ମରହୁମିନ୍‌ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୭ ଅଗଷ୍ଟ ୨୦୧୮ ଅନୁଯାୟୀ ୧୭ ଜହୁର ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيمِ - بِسْمِ اللهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِينَ - اَلرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ଆଜି ମଧ୍ୟ ମୁଁ କିଛି ବଦ୍ରି ସାହାବାଙ୍କ ଚର୍ଚ୍ଚା କରିବି । ସେମାନଙ୍କ ମଧ୍ୟରୁ ସର୍ବପ୍ରଥମେ ହେଉଛନ୍ତି ହଜ୍‌ରତ୍ ଆମିର୍ ବିନ୍ ରବିୟା । ତାଙ୍କ ଖାନ୍‌ଦାନ୍ ହଜ୍‌ରତ୍ ଉମରଙ୍କ ବାପା ଖତାବ୍‌ଙ୍କ ହଲିଫ୍ (ବନ୍ଧୁ) ଥିଲା ଯିଏ ହଜ୍‌ରତ୍ ଆମିର୍‌ଙ୍କୁ ମୋତବନ୍ନା (ଧର୍ମପୁଅ) ବନାଇଥିଲେ । ଏହି କାରଣ ଯୋଗୁ ସେ ପ୍ରଥମେ ଆମିର୍‌ବିନ୍ ଖତାବ୍‌ଙ୍କ ନାମରେ ପ୍ରସିଦ୍ଧ ଥିଲେ । କିନ୍ତୁ ଯେତେବେଳେ ପବିତ୍ର କୋରାନ୍ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅସଲ ବାପାଙ୍କ ପ୍ରତି ସମ୍ବୋଧନ ହେବାର ନିର୍ଦ୍ଦେଶ ଦେଲା ତେବେ ଏହି ନିର୍ଦ୍ଦେଶପରେ ସେ ଆମିର୍‌ବିନ୍ ଖତାବ୍‌ଙ୍କ ପରିବର୍ତେ ନିଜର ବାପା ରବ୍‌ବିୟାଙ୍କ ଯୋଗୁଁ ଆମିର୍ ବିନ୍ ରବିୟା ରୂପେ ବୋଲାଇଲେ ।

ଏଠାରେ ସେହି ଲୋକମାନଙ୍କ ପାଇଁ ସ୍ପଷ୍ଟ ହୋଇଗଲା ଯେ ଯେଉଁମାନେ ନିଜ ବନ୍ଧୁବାନ୍ଧବ ଓ ନିକଟ ସମ୍ପର୍କୀଙ୍କ ପିଲାମାନଙ୍କୁ Adopt କରୁଛନ୍ତି ଓ ବଡ ହେବା ପର୍ଯ୍ୟନ୍ତ ତାଙ୍କୁ ଏକଥା ଜଣାନାହିଁ କି ତାଙ୍କର ଅସଲ ବାପା କିଏ ଓ ପରିଚୟ ପତ୍ର ଇତ୍ୟାଦି ଓ ସରକାରୀ କାଗଜପତ୍ର ଇତ୍ୟାଦିରେ ମଧ୍ୟ ଅସଲ ବାପାଙ୍କ ନାମ ପରିବର୍ତେ ସେହି ବାପାଙ୍କ ନାମ ଦରଜ କରାଯାଉଛି ଯିଏ ତାଙ୍କୁ Adopt କରିଛି । ପୁଣି ପରେ ଏଥିଯୋଗୁ ଅନେକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି । ପୁଣି ଲୋକମାନେ ଚିଠି ଲେଖୁଛନ୍ତି କି ଏପରି କରିଦିଆଯାଉ ଓ ଏହିଭଳି କରିଦିଆଯାଉ । ତେଣୁ ସର୍ବଦା ପବିତ୍ର କୋରାନ୍‌ର ନିର୍ଦ୍ଦେଶ ମୁତାବକ ଅମଲ କରିବା ଉଚିତ୍ । କେବଳ ସେହି ପିଲାମାନଙ୍କ ବ୍ୟତୀତ ଯାହାଙ୍କୁ କାର୍ଯ୍ୟାଳୟ ତରଫରୁ ଯୋଗାଇ ଦିଆଯାଇଥାଏ ବା Adopt କରାଯାଇଥାଏ ଓ ସେମାନଙ୍କ ମା' ବାପାଙ୍କ ସମ୍ବନ୍ଧରେ ବତାଯାଏନାହିଁ । ସେ ଯାହାହେଉ ଏହି ସ୍ପଷ୍ଟୀକରଣ ପରେ ଆଗକୁ ମୁଁ ସେମାନଙ୍କ ସମ୍ବନ୍ଧରେ ବର୍ଣ୍ଣନା କରୁଅଛି ।

ଏହା ଯେଉଁ ବର୍ଣ୍ଣନା କରାଯାଇଥିଲା କି ସେ ତାଙ୍କର ହଲିଫ୍ ଥିଲେ । ଏହି ସମ୍ପର୍କ ଯୋଗୁ ହଜ୍‌ରତ୍ ଉମ୍ମର ଏବଂ ହଜ୍‌ରତ୍ ଆମିର୍ ମଧ୍ୟରେ ଶେଷ ପର୍ଯ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ କାଏମ୍ ରହିଲା । ସେ ବିଲ୍‌କୁଲ୍ ପ୍ରାରମ୍ଭରେ ହିଁ ଇମାନ୍ ଆଣିଥିଲେ । ଯେବେ ସେ ଇମାନ୍ ଆଣିଥିଲେ ସେତେବେଳେ ରସୁଲେ କରିମ୍ ସ:ଆ:ସ ଦାରେ ଅର୍‌କମ୍‌ଠାରେ ଶରଣ ମଧ୍ୟ ଯାଇନଥିଲେ । (ସିରତୁ ସାହାବା, ଖଣ୍ଡ-୨, ପୃଷ୍ଠା-୩୩୩, ମୁଦ୍ରଣ-ଦାରୁଲ୍ ଇଶାଅତ୍ କରାଚି) । ହଜ୍‌ରତ୍ ଆମିର୍ ନିଜ ସ୍ତ୍ରୀ ଲଇଲା ବିନ୍‌ତ୍ ଅବି ହଶ୍‌ମାଙ୍କ ସହିତ ହବ୍‌ଶା ଆଡକୁ ହିଜ୍‌ରତ୍ କରିଥିଲେ । ପୁଣି ଏହାପରେ ମକା ଫେରିଆସିଲେ । ସେଠାରୁ ନିଜ ସ୍ତ୍ରୀ ସହିତ ପୁଣି ମଦିନା ହିଜ୍‌ରତ୍ କରିଗଲେ । ହଜ୍‌ରତ୍ ଆମିର୍ ବିନ୍ ରବିୟାଙ୍କ ସ୍ତ୍ରୀ କୁ ସର୍ବପ୍ରଥମ ମଦ୍ଦିନାକୁ ହିଜ୍‌ରତ୍ କରିଥିବା ମହିଳା ହେବାର ସମ୍ମାନ ଲାଭ ହୋଇଛି । ସେ ବଦର୍ ଓ ସମସ୍ତ ଯୁଦ୍ଧରେ ରସୁଲେ କରିମ୍ ସ:ଆ:ସଙ୍କ ସହିତ ଥିଲେ । ତାଙ୍କର ଦେହାନ୍ତ ୩୨ ହିଜ୍‌ରିରେ ହେଲା । ସେ କବିଲା ଉଜଜ୍‌ର ଥିଲେ ।

ହଜ୍‌ରତ୍ ଆମିର୍ ର:ଅ ବର୍ଣ୍ଣନା କରୁଛନ୍ତି କି ତାଙ୍କୁ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଯେବେ କୌଣସି ବ୍ୟକ୍ତି ତୁମମାନଙ୍କ ମଧ୍ୟରୁ ଯନାଜାଃକୁ ଦେଖେ ଓ ତା ସହିତ ଯିବାକୁ ଚାହେଁନାହିଁ ତେବେ ତା ପାଇଁ ଏହା ଉଚିତ୍ ହେବ କି ସେ ସେପର୍ଯ୍ୟନ୍ତ ଛିଡ଼ା ହୋଇ ରହୁ, ଯେପର୍ଯ୍ୟନ୍ତ ଯନାଜାଃ ତୁକ ପଛରେ ଛାଡ଼ିଦେବ ଅର୍ଥାତ୍ ଯନାଜାଃ ତାକୁ ପାର୍ ହୋଇ ଆଗକୁ ଚାଲିଯିବ ।

ଅବ୍‌ଦୁଲ୍ଲାଃ ବିନ୍ ଆମିର୍ ନିଜ ବାପା ହଜ୍‌ରତ୍ ଆମିର୍ ର:ଅଙ୍କଠାରୁ ରିୱାୟତ୍ କରୁଛନ୍ତି କି ସେ ଗୋଟିଏ ରାତିରେ ନମାଜ ପଢ଼ିବା ପାଇଁ ଛିଡାହେଲେ । ଏହା ଏପରି ସମୟ ଥିଲା କି ଯେତେବେଳେ ଲୋକମାନେ ହଜ୍‌ରତ୍ ଉସ୍‌ମାନ୍‌ଙ୍କ ସମ୍ବନ୍ଧରେ ମତଭେଦ ସୃଷ୍ଟି କରୁଥିଲେ । ସେ ସମୟରେ ଫିତ୍‌ନା (ବିଭ୍ରାଟ) ସୃଷ୍ଟି ହୋଇଯାଇଥିଲା ଏବଂ ଲୋକେ ହଜ୍‌ରତ୍ ଉସ୍‌ମାନଙ୍କ ଉପରେ ଆରୋପ ଲଗାଉଥିଲେ । ତେବେ ସେ କହୁଛନ୍ତି କି ନମାଜ ପଢ଼ିସାରିବା ପରେ ସେ ଶୋଇଗଲୋ ଓ ସ୍ୱପ୍ନରେ ସେ ଦେଖିଲେ କି ତାଙ୍କୁ କୁହାଯାଉଛି ଯେ ଉଠ ଏବଂ ଅଲ୍ଲାଃଙ୍କ ଠାରୁ ଦୁଆ ମାଗ କି ତୁମକୁ ଉକ୍ତ ଫିତ୍‌ନାରୁ ସେ ମୁକ୍ତି ପ୍ରଦାନ କରିବେ, ଯେଉଁଥିରୁ ସେ ନିଜ ପ୍ରିୟ ଭକ୍ତଙ୍କୁ ମୁକ୍ତି ଦେଇଛନ୍ତି । ସୁତରାଂ ହଜ୍‌ରତ୍ ଆମିର୍ ବିନ୍ ରବିୟା ଉଠିଲେ ଓ ନମାଜ ପଢ଼ିଲେ ଏବଂ ନମାଜ ପରେ ଉପରବର୍ଣ୍ଣିତ ପ୍ରସଙ୍ଗରେ ଦୁଆ ମାଗିଲେ । ସୁତରାଂ ଏହାପରେ ସେ ବେମାର ହୋଇଗଲେ ଓ ପୁଣ ସେ ନିଜେ ଘରୁବାହାରିଲେ ନାହିଁ । ତାଙ୍କ ଯନାଜାଃ ହିଁ ବାହାରିଲା । (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୧୧୮-୧୧୯, ଆମିର୍ ବିନ୍ ରବିୟା, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ) । ଅଲ୍ଲାଃତାଲା ଉକ୍ତ ଫିତ୍‌ନାରୁ ବଂଚିବା ପାଇଁ ତାଙ୍କ ପାଇଁ ଏହି ପରିସ୍ଥିତି ସୃଷ୍ଟି କଲେ ।

ହଜ୍‌ରତ୍ ଆମିର୍ ବିନ୍ ରବିୟା କହୁଛନ୍ତି କି ମୁଁ ତୱାଫ୍ କରିବା ସମୟରେ ରସୁଲେ କରିମ୍ ସ:ଆ:ସଙ୍କ ସହିତ ଥିଲି । ସେତେବେଳେ ରସୁଲେ କରିମ୍ ସ:ଆ:ସଙ୍କ ଜୋତାର ଫିତା ଛିଣ୍ଡିଗଲା । ମୁଁ କହିଲି ହେ ରସୁଲୁଲ୍ଲାଃ ମୋତେ ଦିଅନ୍ତୁ ମୁଁ ଠିକ୍ କରିଦେଉଛି । ଏଥିରେ ରସୁଲେ କରିମ୍ ସ:ଆ:ସ କହିଲେ- ଏହା ହେଉଛି ଅଗ୍ରାଧିକାର ଦେବା । ତେଣୁ ମୁଁ ଅଗ୍ରାଧିକାର ଦେବାକୁ ପସନ୍ଦ କରେନାହିଁ । (ଶରହ ଜର୍‌କାନି, ଖଣ୍ଡ-୬, ପୃଷ୍ଠା-୪୯....ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ ବେରୁତ ୧୯୯୬) ଏତେ ମାତ୍ରାରେ ଆଁ ହଜ୍‌ରତ୍ ସ:ଆ:ସ ଏ କଥା ଉପରେ Particular ଥିଲେ କି ନିଜ କାମକୁ ନିଜେ କରୁଥିଲେ ।

ଜଣେ ବ୍ୟକ୍ତି ହଜରତ୍ ଆମିର୍ ବିନ୍ ରବିୟାଙ୍କ ଅତିଥି ହେଲେ । ସେ ତାଙ୍କର ବହୁତ ଅତିଥି ସତ୍କାର କଲେ ଓ ସମ୍ମାନ ଦେଲେ ଓ ତାଙ୍କ ସମ୍ବନ୍ଧରେ ହଜୁର୍ ସ:ଆ:ସଙ୍କ ନିକଟରେ ସୁପାରିସ୍ କଲେ । ସେହି ବ୍ୟକ୍ତିଜଣକ ହଜୁର୍ ସ:ଆ:ସଙ୍କ ନିକଟରୁ ହଜ୍‌ରତ୍ ଆମିର୍ ପାଖକୁ ଆସି କହିଲା- ମୁଁ ହଜୁର୍ ସ:ଆ:ସଙ୍କ ଠାରୁ ଗୋଟିଏ ଏପରି ୱାଦି (ସମତଳ ଯାଗା) ଜାଗିର୍ ରୂପେ ମାଗିଥିଲି ଯେ ତାହାଠାରୁ ଉତମ ସମ୍ପୂର୍ଣ୍ଣ ଆରବରେ ଆଉ କେଉଁଠି ଭଲ ୱାଦି ନଥିଲା । ଓ ଆଁ ହଜ୍‌ରତ୍ ସ:ଆ:ସ ତାହା ମୋତେ ପ୍ରଦାନ କରିଦେଲେ । ଏବେ ମୁଁ ଚାହୁଁଛି କି ସେହି ୱାଦିର ଗୋଟିଏ ଖଣ୍ଡ ଜମି ଆପଣଙ୍କୁ ଦେଇଦେବି ଯାହା ଆପଣଙ୍କ ଜୀବନରେ ଆପଣଙ୍କର ହୋଇ ରହିବ ଓ ଆପଣଙ୍କ ଅନ୍ତେ ଆପଣଙ୍କ ସନ୍ତାନ ମାନଙ୍କର ହୋଇଯିବ । ହଜ୍‌ରତ୍ ଆମିର୍ କହିଲେ କି ତୁମର ସେହି ଜମି ଖଣ୍ଡକ ନେବା ମୋତେ କୌଣସି ଆବଶ୍ୟକତା ନାହିଁ କାରଣ ଆଜି ଏପରି ଗୋଟିଏ ସୁରତ୍ ଅବତୀର୍ଣ୍ଣ ହୋଇଛି ଯାହା ଆମକୁ ସାଂସାରିକ ମାୟାମୋହ ଭୁଲାଇଦେଇଛି ଓ ତାହା ହେଉଛି ଏହାକି- *ଇକ୍‌ତରବା ଲିନ୍‌ନାସି ହିସାବୁହୁମ୍ ୱହୁମ୍ ଫି ଗଫଲତିନ୍ ମୁରିଜୁନ୍, ଅମ୍ବିୟା: ୨)* (ହୟାତୁସ୍ ସାହାବା, ଲେଖକ ମୁହମ୍ମଦ୍ ୟୁସୁଫ୍, ଅଲ୍‌କାନ୍ଧୋଲୁଇ, ଖଣ୍ଡ-୨, ପୃଷ୍ଠା-୫୨୩....୧୯୯୯) ଅର୍ଥାତ୍ ଲୋକମାନଙ୍କ ନିମନ୍ତେ ସେମାନଙ୍କର ହିସାବ ନିକାଶ ନିକଟତର ହୋଇଯାଇଛି ଓ ଏହା ସତ୍ୱେ ମଧ୍ୟ ଅସାବଧାନ ଅବସ୍ଥାରେ ସେମାନେ ମୁହଁ ବୁଲାଇ ଦେଉଛନ୍ତି ।

ସେହି ପ୍ରଜ୍ୱଳିତ ତାରକା ମାନଙ୍କର ଖୁଦାତାଲାଙ୍କ ପ୍ରତି ଭୟ ଓ ଡରର ଅବସ୍ଥା ଏପରି ଥିଲା । ଓ ଏମାନେ ସେହି ଲୋକ ଥିଲେ ଯେଉଁମାନେ ବାସ୍ତବିକ୍ ରୂପେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଉଥିଲେ ।

ହଜ୍‌ରତ୍ ଆମିର୍ ବିନ୍ ରବିୟାଙ୍କ ଠାରୁ ରିୱାୟତ୍ ଅଛି କି ଜଏଦ୍ ବିନ୍ ଉମ୍‌ରୋ କହିଲେ ମୁଁ ମୋ ନିଜ କୌମ୍‌ର ବିରୋଧ କଲି ଓ ଇବ୍ରାହିମ୍ ଧର୍ମର ଅନୁସରଣ କଲି । ମୋତେ ହଜ୍‌ରତ୍ ଇସ୍‌ମାଇଲ୍ ଆ:ସଙ୍କ ସନ୍ତାନ ମାନଙ୍କ ମଧ୍ୟରୁ ଜଣେ ନବୀଙ୍କ ପ୍ରକଟ ହେବାର ଅପେକ୍ଷା ଥିଲା ଯାହାଙ୍କ ନାମ ଅହେମଦ ହେବ । କିନ୍ତୁ ଏପରି ଲାଗୁଥିଲା କି ଯେପରି ମୁଁ ତାଙ୍କୁ ପାଇପାରିବି ନାହିଁ । ମୁଁ ତାଙ୍କ ଉପରେ ବିଶ୍ୱାସ ଆଣୁଛି ଓ ତାଙ୍କୁ ମୁଁ ତସଦିକ୍ (ସମର୍ଥନ) କରୁଛି । ମୁଁ ସାକ୍ଷୀ ଦେଉଅଛି କି ସେ ହେଉଛନ୍ତି ନବୀ । ଯଦି ତମକୁ ତାଙ୍କର ଯୁଗର ସୌଭାଗ୍ୟ ମିଳେ ତେବେ ମୋର ସଲାମ୍ ଉପସ୍ଥାପନ କରିବ । ମୁଁ ତୁମକୁ ତାଙ୍କର ଏପରି ଲକ୍ଷଣ ବତାଉଛି ଯେ ସେ ତୁମମାନଙ୍କ ପାଇଁ ଛପି ରହିବେନାହିଁ । ସେ ନା ତ ଡେଙ୍ଗା ଥିଲେ ଓ ନା ଗେଡା ଥିଲେ । ତାଙ୍କର ବାଳ ନା ବହୁତ ନା ଅଳ୍ପ । ତାଙ୍କ ଆଖିରେ ସଦାସର୍ବଦା ଲାଲିମା ରହିବ । ତାଙ୍କ କାନ୍ଧ ମଝିରେ ନବୁୱତ୍‌ର ମୋହର ଥିବ । ତାଙ୍କ ନାମ ଅହେମଦ୍ ହେବ । ସେ ମକା ସହରରେ ଜନ୍ମ ହେବେ ଓ ସେଠାରେ ବୟତ୍ ମଧ୍ୟ ହେବ । ପୁଣି ତାଙ୍କ କୌମ୍ ତାଙ୍କୁ ସେଠାରୁ ବାହାରି କରିଦେବ ଓ ତାଙ୍କ ବାର୍ତାକୁ ସେମାନେ ପସନ୍ଦ କରିବେ ନାହିଁ । ପୁଣି ସେ ୟସ୍‌ରବ୍ (ମଦ୍ଦିନା°) ଆଡକୁ ହିଜ୍‌ରତ୍ କରିବେ । ପୁଣି ତାଙ୍କ କଥା ବିଜୟ ଲାଭ କରିବ । ସେଥିଯୋଗୁ ଧୋକାରେ ପଡ଼ିବନାହିଁ । ମୁଁ ଇବ୍ରାହିମିୟ ଧର୍ମର ଅନ୍ୱେଷଣରେ ସାରା ସହରକୁ ଛାନ୍‌ବିନ୍ କରିଦେଇଛି । ମୁଁ ୟୁହୁଦୀ, ଇସାଇ ଓ ଅଗ୍ନିପୂଜକ ସମସ୍ତଙ୍କୁ ପଚାରି ବୁଝିଛି । ସେମାନେ ବତାଇଲେ ଯେ ଏହି ଦୀନ୍ ତୁମ ପଛରେ ଆସୁଛି ଓ ସେମାନେ ମୋତେ ଏ ଲକ୍ଷଣ ଗୁଡିକ ବତାଇଲେ ଯାହାକୁ ମୁଁ ବର୍ତମାନ ତୁମ ସମ୍ମୁଖରେ ବର୍ଣ୍ଣନା କାଲି । ମୋନେ ଏକଥା ମଧ୍ୟ ବତାଇଲେ କି ତାଙ୍କ ପରେ କୌଣସି ନବୀ ଆସିବେ ନାହିଁ ।

ହଜ୍‌ରତ୍ ଆମୀର୍ କହିଲେ- ଯେତେବେଳେ ରସୁଲେ ଅକ୍‌ରମ୍ ସ:ଆ:ସ ଆବିର୍ଭାବ ହେଲେ ମୁଁ ଆପଣ ସ:ଆ:ସଙ୍କୁ ଜଏଦ୍‌ଙ୍କ ସମ୍ବନ୍ଧରେ ବତାଇଲି । ଆପଣ ସ:ଆ:ସ କହିଲେ-ମୁଁ ତାକୁ ଜନ୍ନତରେ ଦେଖିଛି । ସେ ସେଠି ନିଜ ଲୁଗା କାନିକୁ ଘୋଷାଡୁଥିଲେ । (ସବିଲୁଲ୍ ହୁଦା, ୱର୍ ରଶାଦ୍, ପ୍ରଥମ ଖଣ୍ଡ, ପୃଷ୍ଠା-୧୬....ବେରୁତ୍ ୧୯୯୩)

ଏହି ଯେଉଁ ରିୱାୟତ୍ ଥିଲା କି ନବୀ ଆସିବେ ନାହିଁ ଏହାର ଅର୍ଥ ଏପରି ନୁହେଁ କି ଆଁ ହଜ୍‌ରତ୍ ସ:ଆ:ସ ଉମ୍ମତି ନବୀର ଯେଉଁ ପେଶ୍‌ଗୋଇ କରିଥିଲେ ତାହା ଭୁଲ୍ ଅଟେ । ପ୍ରକୃତରେ ଏହାର ଅର୍ଥ ହେଉଛି କି ଆପଣ ସ:ଆ:ସ ହେଉଛନ୍ତି ଶେଷ ଶରଇ ନବୀ ଓ କୌଣସି ନୂଆ ଶରୀୟତ୍ ଆଉ ଆସିବ ନାହିଁ ଏବଂ ଆସନ୍ତାକୁ ଯିଏ ମଧ୍ୟ ଆସିବେ ସିଏ ଆପଣଙ୍କ ଦାସତ୍ୱରେ ହିଁ ଆସିବେ । ଏକଥା ଆମକୁ ଆହାଦିସ ଓ ପବିତ୍ର କୋରାନ୍‌ରୁ ମଧ୍ୟ ଜଣାପଡୁଛି ।

ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ଆମିରଙ୍କ ସହିତ ହଜ୍‌ରତ୍ ଯଜିଦ୍ ବିନ୍ ମୁଞ୍ଜିରଙ୍କୁ ମୁଆଖାତ୍ (ଭାଇଭାଇ) କାଏମ୍ କରିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୯୬...୧୯୯୦) ହଜ୍‌ରତ୍ ଆମିର୍ ବିନ୍ ରବିୟା ର:ଅ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଶହିଦ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥିଲେ । (ଅସଦୁଲ୍ ଗାବା ଖଣ୍ଡ-୩, ପୃଷ୍ଠା-୧୧୯, ଆମିର୍ ବିନ୍ ରବିୟା...ବେରୁତ)

ଦ୍ୱିତୀୟ ସାହାବି ଜଣକ ହେଉଛନ୍ତି- ହଜ୍‌ରତ୍ ହରାମ୍ ବିନ୍ ମିଲ୍‌ହାନ୍ । ହଜ୍‌ରତ୍ ହରାମ୍ ବିନ୍ ମିଲ୍‌ହାନ୍‌ଙ୍କ ସମ୍ବନ୍ଧ ଅନ୍‌ସାରର କବିଲା ବନୁ ଅଦିବିନ୍ ନଜାର୍ ସହିତ ଥିଲା । ତାଙ୍କ ବାପା ମିଲ୍‌ହାନ୍‌ଙ୍କ ନାମ ମାଲିକ୍ ବିନ୍ ଖାଲିଦ୍ ଥିଲା । ହଜ୍‌ରତ୍ ହରାମ୍ ବିନ୍ ମିଲ୍‌ହାନ୍‌ଙ୍କ ମା'ଙ୍କ ନାମ ମୁଲୈକା ବିନ୍‌ତ୍ ମାଲିକ୍ ଥିଲା । ତାଙ୍କର ଜଣେ ଭଉଣୀ ଥିଲେ ଯାହାର ନାମ ଉମ୍ମେ ସୁଲେନ୍ ଥିଲା, ଯିଏ ହେଉଛନ୍ତି ହଜ୍‌ରତ୍ ଅବୁ ତଲାହ୍ ଅନ୍‌ସାରୀଙ୍କ ସ୍ତ୍ରୀ । ଏବଂ ହଜ୍‌ରତ୍ ଅନସ୍ ବିନ୍ ମାଲିକ୍‌ଙ୍କ ମା' । ତାଙ୍କର ଦ୍ୱିତୀୟ ଭଉଣୀ ହଜ୍‌ରତ୍ ଉମ୍ମେ ହରାମ ହେଉଛନ୍ତି ହଜ୍‌ରତ୍ ଉବାଦା ବିନ୍ ସାମତ୍‌ଙ୍କ ସ୍ତ୍ରୀ । ହଜ୍‌ରତ୍ ହରାମ୍ ବିନ୍ ମିଲ୍‌ହାନ୍ ହଜ୍‌ରତ୍ ଅନସ୍‌ଙ୍କ ମାମୁଁ ଥିଲେ ଓ ବଦର୍ ଯୁଦ୍ଧ ଏବଂ ଓ୍ୱହଦ୍ ଯୁଦ୍ଧରେ ଯୋଗ ଦେଇଥିଲେ ଓ ସେ ବିରେ ମାଉନା ଦିନ ଶହିଦ୍ ହୋଇଥିଲେ । ହଜ୍‌ରତ୍ ଅନସ୍ ବିନ୍ ମାଲିକ୍‌ଙ୍କ ଠାରୁ ରିୱାୟତ୍ ହୋଇଛି କି କିଛି ଲୋକେ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଆସି କହିଲେ ଯେ ଆମ ସହିତ ଏପରି ଲୋକମାନଙ୍କ ନିକଟକୁ ପଠାନ୍ତୁ ଯେଉଁମାନେ ଆମକୁ କୋରାନ୍ ଓ ସୁନ୍ନତର ଶିକ୍ଷା ଦେବେ । ଏଥିରେ ଆପଣ ସ:ଆ:ସ ଅନ୍‌ସାରର ୭୦ ଜଣ ସାହାବାଙ୍କୁ ତାଙ୍କ ସହିତ ପଠାଇଲେ । ଯେଉଁମାନେ କୋରାନ୍‌ର କାରୀ ଥିଲେ । ଅର୍ଥାତ୍ କୋରାନ୍‌କୁ ସୁଦ୍ଧ ଉଚାରଣରେ ପଢୁଥିଲେ । ସେ କହୁଛନ୍ତି କି ସେମାନଙ୍କ ମଧ୍ୟରେ ମୋ ମାମୁଁ ହରାମ ମଧ୍ୟ ଥିଲେ । ଏହି ଲୋକମାନେ ପବିତ୍ର କୋରାନ୍ ପାଠ କରୁଥିଲେ । ରାତି ସମୟରେ ଆପୋଷରେ ଦରସ ଦିଅନ୍ତି ଓ ଜ୍ଞାନ ଆହର କରୁଥିଲେ । ଦିନବେଳେ ମସ୍‌ଜିଦ୍‌ରେ ପାଣି ଆଣି ରଖୁଥିଲେ । ଜଙ୍ଗଲରୁ କାଠ ସଂଗ୍ରହଣ କରୁଥିଲେ । ସେହି କାଠକ ବିକ୍ରି କରି ସୁଫା ବାସୀ ଓ ଗରିବ ମାନଙ୍କ ପାଇଁ ଆହାର କିଣୁଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୯୦, ହରାମ ବିନ୍ ମିଲ୍‌ହାନ୍....ବେରୁତ୍ ୧୯୯୦) ହଜ୍‌ରତ୍ ହରାମ୍ ବିନ୍ ମିଲ୍‌ହାନ୍‌ଙ୍କ ବେରେ ମାଉନା ଘଟଣାବଳୀର କିଛି ଅଂଶକୁ କିଛିମାସ ପୂର୍ବେ ଖୁତ୍‌ବାରେ ବର୍ଣ୍ଣନା କରିସାରିଛି । ବେରେ ମାଉନାର ବାକି ଘଟଣା ଆଉ ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟ ବର୍ଣ୍ଣନା ହୋଇସାରିଛି । ଏ ସମ୍ବନ୍ଧରେ ବୁଖାରୀର କିଛି ରିୱାୟତ୍ ରହିଛି ଯାହାକୁ ବର୍ତମାନ ଉପସ୍ଥାପନ କରୁଛି ଯାହା ପୂର୍ବରୁ ବର୍ଣ୍ଣନା ହୋଇନାହିଁ ।

ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅ ଠାରୁ ବର୍ଣ୍ଣିତ ଅଛି କି ଯେତେବେଳେ ହଜ୍‌ରତ୍ ହରାମ୍ ବିନ୍ ମିଲ୍‌ହାନ୍‌ଙ୍କୁ ବେରେ ମାଉନା ଦିନ ନେଜା (କନ୍ତ) ମରାଗଲା ସେତେବେଳେ ସେ ନିଜର ରକ୍ତକୁ ନିଜ ହାତରେ ଉଠାଇ ନିଜ ମୁହଁ ଓ ମୁଣ୍ଡରେ ଛିଂଚାଡିଲେ ଓ କହିଲେ- *ଫୁଜ୍‌ତୁ ବିରବ୍‌ବିଲ୍ କାବା* ଅର୍ଥାତ୍ କାବାର ପାଳନକର୍ତାଙ୍କ ରାଣ ! ମୁଁ ମୋର ଉଦ୍ଦେଶ୍ୟକୁ ପାଇଗଲି । (ସହି ବୁଖାରୀ, କିତାବୁଲ୍ ମଗାଜି....ହଦିସ ୪୦୯୨)

ହଜ୍‌ରତ୍ ଅନସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି କି ନବୀ କରିମ୍ ସ:ଆ:ସଙ୍କ ନିକଟକୁ ରେଲ୍, ଜକ୍‌ୱାନ୍, ଉସୈଆ ଏବଂ ବନୁ ଲାହ୍‌ୟାନ୍ କବିଲାର କିଛି ଲୋକେ ଆସିଲେ ଓ କହିଲେ କି ଆମେ ମୁସଲ୍‌ମାନ୍ ହୋଇଯାଇଛୁ ଏବଂ ସେମାନେ ଆପଣ ସ:ଆ:ସଙ୍କ ଠାରୁ ନିଜ କୌମ୍‌ର ମୁକାବିଲା କରିବା ପାଁ ସାହାଯ୍ୟ ମାଗିଲେ । ଏଥିରେ ନବୀ କରିମ୍ ସ:ଆ:ସ ତାଙ୍କୁ ୭୦ଜଣ ଅନ୍‌ସାରୀ ସାହାବାଙ୍କୁ ଦେଇ ସାହାଯ୍ୟ କଲେ । ହଜ୍‌ରତ୍ ଅନସ୍ କହୁଥିଲେ କି ଆମେ ସେମାନଙ୍କୁ କାରୀ ବୋଲାଉଥିଲୁ । ଦିନବେଳା ସେମାନେ କାଠ ସଂଗ୍ରହ କରୁଥିଲେ ଓ ରାତି ସମୟରେ ନମାଜ ପଢୁଥିଲେ । ସେହି ଲୋକମାନେ ସେମାନଙ୍କୁ ନେଇଗଲେ ଓ ଯେତେବେଳେ ବିରେ ମାଉନାଠାରେ ପହଂଚିଲେ ସେତେବେଳେ ସେମାନେ ତାଙ୍କ ସହିତ ବିଶ୍ୱାସଘାତକତା କରି ତାଙ୍କୁ ମାରିଦେଲେ । ଏଥିରେ ଆଁ ହଜ୍‌ରତ ସ:ଆ:ସ ଏକମାସ ପର୍ଯନ୍ତ ଓ କିଛି ରିୱାୟତ୍ ମୁତାବକ ଚାଳିଶି ଦିନ ପର୍ଯ୍ୟନ୍ତ ନମାଜରେ ଛିଡ଼ା ହୋଇ ରେଲ୍, ଜକ୍‌ୱାନ୍ ଏବଂ ବନୁ ଲହିୟାନ୍‌ଙ୍କ ନିମନ୍ତେ ବଦ୍‌ଦୁଆ (ଅଭିଷାପ) କରିଲେ । (ସହି ବୁଖାରୀ, କିତାବୁଲ ଜିହାଦ୍ ୱସ୍ ସଏର୍...ହଦିସ ନଂ-୨୮୦୧)

ହଜ୍‌ରତ ଅନସ୍‌ଙ୍କ ଠାରୁ ବର୍ଣ୍ଣିତ ଅଛି କି ଯେବେ କାରୀମାନେ ଶହିଦ୍ ହେଲେ ସେତେବେଳେ ରସୁଲେ କରିମ୍ ସ:ଆ:ସ ଏକମାସ ପର୍ଯ୍ୟନ୍ତ ଛିଡାହୋଇ ବିନମ୍ରତାର ସହିତ ଦୁଆକଲେ ଓ ବୁଖାରୀର ଅନ୍ୟ ରିୱାୟତ୍ ଗୁଡିକରେ କୁହାଯାଇଛି କି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏପରି କେବେ ଦେଖିନାହିଁ କି କେବେ ଆପଣ ଏହାଠାରୁ ଅଧିକା ଦୁଃଖ ଅନୁଭବ କରିଥିଲେ ।

(ସହି ବୁଖାରୀ, କିତାବୁଲ୍ ଜନାଇଜ୍, ହଦିସ୍ ନଂ-୧୩୦୦)

ପୁଣି ଆଉ ଗୋଟିଏ ହୱାଲା ଇବ୍‌ନେ ହସାନ୍‌ରେ ସିରତ୍‌ର ରହିଛି ଜବାର୍ ବିନ୍ ସଲ୍‌ମା ଯିଏ ଉମର୍ ବିନ୍ ତୁଫେନ୍‌ଙ୍କ ସହିତ ସେ ଅବସରରେ ଉପସ୍ଥିତ ଥିଲେ, ଓ ପରେ ମୁସଲ୍‌ମାନ୍ ହୋଇଯାଇଥିଲେ । ସେ କହୁଛନ୍ତି କି ମୋର ଇସ୍‌ଲାମ୍ ଗ୍ରହଣ କରିବାର କାରଣ ଏହା ଥିଲା କି ମୁଁ ଜଣେ ବ୍ୟକ୍ତିର ଦୁଇ କାନ୍ଧର ମଧ୍ୟସ୍ଥଳୀକୁ କନ୍ତ ମାରିଲି ଓ ଦେଖିଲି କି ସେହି କନ୍ତର ମୁନଟି ତା ଛାତି ଭିତର ଦେଇ ପାରି ହୋଇଗଲା ଓ ତାକୁ ମୁଁ ଏକଥା କହିବାର ଶୁଣିଲି କି ଫୁଜ୍‌ତୁ ୱ ରବିଲ୍ କାବା ଅର୍ଥାତ୍ କାବାର ପାଳନକର୍ତାର ରାଣ ! ମୁଁ ମୋ ଉଦ୍ଦେଶ୍ୟକୁ ପାଇଗଲି ଏହା ଶୁଣି ମୁଁ ମୋ ନିଜକୁ ପଚାରିଲି କି କିଏ କିପରି ସଫଳ ହୋଇଗଲା । କଣ ମୁଁ ସେହି ବ୍ୟକ୍ତିକୁ ସହିତ କରିନଦେଲି । ଜବାର୍ ପୁଣି କହୁଛନ୍ତି ଯେ ମୁଁ ପରେ ତାଙ୍କର ଏହି କଥା ବିଷୟରେ ପଚାରିଲି, ଲୋକମାନେ କହିଲେ କି ଏହାର ଅର୍ଥ ଶାହାଦତ୍ ଉପରେ ପ୍ରତିଷ୍ଠିତ ହେବାର ଥିଲା । ପୁଣି ଜବାର୍ କହୁଛନ୍ତି କି ସେ ନିଶ୍ଚିତ ରୂପେ ଖୁଦାଙ୍କ ନିକଟରେ ସଫଳ ହୋଇଗଲା । (ସିରତୁନ୍ ନବୱିୟା, ଲି ଇବ୍‌ନେ ହୁଶାମ୍....ପୃଷ୍ଠା-୬୦୩)

ଦୁଇ ତିନିଜଣ ସାହାବାଙ୍କ ସମ୍ବନ୍ଧରେ ଏହି ଘଟଣାର ଚର୍ଚ୍ଚା ମିଳୁଛି । ଏମାନେ ସେହି ଲୋକଥିଲେ ଯେଉଁମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ହାସଲ କରିବା ଅସଲ ଉଦ୍ଦେଶ୍ୟ ମଣୁଥିଲେ ଓ ସାଂସାରିକ ସଫଳତା ସେମାନଙ୍କ ଅସଲ ଉଦ୍ଦେଶ୍ୟ ନଥିଲା । ପୁଣି ଅଲ୍ଲାଃତାଲା ମଧ୍ୟ ସେମାନଙ୍କର ସେହି ନିୟତ ଯୋଗୁ ତାଙ୍କ ସମ୍ବନ୍ଧରେ ଘୋଷଣା କରିଦେଲେ କି ଅଲ୍ଲାଃତାଲା ସେମାନଙ୍କଠାରୁ ପ୍ରସନ୍ନିତ ହୋଇଛନ୍ତି ।

ବେର୍ ମାଉନା ଅବସରରେ ଶହିଦ୍ ହେବା ସମୟରେ ସାହାବାମାନେ ଅଲ୍ଲାଃତାଲାଙ୍କ ଠାରୁ ଏହି ଦୁଆ ମାଗିଥିଲେ କି *ଅଲ୍ଲାଃହୁମା ବଲ୍ଲିଗ୍ ଅନ୍ନା ନବିୟନା ଅନ୍ନା କଦ୍ ଲକିନକା ଫରଜିନା ଅନ୍‌କା ୱ ରଜିତା ଅନ୍ନା* ଅର୍ଥାତ୍- ହେ ଅଲ୍ଲାଃ ! ନବୀ କରିମ୍ ସ:ଆ:ସଙ୍କୁ ଆମର ଏପରି ଅବସ୍ଥା ବିଷୟରେ ସୁଚନା ପ୍ରଦାନ କରିଦିଅ କି ଆମେ ତୁମ ସହିତ ଯାଇ ମିଶିଯାଇଛୁ ଓ ଆମେ ତୁମଠାରୁ ଓ ତୁମେ ଆମଠାରୁ ପ୍ରସନ୍ନିତ । ହଜ୍‌ରତ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି କି ହଜ୍‌ରତ୍ ଜିବ୍ରାଇଲ୍ ଆ:ସ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଆସିଲେ ଓ ଆପଣ ସ:ଆ:ସଙ୍କୁ ଏ ଖବର ଦେଲେ କି ଆପଣଙ୍କର ସେହି ସବୁ ସାଥିମାନେ ଅଲ୍ଲାଃଙ୍କ ସହିତ ଯାଇ ମିଶିଯାଇଛନ୍ତି ଓ ଅଲ୍ଲାଃ ସେମାନଙ୍କଠାରୁ ପ୍ରସନ୍ନିତ ଅଛନ୍ତି । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୬୭...ବେରୁତ ୧୯୯୬)

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏହି ଘଣଣା ସମ୍ବନ୍ଧରେ ବର୍ଣ୍ଣନା କରୁଛନ୍ତି କି ବିରେ ମାଉନା ଓ ରଜିର ଘଟଣା ଆରବ କବାଇଲାର ଅତ୍ୟନ୍ତ ବିଦ୍ୱେଷଭାବ ଓ ଘୃଣାଭାବକୁ ସ୍ପଷ୍ଟ କରୁଛି ଯାହାକୁ ସେମାନେ ଇସ୍‌ଲାମ୍ ଓ ଇସ୍‌ଲାମ୍‌ର ଅନୁଗାମୀମାନଙ୍କ ସମ୍ବନ୍ଧରେ ନିଜ ହୃଦୟରେ ରଖୁଥିଲେ । ଏପରିକି ସେମାନେ ଇସ୍‌ଲାମ୍ ବିରୋଧରେ ନ୍ୟୁନସ୍ତରର ମିଥ୍ୟା, ଦଗାବାଜି ଓ ଧୋକା ଦେବାକୁ ମଧ୍ୟ ପଛଉନଥିଲେ । ମୁସଲ୍‌ମାନମାନେ ବହୁତ ସତର୍କ ରହିବା ସତ୍ୱେ ମଧ୍ୟ ବେଳେବେଳେ ନିଜର ମୋମିନାନା ବିଶ୍ୱାସ ଯୋଗୁ ତାଙ୍କ ଜାଲର ଶିକାର ହୋଇଯାଉଥିଲେ । କୋରାନ୍‌ର ହାଫିଜ, ନିୟମିତ ନମାଜ ପଢୁଥିବା, ତହଜୁଦ୍ ନମାଜ ପାଠ କରୁଥିବା ଓ ମସ୍‌ଜିଦ୍‌ର ଗୋଟିଏ କୋଣରେ ବସି ଅଲ୍ଲାଃଙ୍କ ନାମ ନେଉଥିବା ଓ ପୁଣି ଗରିବ ରୂପରେ ଭୋକ ଶୋଷରେ ପ୍ରପିଡୀତ ଏମାନେ ସେହି ଲୋକ ଥିଲେ ଯେଉଁମାନଙ୍କୁ ଉକ୍ତ ଅତ୍ୟାଚାରୀମାନେ ଧର୍ମ ଶିକ୍ଷା କରିବା ବାହାନାରେ ନିଜ ମାତୃଭୁମିକୁ ଡକାଇଲେ ଓ ଯେବେ ଅତିଥି ରୂପେ ସେମାନେ ତାଙ୍କ ମାତୃଭୁମିରେ ପହଂଚିଲେ ସେମାନେ ତାଙ୍କୁ ଅତ୍ୟନ୍ତ ନୃଶଂସତାର ସହିତ ହତ୍ୟା କଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏହି ଘଟଣାରେ ଯେତୋ ବି ଦୁଃଖ ପହଂଚିଥାନ୍ତା ତାହା କମ୍ ହୋଇଥାଆନ୍ତା କିନ୍ତୁ ସେ ସମୟରେ ଆପଣ ରଜି ଓ ବେରେ ମାଉନା ନୃଶଂସ ହତ୍ୟାକାରୀ ମାନଙ୍କ ବିରୋଧରେ କୌଣସି ଯୁଦ୍ଧର କାରବାଇ କଲେନାହିଁ । (ଦୁଃଖ ନିଶ୍ଚିତ ରୂପେ ହେଲା କିନ୍ତୁ ସେମାନଙ୍କ ବିରୋଧରେ କୌଣସି ଯୁଦ୍ଧ କରାଗଲା ନାହିଁ) କିନ୍ତୁ ସେହି ଖବର ମିଳିବା ଦିନଠାରୁ ନେଇ ନିୟମିତ ରୂପେ ତିରିଶି ଦିନ ପର୍ଯ୍ୟନ୍ତ ଆପଣ ସ:ଆ:ସ ପ୍ରତ୍ୟହ ସକାଳବେଳା ନମାଜର କୟାମ୍‌ରେ ଅତ୍ୟନ୍ତ ବିଳାପର ସହିତ ରେଲ୍, ଜକ୍‌ୱାନ୍, ଉସୈୟା ଏବଂ ବନୁ ଲହିୟାନ୍ କବିଲା ଗୁଡିକର ନାମ ନେଇ ନେଇ ଖୁଦାତାଲାଙ୍କ ନିକଟରେ ଦୁଆ କଲେ କି ହେ ମୋର ମୁନୀବ ! ତୁମେ ଆମର ଏହି ଅବସ୍ଥାରେ ଦୟା କର । ଏବଂ ଇସ୍‌ଲାମ୍‌ର ଶତୃଙ୍କ ହାତକୁ ରୋକିଦିଅ, ଯେଉଁମାନେ ତୁମ ଦୀନ୍‌କୁ ଧ୍ୱଂସ କରିଦେବା ପାଇଁ ଏଭଳି ନୃଶଂସତାର ସହିତ ନିଷ୍ପାପ ମୁସଲ୍‌ମାନ୍‌ଙ୍କୁ ହତ୍ୟା କରିଛନ୍ତି'' । (ସିରତ୍ ଖାତ୍‌ମୁନ୍ ନବିଇନ୍, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୫୨୦-୫୨୧)

ସୁତରାଂ ଆଜି ମଧ୍ୟ ଶତୃଙ୍କ ହାତକୁ ରୋକିବା ପାଇଁ ଦୁଆ ମାଧ୍ୟମରେ ହିଁ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା ପାଇଁ ଆବଶ୍ୟକ ଅଛି । ଅଲ୍ଲାଃତାଲା ହିଁ ସେହି ଲୋକମାନଙ୍କୁ ଧରନ୍ତୁ ଓ ଆମପାଇଁ ମଧ୍ୟ ସହଜତା ସୃଷ୍ଟି କରନ୍ତୁ ।

ଆଉଜଣେ ସାହାବୀ, ଏହାଙ୍କ ନାମ ଥିଲା ହଜ୍‌ରତ୍ ସାଆଦ୍ ବିନ୍ ର:ଅ ଖୌଲା ଓ କିଛି ଲୋକଙ୍କ ନିକଟରେ ସେ ଇବ୍‌ନେ ଅବି ରୁହମ୍ ବିନ୍ ଅବ୍‌ଦୁଲ୍ ଉଜା ଆମିରିଙ୍କ ସ୍ୱାଧିନ କ୍ରୀତଦାସ ଥିଲେ । ସେ ଇସ୍‌ଲାମ୍ ଗ୍ରହଣ କଲେ ଏବଂ ସାବେକିନ୍ (ପୂର୍ବ ମୁସଲ୍‌ମାନ୍) ମାନଙ୍କ ମଧ୍ୟରେ ଆପଣଙ୍କ ଗଣନା ହୁଏ । ସେ ହବ୍‌ସାର୍ ଆଡକୁ ଦ୍ୱିତୀୟ ଥର ପାଇଁ ହିଜ୍‌ରତ୍ କରିଥିବା ଲୋକମାନଙ୍କ ସହିତ ସାମିଲ୍ ହୋଇଥିଲେ । ହଜ୍‌ରତ ସାଆଦ୍ ବିନ୍ ଖୌଲା ଯେତେ ମକ୍କାରୁ ମଦିନା ନିମନ୍ତେ ହିଜ୍‌ରତ୍ କଲେ ସେତେବେଳେ ସେ କୁଲ୍‌ସୁମ୍‌ବିନ୍ ହିଦମ୍‌ଙ୍କ ଘରେ ରହିଲେ । ଇବ୍‌ନେ ଇସ୍‌ହାକ୍ ମୁସାବିନ୍ ଉକ୍‌ବା ତାଙ୍କୁ ଅହ୍‌ଲେ ବଦର୍‌ରେ ଗଣନା କରୁଛନ୍ତି । ହଜ୍‌ରତ୍ ସାଆଦ୍ ବିନ୍ ଖୌଲା ଯେତେବେଳେ ବଦର୍ ଯୁଦ୍ଧରେ ସାମିଲ୍ ହେଲେ ସେତେବେଳେ ତାଙ୍କର ବୟସ ଥିଲା ୨୫ । ସେ ଓ୍ୱହଦ୍, ଖନ୍ଦକ ଏବଂ ସୁଲାହ୍ ହୃଦବିୟାରେ ସାମିଲ୍ ହୋଇଥିଲେ । ହଜ୍‌ରତ୍ ସାଆଦ୍ ର:ଅ ହଜ୍‌ରତ୍ ସୁବୈୟା ଅସ୍‌ଲମିୟାଙ୍କ ସ୍ୱାମୀ ଥିଲେ । ତାଙ୍କର ଦେହାନ୍ତ ହୁଜତୁଲ୍ ୱିଦାଅ ଅବସରରେ ହୋଇଥିଲା । ତାଙ୍କର ମୃତ୍ୟୁର କିଛି ଦିନ ପରେ ତାଙ୍କ ପୁତ୍ର ଜନ୍ମ ହେଲେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସ୍ତ୍ରୀଙ୍କୁ କହିଲେ କି ତୁମେ ବର୍ତମାନ ଯାହା ସହିତ ଚାହଁ ବିବାହ କରିପାରିବ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୨୦୯-୨୧୦, ସାଆଦ୍ ବିନ୍ ଖୌଲା...ବେରୁତ ୨୦୦୩)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଅବୁଲ୍ ହୈଶମ୍ । ହଜ୍‌ରତ୍ ଅବୁଲ୍ ହୈଶମ୍ ବିନ୍ ଅତ୍ ତୈହାନ୍ ଅନ୍‌ସାରିଙ୍କ ଅସଲ ନାମ ମାଲିକ୍ ଥିଲା କିନ୍ତୁ ନିଜର କୁନିୟତ ଅବୁଲ୍ ହୈଶମ୍ ଦ୍ୱାରା ପ୍ରସିଦ୍ଧ ହେଲେ । ତାଙ୍କର ମାତା ଲୈଲା ବିନ୍‌ତ୍ ଅତିକ ବିଲି କବିଲାର ଥିଲେ । ଅଧିକାଂଶ ଗବେଷକଙ୍କ ନିକଟରେ ସେ ଅଓସ୍ କବିଲାର ଶାଖା ବିଲି କବିଲାରୁ ଥିଲେ ଯିଏ ବନୁ ଅବ୍‌ଦୁଲ୍ ଅସହଲ୍‌ଙ୍କ ହଲିଫ୍ ଥିଲା । (ଅଲ୍ ଅସାବା ଫି ତମିଜିସ୍ ସାହାବା, ଖଣ୍ଡ-୭, ପୃଷ୍ଠା-୩୬୫...ବେରୁତ୧୯୯୫) । ମହମ୍ମଦ୍ ବିନ୍ ଉମର୍ କହୁଛନ୍ତି କି ହଜ୍‌ରତ୍ ଅବୁଲ୍ ହୈଶମ୍ ର:ଅ ଜାହିଲିୟତ୍ ଯୁଗରେ ମଧ୍ୟ ପାଶାଣ ପୂଜା କରିବାରୁ ନିବୃତ ରହୁଥିଲେ ଓ ସେଗୁଡିକୁ ଏଣୁତେଣୁ କଥା କହୁଥିଲେ । ହଜ୍‌ରତ୍ ଅସ୍‌ଅଦ୍ ବିନ୍ ଜୁରାରା ଏବଂ ହଜ୍‌ରତ୍ ଅବୁଲ୍ ହୈଶମ୍ ଏକେଶ୍ୱରବାଦକୁ ମାନୁଥିଲେ । ଏହି ଦୁଇଜଣଯାକ ହେଉଛନ୍ତି ପ୍ରାରମ୍ଭିକ

ଅନ୍‌ସାରୀ ଯେଉଁମାନେ ମକ୍କାରେ ଯାଇ ଇସ୍‌ଲାମ୍ ଗ୍ରହଣ କରିଛନ୍ତି । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୪୧, ଅବୁଲ୍ ହୈଶମ୍....ବେରୁତ୍ ୧୯୯୦) କେତେକଙ୍କ ନିକଟରେ ସେ ବୟତ ଉକ୍‌ବା ଉଲା ପୂର୍ବରୁ ଯେବେ ହଜ୍‌ରତ୍ ଅସ୍‌ଅଦ୍ ବିନ୍ ଜୁରାରା ଛଅଜଣ ଲୋକଙ୍କ ସହିତ ମକାରୁ ମୁସଲ୍‌ମାନ ହୋଇ ମଦ୍ଦିନା ଫେରିଆସିଲେ ସେତେବେଳେ ସେମାନେ ହଜ୍‌ରତ୍ ଅବୁଲ୍ ହୈଶମ୍‌କୁ ଇସ୍‌ଲାମ୍ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କଲେ । ଯେହେତୁ ସେ ପୂର୍ବରୁ ହିଁ ଦିନେ ଫିତ୍‌ରତ୍ (ପ୍ରକୃତ ଧର୍ମ)ର ଅନ୍ୱେଷଣରେ ଥିଲେ, ସେ ତତ୍‌କ୍ଷଣାତ୍ ଇସ୍‌ଲାମ୍ ଗ୍ରହଣ କରିନେବେ । ପୁଣି ବୟତେ ଉକ୍‌ବା ଉଲା ସମୟରେ ଯେଉଁ ବାରଜଣିଆ ପ୍ରତିନିଧି ମଣ୍ଡଳ ମକା ଯାଇଥିଲା ସେ ସେଥିରେ ସାମିଲ୍ ହୋଇଥିଲେ । ମକାରେ ପହଂଚି ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ବୟତ କଲେ । (ସିରତ୍ ସାହାବା, ଖଣ୍ଡ-୩, ପୃଷ୍ଠା-୨୧୫, ଅବୁଲ୍ ହାଇସ୍ ମିନ ଅତୈହାନ୍....କରାଚି ୨୦୦୪)

ସିରତ୍ ଖାତମୁନ୍ ନବିଇନ୍‌ରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ଲୋକମାନଙ୍କ ଠାରୁ ଅଲଗା ହୋଇ ଏକ ଘାଟିରେ ଯାଇ ତାଙ୍କୁ ସାକ୍ଷାତ୍ କଲେ । ସେ ୟସ୍‌ରବ୍‌ର ପରିସ୍ଥିତି ବିଷୟରେ ଏତେଲୋ ଦେଲେ ଓ ଏଥରକ ସମସ୍ତେ ନିୟମିତ ରୂପେ ଆପଣଙ୍କା ହାତରେ ବୟତ କଲେ । ଏହି ବୟତ ମଦ୍ଦିନାରେ ଭିତିପ୍ରସ୍ତର ସ୍ଥାପନ କରିବାର ଆଧାରଶିଳା ଥିଲା । ଯେହେକୁ ଏବେଯାଏ ତରବାରି ସହିତ ଯୁଦ୍ଧ କରିବା ବୈଧ ହୋଇନଥିଲା ସେଥିପାଇଁ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ କେବଳ ନିମ୍ନଲିଖିତ ଶବ୍ଦ ଦ୍ୱାରା ବୟତ ନେଲେ, ଯେଉଁଥିରେ ଆପଣ ସ:ଆ:ସ ଜିହାର ବୈଧ ହେବା ପରେ ମଧ୍ୟ ମହିଳାମାନଙ୍କ ଠାରୁ ବୟତ ନେଉଥିଲେ ଅର୍ଥାତ୍ ତାହା ହେଉଛି ଏପରି କି ଆମେ ଇଶ୍ୱରଙ୍କୁ ଏକ ଜାଣିବା, ସିର୍କ୍ କରିବା ନାହିଁ, ଚୋରି କରିବା ନାହିଁ, ଜନା କରିବା ନାହିଁ, ହତ୍ୟା କରିବାରୁ ନିବୃତ ହେବା, କାହା ଉପରେ ଲାଂଛନା ଲଗାଇବା ନାହିଁ ଓ ପ୍ରତ୍ୟେକ ପୁଣ୍ୟ କାର୍ଯ୍ୟରେ ଆପଣ ସ:ଆସଙ୍କ ଆଜ୍ଞାବହତା ସ୍ୱୀକାର କରିବେ । ବୟତ କରିବା ପରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯଦି ତୁମେ ସତ୍ୟ ଓ ନିଷ୍ଠାର ସହିତ ଏହି ପ୍ରତିଶୃତି ଉପରେ କାଏମ୍ ରହିବ ତେବେ ତୁମେ ବୈକୁଣ୍ଠ ପାପ୍ତ କରିବ ଓ ଯଦି ଦୁର୍ବଳତା ଦେଖାଇବ ତେବେ ତୁମର ମାମଲା ଇଶ୍ୱରଙ୍କ ସହିତ ହେବ । ସେ ଯେପରି ଚାହିଁବେ ସେପରି କରିବେ । ଏହି ବୟତକୁ ଇତିହାସରେ ବୟତ ଉକ୍‌ବା ଉଲା ନାମରେ ପ୍ରସିଦ୍ଧ । କାରଣ ଯେଉଁ ଯାଗାରେ ବୟତ ନିଆଯାଇଥିଲା ସେହି ଯାଗାଟିର ନାମ ହେଉଛି ଉକ୍‌ବା ଯାହା ମକ୍କା ଓ ମିନାର୍ ମଧ୍ୟ ଭାଗରେ ଅବସ୍ଥିତ । ଉକ୍‌ବାର ଶବ୍ଦାର୍ଥ ହେଉଛି ''ଉଚ୍ଚ ପାହାଡ ରାସ୍ତା'' (ସିରତ୍ ଖାତମୁନ୍ ନବୀଇନ୍, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୨୨୪-୨୨୫) ହଜ୍‌ରତ୍ ଅବୁଲ୍ ହୈଶମ୍ ସେହି ଛଅଜଣ ଲୋକଙ୍କ ମଧ୍ୟରେ ସାମିଲ୍ ଥିଲେ ଯେଉଁମାନେ ନିଜ କୌମରରୁ ସର୍ବପ୍ରଥମେ ମକ୍କା ଯାଇ ଇସ୍‌ଲାମ୍ ଗ୍ରହଣ କଲେ ଓ ପୁଣି ମଦିନା ଫେରି ଆସି ଇସ୍‌ଲାମ୍‌ର ପ୍ରଚାର ଓ ପ୍ରସାର କଲେ । ତାଙ୍କ ସମ୍ବନ୍ଧରେ ଗୋଟିଏ ରିୱାୟତ୍ ମଧ୍ୟ ମିଳୁଛି କି ସେ ହେଉଛନ୍ତି ସର୍ବପ୍ରଥମ ଅନ୍‌ସାରୀ ଯିଏ ମକା ଯାଇ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସାକ୍ଷାତ୍ କରିଛନ୍ତି... (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୪୧-୩୪୨, ଅବୁଲ୍ ହୈଶମ୍...ବେରୁତ୍ ୧୯୯୦)

ଗୋଟିଏ ହଦିସ୍‌ରେ ରିୱାୟତ୍ ଆସିଛି କି ବୟତେ ଉକ୍‌ବା ସମୟରେ ହଜ୍‌ରତ୍ ଅବୁଲ୍ ହୈଶମ୍ କହିଲେ ହେ ରସୁଲୁଲ୍ଲାଃ ସ:ଆ:ସ ! କିଛି ଅନ୍ୟ କବିଲା ଓ ଆମମାନଙ୍କ ମଧ୍ୟରେ ଆପୋଷି ସାହାଯ୍ୟ ସହଯୋଗର କିଛି ଚୁକ୍ତି ରହିଛି । ଯେବେ ଆମେ ଇସ୍‌ଲାମ୍ ଗ୍ରହଣ କରିନେବୁ ଓ ଆପଣଙ୍କର ହୋଇଯିବୁ ତେବେ ସେହି ଚୁକ୍ତିର ମାମଲା ଆପଣ ସ:ଆ:ସ ଯେପରି ଚାହିଁବେ ସେପରି କରାଯିବ । ଏହି ଅବସରରେ ମୁଁ ଆପଣଙ୍କ ନିକଟରେ ଗୋଟିଏ ନିବେଦନ କରିବାକୁ ଚାହୁଁଛି କି ହେ ଅଲ୍ଲାଃଙ୍କ ରସୁଲ ! ବର୍ତମାନ ଆମର ସମ୍ପର୍କ ଆପଣଙ୍କ ସହିତ କାଏମ୍ ହେଉଅଛି । ଯେତେବେଳେ ଅଲ୍ଲାଃତାଲା ଆପଣଙ୍କୁ ସାହାଯ୍ୟ କରିବେ ଓ ଆପଣଙ୍କ କୌମ୍ ଉପରେ ବିଜୟୀ ହେବେ ସେ ସମୟରେ ଆପଣ ଆମକୁ ଛାଡି ଆପଣଙ୍କୁ କୌମ ଆଡକୁ ଚାଲି ନଯିବେ ଓ ଆମଠାରୁ ଦୂରେଇ ନଯିବେ । ଏହାଶୁଣି ଆଁ ହଜ୍‌ରତ୍ ସ:ଆ:ସ ହସିଦେଇ କହିଲେ ଏବେ ତୁମର ରକ୍ତ ମୋ ରକ୍ତ ହୋଇସାରିଛି । ବର୍ତମାନ ମୁଁ ହେଉଛି ତୁମମାନଙ୍କ ମଧ୍ୟରୁ ଓ ତୁମେ ହେଉଛ ମୋ ମଧ୍ୟରୁ ତେଣୁ ଯିଏ ତୁମ ସହିତ ଯୁଦ୍ଧ କରିବ ସେ ମୋ ସହିତ ମଧ୍ୟ ଯୁଦ୍ଧ କରିବ । ଯିଏ ତୁମ ସହିତ ସୁଲାହ୍ କରିବ ସେ ମୋ ସହିତ ମଧ୍ୟ ସୁଲାହ୍ କରିବ । (ମସନଦ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୫, ପୃଷ୍ଠା-୪୨୭, ହଦିସ୍ ନଂ-୧୫୮୯୧...ବେରୁତ ୧୯୯୮) ରସୁଲୁଲ୍ଲାଃ ସ:ଆ:ସ ହିଜ୍‌ରତ୍ ମକ୍କାପରେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ଏବଂ ହଜ୍‌ରତ୍ ଅବୁଲ ହୈଶମ୍ ଅନ୍‌ସାରୀଙ୍କ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । (ଅଲ୍‌ଅସାବା ଫିଲ୍ ତମିଜିସ୍ ସାହାବା, ଖଣ୍ଡ-୭, ପୃଷ୍ଠା-୩୬୫....ବେରୁତ ୧୯୯୫)

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଙ୍କ ଠାରୁ ରିୱାୟତ୍ ହୋଇଛି କି ନବୀ କରିମ୍ ସ:ଆ:ସ ଜଣେ ଅନ୍‌ସାରୀ ବ୍ୟକ୍ତିଙ୍କ ନିକଟକୁ ଗଲେ ଓ ଆପଣଙ୍କ ସହିତ ଆପଣଙ୍କର ଜଣେ ସାଥି ମଧ୍ୟ ଥିଲେ । ନବୀ କରିମ୍ ସ:ଆ:ସ ତାଙ୍କୁ କହିଲେ କି ଯଦି ତୁମ ନିକଟରେ ପାଣି ଥିବ ବା ଆଜି ରାତିରେ ମଶ୍‌କ (ପାଣିର ଥଳୀ) ଥିବ ତେବେ ପାଣି ପିଆଓ ନଚେତ୍ ଆମେ ଏଥିରେ ମୁହଁ ଲଗାଇ ପାଣି ପିଇନେବୁ । ସେଠାରେ ପାଣି ବହୁତ ଥିଲା । ସେହି ବ୍ୟକ୍ତିଜଣକ ନିଜ ବଗିଚାକୁ ପାଣି ବୁହାଉଥିଲା । ସେହି ବ୍ୟକ୍ତିଜଣକ କହିଲେ ହେ ରସୁଲୁଲ୍ଲାଃ ମୋ ନିକଟରେ ରାତିର ପାଣି ଅଛି । ଆପଣ ଚାରିଘର ଆଡକୁ ଆସନ୍ତୁ । ସେହି ବ୍ୟକ୍ତିଜଣକ ଅର୍ଥାତ ହଜ୍‌ରତ୍ ଅବୁଲ୍ ହୈଶମ ଆପଣ ସ:ଆ:ସ ଓ ଆପଣଙ୍କ ସାଥି ଦୁଇଜଣଯାକୁ ନେଇଥଗଲେ ଓ ଗୋଟିଏ ପାତ୍ରରେ ପାଣି ଢ଼ାଳିଲେ । ପୁରି ସେହି ପାତ୍ରରେ ଘରୋଛ ଛେଳିର କ୍ଷୀର ଦୁହିଁଲେ । ରସୁଲୁଲ୍ଲାଃ ସ:ଆ:ସ ଉକ୍ତ ପାନୀୟକୁ ପିଇଲେ ତତ ସହିତ ସେହି ବ୍ୟକ୍ତିଜଣକ ମଧ୍ୟ ପିଇଲେ ଯିଏ ଆପଣଙ୍କ ସାଥିରେ ଥିଲା । ଏହା ହେଉଛି ପୁଖାରୀର ରିୱାୟତ୍ । (ସହି ବୁଖାରୀ କିତାବୁଲ୍ ଅଶରବା, ହଦିସ୍ ନଂ-୫୬୧୩)

ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରୁଛନ୍ତି କି ନବୀ କରିମ୍ ସ:ଆ:ସ ଏପରି ସମୟରେ ଘରୁ ବାହାରୁଥିଲେ ଯେତେବେଳେ ସାଧାରଣତଃ କୌଣସି ବ୍ୟକ୍ତି ବାହାରକୁ ବାହାରନ୍ତି ନାହିଁ ଓ କାହା ସହିତ ମିଳାମିଶ କରନ୍ତି ନାହିଁ । ପୁଣି ଆପଣ ସ:ଆ:ସଙ୍କ ନିକଟକୁ ହଜ୍‌ରତ୍ ଅବୁବକର୍ ଆସିଲେ । ଆପଣ ସ:ଆ:ସ ତାଙ୍କୁ ପଚାରିଲେ କି ହେ ଅବୁ ବକର୍ ତୁମକୁ କିଏ ବାହାରକୁ ନେଇଆସିଛି ? ଏଥିରେ ସେ କହିଲେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଓ ଆପଣ ସ:ଆ:ସଙ୍କ ପବିତ୍ର ଚେହେରାକୁ ଦେଖିବା ପାଇଁ ଓ ସେଥିରେ ସଲାମତି ପ୍ରେରଣ କରିବା ପାଇଁ ବାହାରିଛି । ଅଳ୍ପ ସମୟ ମଧ୍ୟରେ ହଜ୍‌ରତ୍ ଉମର ମଧ୍ୟ ଆସିଗଲେ । ଏହା ଦେଖି ଆଁ ହଜ୍‌ରତ୍ ସ:ଆ:ସ ପଚାରିଲେ ହେ ଉମର୍ ତୁମକୁ କିଏ ନେଇ ଆସିଛି ? ଉମର କହିଲେ- ହେ ରସୁଲୁଲ୍ଲାଃ ସ:ଆ:ସ ମୋତେ ଏଠାକୁ ଭୋକ ଟାଣି ଆଣିଛି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ମୋତେ ମଧ୍ୟ ଭୋକ ଲାଗୁଛି । ପୁଣି ଆପଣ ସମସ୍ତେ ହଜ୍‌ରତ୍ ଅବୁଲ୍ ହୈଶମ୍ ଅନ୍‌ସାରୀଙ୍କ ଘର ଆଡକୁ ଚାଲିଲେ । ତାଙ୍କ ପାଖରେ ବହୁତ ଛେଳି ଓ ବହୁତ ଖଜୁରୀ ଗଛ ଥିଲା । ନବୀ କରିମ୍ ସ:ଆ:ସ ତାଙ୍କୁ ତାଙ୍କ ଘରେ ପାଇଲେ ନାହିଁ । ଆପଣ ଅବୁଲ୍ ହୈଶମ୍‌ଙ୍କ ସ୍ତ୍ରୀଙ୍କୁ କହିଲେ କି ତୁମର ସ୍ୱାମୀ କେଉଁଠାରେ ଅଛନ୍ତି ? ସେ ଉତର ଦେଲେ କି ସେ ଆମପାଇଁ ମିଠା ପାଣି ଆଣିବା ପାଇଁ ଯାଇଛନ୍ତି । କିଛି ସମୟ ପରେ ହଜ୍‌ରତ୍ ଅବୁଲ୍ ହୈଶମ୍ ମଧ୍ୟ ମଶ୍‌କ୍ ଉଠାଇ ଆସିଗଲେ । ସେ ମସ୍‌କ୍‌ଟିକୁ ଗୋଟିଏ ପଟେ ରଖିଦେଲେ ଓ ରସୁଲୁଲ୍ଲାଃ ସ:ଆ:ସଙ୍କୁ କୁଣ୍ଢାଇ ପକାଇଲେ ଓ କହିଲେ ମୋ ମା' ବାପା ଆପଣ ସ:ଆ:ସଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ହଜ୍‌ରତ୍ ଅବୁଲ୍ ହୈଶମ୍ ଆପଣ ତିନିଜଣକୁ ନେଇ ନିଜ ବଗିଚ଼କୁ ଗଲେ ଓ ସେଠାରେ ଗୋଟିଏ ଚାଦର ବିଛାଇ ଦେଲେ ଓ ସେହି ବଗିଚ଼ ଭିତରେ ଥିବା ଖଜୁରୀକୋଳିର ଗୋଟିଏ କାନ୍ଧିକୁ କାଟି ଆଣିଲେ ଯେଉଁଥିରେ କଂଚା ଓ ପାଚଲା ଖଜୁରୀ ଲାଗିଥିଲା । ଏହା ଦେଖି ରସୁଲୁଲ୍ଲାଃ ସ:ଆ:ସ କହିଲେ ହେ ଅବୁଲ୍ ହୈଶମ୍ ତୁମେ ପାଚିଯାଇଥିବା ଖଜୁର୍ ବାଛି ବାଛି କାହିଁକି ଆଣିଲ ନାହିଁ । ଏହା ପରିବର୍ତେ ପୁରା କାନ୍ଧିକୁ ନେଇ ଆସିଲ । ଏହା ଶୁଣି ସେ କହିଲେ ହେ ରସୁଲୁଲ୍ଲାଃ ମୁଁ ଏହା ଚାହୁଁଥିଲି କି ଆପଣ ନିଜ ପସନ୍ଦ ମୁତାବକ ପାଚିଲା ଖଜୁର ବା ଅଡକୋଳିଆ ଖଜୁର୍ ବାଛିକରି ଖାଆନ୍ତୁ । ଆପଣ ସ:ଆ:ସ, ହଜ୍‌ରତ୍ ଅବୁ ବକର୍ ଏବଂ ହଜ୍‌ରତ୍ ଉମର ଖଜୁର କୋଳି ଖାଇଲେ ଓ ପାଣି ପିଇଲେ । ଏହାପରେ ରସୁଲୁଲ୍ଲାଃ ସ:ଆ:ସ କହିଲେ- ଇଶ୍ୱରଙ୍କ ରାଣ ! ଏହା ହେଉଛି ସେହି ସବୁ ନେମତ୍, ଯାହାଙ୍କ ସମ୍ବନ୍ଧରେ ତୁମେ କୟାମତ୍ ଦିନ ପଚରାଯିବ ଅର୍ଥାତ୍ ଥଣ୍ଡା ଛାଇ, ଥଣ୍ଡାପାଣି ଓ ତାଜା ଖଜୁର୍ । ପୁଣି ହଜ୍‌ରତ୍ ଅବୁଲ୍ ହୈଶମ୍ ଆପଣ ସ:ଆ:ସଙ୍କ ନିମନ୍ତେ ଖାଦ୍ୟର ବ୍ୟବସ୍ଥା କରିବା ପାଇଁ ଉଠିଲେ । ଏହା ଦେଖି ହଜୁର୍ ସ:ଆ:ସ କହିଲେ କ୍ଷୀର ଦେଉଥିବା ଛେଳିକୁ ଜେଭ କରିବ ନାହିଁ । ଏଥିରେ ସେ ଗୋଟିଏ ଛେଳି ପିଲାକୁ ଜେଭ କଲେ ଓ ତାକୁ ନେଇ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ଆସିଲେ ଓ ସମସ୍ତେ ତାକୁ ଖାଇଲେ । ଆପଣ ସ:ଆ:ସ କହିଲେ କି କଣ ତୁମର କେହି ଖାଦିମ୍ ମଧ୍ୟ ଅଛନ୍ତି ? ଏଥିରେ ଅବୁଲ୍ ହୈଶମ୍ କହିଲେ ନାହିଁ । ପୁଣି ଆପଣ ସ:ଆ:ସ କହିଲେ କି ଯେବେ ଆମ ନିକଟକୁ କୌଣସି ଯୁଦ୍ଧ ଓ କଏଦୀ ଆସିବେ ସେତେବେଳେ ଆମପାଖକୁ ଆସିବ । ଯେତେବେଳେ ନବୀ କରିମ୍ ସ:ଆ:ସଙ୍କୁ ନିକଟକୁ ଦୁଇଜଣ କଏଦୀ ଆସିଲେ ସେତେବେଳେ ହଜ୍‌ରତ୍ ଅବୁଲ୍ ହୈଶମ୍ ଆପଣଙ୍କ ନିକଟରେ ଉପସ୍ଥିତ ହେଲେ । ଆପଣ ସ:ଆ:ସ କହିଲେ କି ଏହି ଦୁଇଜଣକ ମଧ୍ୟରୁ ଜଣକୁ ପସନ୍ଦ କର । ଏଥିରେ ଅବୁଲ୍ ହୈଶମ୍ କହିଲେ ହେ ରସୁଲୁଲ୍ଲାଃ ଆପଣ ହିଁ ମୋ ପାଇଁ ଚୟନ କରନ୍ତୁ । ଏଥିରେ ନବୀ କରିମ୍ ସ:ଆ:ସ କହିଲେ ଯାହାଠାରୁ ପରାମର୍ଶ ନିଆଯାଏ ସେ ଅମୀନ ହୋଇଥାଏ । (ଏକଥା ମଧ୍ୟ ବିଶେଷ ରୂପେ ପ୍ରତ୍ୟେକ ବ୍ୟକ୍ତି ନୋଟ୍ କରିବା ଉଚିତ୍ କି ଯାହାଠାରୁ ପରାମର୍ଶ ନିଆଯାଏ ସେ ଅମୀନ୍ ହୋଇଥାଏ । ତେଣୁ ସର୍ବଦା ଭଲ ପରାମର୍ଶ ଦେବା ଉଚିତ୍) ପୁଣି ଆପଣ କହିଲେ- ଏହି ଖାଦିମ୍ ଜଣକୁ ନେଇନିଅ କାରଣ ମୁଁ ତାକୁ ଉପାସନା କରୁଥିବାର ଦେଖିଛି । ସେ ଅଲ୍ଲାଃକୁ ମନେପକାଉଛି, ତା ହୃଦୟରେ ପୁଣ୍ୟ ରହିଛି ତତ୍ ସହିତ ଏହା ମଧ୍ୟ କହିଲେ କି ଏହି କଏଦୀ ସଙ୍ଗେ ଉତମ ବ୍ୟବହାର କରିବ । ହଜ୍‌ରତ୍ ଅବୁଲ୍ ହୈଶମ୍ ନିଜ ସ୍ତ୍ରୀଙ୍କ ପାଖକୁ ଫେରିଲେ ଓ ତାଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପଦେଶ ସମ୍ବନ୍ଧରେ ବତାଇଲେ । ଏହା ଶୁଣି ତାଙ୍କ ସ୍ତ୍ରୀ କହିଲେ ତୁମେ ଏହି ଉପଦେଶର ହକ୍‌କୁ ସଠିକ୍ ରୂପେ ପ୍ରଦାନ କରିପାରିବନାହିଁ ଯାହା ତୁମକୁ ରସୁଲେ କରିମ୍ ସ:ଆ:ସ ଦେଇଛନ୍ତି ଅର୍ଥାତ୍ ପୁଣ୍ୟ ବ୍ୟବହାର କରିବା । ଏବେ ସେ ହେଉଛନ୍ତି ଜଣେ ମହିଳା ଓ ପୁଣି କୌଣସି ଚ଼କର ମଧ୍ୟ ନାହିଁ । ଯିଏ କାମ କରିବା ବାଲ ମିଳିଲା ତାଙ୍କ ସମ୍ବନ୍ଧରେ କିପରି ମୋମିନାନା ବାର୍ତାଳାପ ହେଉଛି । ତାଙ୍କ ସ୍ତ୍ରୀ ତାଙ୍କୁ ଏହା କହିଲେ କି ହକ୍ ତ ସେତେବେଳେ ଯାଇ ପୁରଣ ହେବ ଯେବେ ତୁମେ ତାକୁ ଆଜାଦ୍ କରିଦେବ ଅର୍ଥାତ୍ ତୁମକୁ ଯେଉଁ କଏଦୀ ମିଳିଛି ତାକୁ ଯେବେ ସ୍ୱାଧୀନ କରିଦେବ । ଏହା ଶୁଣି ହଜ୍‌ରତ୍ ଅବୁଲ୍ ହୈଶମ୍ ତାକୁ ସ୍ୱାଧୀନ କରିଦେଲେ । (ସୁନନେ ତିରିମିଜି କିତାବୁଜ୍ ଜୁହଦ୍....ହଦିସ୍ ନଂ-୨୩୬୯) ଏହା ଥିଲା ସେହି ସାହାବା ମାନଙ୍କର ମହାନତା ।

ହଜ୍‌ରତ୍ ଅବୁଲ୍ ହୈଶମ୍ ବଦର, ଓ୍ୱହଦ୍, ଖନ୍ଦକ୍ ଏବଂ ଅନ୍ୟାନ୍ୟ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିଲେ । ମୌତା ଯୁଦ୍ଧରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ରୱାହାଙ୍କ ଶାହାଦତ୍ ହେବା ପରେ ନବୀ କରିମ୍ ସ:ଆ:ସ ହଜ୍‌ରତ୍ ଅବୁଲ୍ ହୈଶମ୍‌କୁ ଖୈବର୍‌ରେ ଖଜୁରୀ କୋଳିର ଅନୁମାନ ଲଗାଇବା ପାଇଁ ପଠାଇଥିଲେ । ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ପରେ ଯେବେ ହଜ୍‌ରତ୍ ଅବୁ ବକର୍ ତାଙ୍କୁ ଖଜୁର୍ କୋଳିର ଅନୁମାନ ଲଗାଇବା ପାଇଁ ପଠାଇବାକୁ ଚାହିଁଲେ ସେତେବେଳେ ସେ କ୍ଷମା ମାଗି ମନା କରିଦେଲେ । ଏଥିରେ ହଜ୍‌ରତ୍ ଅବୁବକର୍ ତାଙ୍କୁ କହିଲେ ଆପଣ ତ ରସୁଲୁଲ୍ଲାଃ ସ:ଆ:ସଙ୍କ ପାଇଁ ଖଜୁରୀ ଅନୁମାନ କରିବା ନିମନ୍ତେ ଯାଉଥିଲେ । ଏହା ଶୁଣି ସେ କହିଲେ- ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ପାଇଁ ଖଜୁରୀ ଆକଳନ କରୁଥିଲି । ଯେବେ ମୁଁ ଫେରୁଥିଲି ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମୋ ପାଇଁ ଦୁଆ କରୁଥିଲେ ଓ ଏକଥା ମନେ ପଡ଼ିଯିବାରୁ ସେ ଭାବବିହୋଳ ହୋଇଗଲେ । ଏହା ଶୁଣି ହଜ୍‌ରତ୍ ଅବୁବକର୍ ର:ଅ ତାଙ୍କୁ ପଠାଇଲେ ନାହିଁ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୪୨, ଅବୁଲ୍ ହୈଶମ୍...ବେରୁତ୍ ୧୯୯୦)

ତେବେ ଦେଖନ୍ତୁ ଏହା ଏପରି ଏକ ଅବସ୍ଥା ଥିଲା ଯାହାକୁ ସେ ବର୍ଣ୍ଣନା କଲେ ନଚେତ୍ ସେ ଲୋକମାନେ ଏପରି ଥିଲେ ଯେଉଁମାନେ ସବୁବେଳେ ଇତାଅତ୍ କରୁଥିଲେ । ଅବଜ୍ଞା କରୁନଥିଲେ । ଯଦି ହଜ୍‌ରତ୍ ଅବୁବକର୍ ର:ଅ ପୁଣି ମଧ୍ୟ ତାକୁ ନିର୍ଦ୍ଦେଶ ଦେଇଥାଆନ୍ତେ ତ ଏପରି ହୋଇପାରି ନଥାନ୍ତା କି ସେ ଅବଜ୍ଞା କରିଥାଆନ୍ତେ ଓ ହଜ୍‌ରତ୍ ଅବୁ ବକର ର:ଅଙ୍କର ତାକୁ ପୁନର୍ବାର ନ କହିବା ଏକଥାକୁ ପରିପ୍ରକାଶ କରୁଛି କି ହଜ୍‌ରତ୍ ଅବୁବକର୍‌ଙ୍କୁ ମଧ୍ୟ ତାଙ୍କର ସେହି ଭାବବିହୋଳ ଅବସ୍ଥା ମନେପଡ଼ିଗଲା, ଯଦ୍ୱାରା ସେ ବୁଝିଗଲେ, ତେଣୁ ନିର୍ଦ୍ଦେଶ ଦେଲେ ନାହିଁ । ପୁଣି ଯେବେ ହଜ୍‌ରତ୍ ଉମର ଖୈବର୍‌ର

ୟୁହୁଦୀମାନଙ୍କୁ ଦେଶାନ୍ତକରଣ କଲେ ସେତେବେଳେ ହଜ୍‌ରତ୍ ଉମର୍ ତାଙ୍କ ପାଖକୁ ଏପରି ଲୋକମାନଙ୍କୁ ପଠାଇଲେ ଯେଉଁମାନେ ଉକ୍ତ ଯାଗାର ସଠିକ୍ ମୂଲ୍ୟ ଲଗାଇବେ । ହଜ୍‌ରତ୍ ଉମର୍ ତାଙ୍କ ପାଖକୁ ହଜ୍‌ରତ୍ ଅବୁଲ୍ ହୈଶମ୍, ହଜ୍‌ରତ୍ ଫର୍‌ୱା ବିନ୍ ଉମ୍‌ରୋ ଏବଂ ହଜ୍‌ରତ୍ ଜଏଦ୍ ବିନ୍ ସାବିତ୍‌କୁ ପଠାଇଥିଲେ । ସେମାନେ ଖୈବର୍‌ବାସୀଙ୍କ ଖଜୁର୍ ଓ ଯାଗାର ମୂଲ୍ୟାଙ୍କନ କରିଲେ । ହଜ୍‌ରତ୍ ଉମର୍ ଖୈବର୍ ବାସୀଙ୍କୁ ତାର ଅଧା ଅର୍ଥ ଦେଇଥିଲେ ଯାହା ୫୦ହଜାର୍ ଦିର୍‌ହମ୍‌ରୁ ଅଧିକା ଥିଲା । (କିତାବୁଲ୍ ମଗାଜି ଲିଲ୍ ୱାକଦି, ଦ୍ୱିତୀୟ ଖଣ୍ଡ, ପୃଷ୍ଠା-୧୬୫...ବେରୁତ ୨୦୦୪) ଏଠାରେ ଏବେ ଦେଖନ୍ତୁ ଯେ ସେ ସ୍ଥାନକୁ ଚାଲିଗଲେ ଓ ଭାବି ବିହୋଳତାର ପରିସ୍ଥିତି ନଥିଲା । (କାରଣ) ଏହାକୁ ବହୁତ ଦିନ ବିତିଯାଇଥିଲା । ତେଣୁ ଯିବାପାଇଁ କୌଣସି ବାରଣ ନଥିଲା ।

ଅସ୍‌ସଲାମୋ ଆଲୈକୁମ୍ କହିବା ସମ୍ବନ୍ଧରେ ମଧ ତାଙ୍କଠାରୁ ଗୋଟିଏ ରିୱାୟତ୍ ମିଳୁଛି । ହଜ୍‌ରତ୍ ଅବୁଲ୍ ହୈଶମ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି ନବୀ କରିମ୍ ସ:ଆ:ସ କହିଲେ କି ଯିଏ ଅସ୍‌ସଲାମୋ ଆଲୈକୁମ୍ କହିଥାଏ ତାକୁ ୧୦ଟି ପୁଣ୍ୟ ମିଳିଥାଏ । ଅସ୍‌ସଲାମୋ ଆଲୈକୁମ୍ ୱ ରହେମତୁଲ୍ଲାହେ କହୁଥିବା ବ୍ୟକ୍ତିକୁ ୨୦ଟି ପୁଣ୍ୟ ମିଳିଥାଏ ଏବଂ ଅସ୍‌ସଲାମୋ ଆଲୈକୁମ୍ ୱ ରହେମତୁଲ୍ଲାହି ୱ ବର୍‌କାତୁହୁ କହୁଥିବା ବ୍ୟକ୍ତିକୁ ୩୦ଟି ପୁଣ୍ୟ ମିଳିଥାଏ । (ଅଲ୍ ଅସାବା ଫି ତମିଜିସ୍ ସାହାବା, ଖଣ୍ଡ-୭, ପୃଷ୍ଠା-୩୬୬, ଅବୁଲ୍ ହୈଶମ୍...ବେରୁତ୍ ୧୯୯୫)

ହଜ୍‌ରତ୍ ଅବୁଲ୍ ହୈଶମ୍ ର:ଅଙ୍କ ଦେହାନ୍ତ ବେହାର ସମୟ ବିଷୟରେ ବିଭିନ୍ନ ରାୟ ମିଳୁଅଛି । କେତେକଙ୍କ ନିକଟରେ ତାଙ୍କର ଦେହାନ୍ତ ହଜ୍‌ରତ୍ ଉମରଙ୍କ ସମୟରେ ହୋଇଥିଲା, ଆଉକେତେକଙ୍କ ନିକଟରେ ତାଙ୍କ ଦେହାନ୍ତ୨୦ ବା ୨୧ ହିଜିରିରେ ହୋଇଥିଲା । ଏବଂ ଏହା ମଧ କୁହାଯାଉଛି କି ସେ ସିଫିନ୍ ଯୁଦ୍ଧ ସମୟରେ ୩୭ ହିଜ୍‌ରି ରେ ହଜ୍‌ରତ୍ ଅଲୀଙ୍କ ତରଫରୁ ଲଢ଼ିଲଢ଼ି ଶହିଦ୍ ହୋଇଥିଲେ'' । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୪୨, ଅବୁଲ୍ ହୈଶମ୍....ବେରୁତ୍ ୧୯୯୦)

ତେବେ ଏମାନେ ଥିଲେ ସେହି ସବୁ ସାହାବା ଯେଉଁମାନେ ଆମପାଇଁ ଆଦର୍ଶ ସ୍ଥାପନ କରିଛନ୍ତି ଓ ଆମକୁ ଅନେକ କଥା ବିଷୟରେ ସୂଚନା ମଧ ଦେଇଛନ୍ତି । ଅଲ୍ଲାଃତାଲା ସେମାନଙ୍କର ପଦମର୍ଯ୍ୟାଦାକୁ ଉଚରୁ ଉଚତର କରନ୍ତୁ ।

ଜୁମା ଏବଂ ନମାଜ ପରେ ମୁଁ ଦୁଇଗୋଟି ଯନାଜାଃ ଗାଏବ୍ ମଧ ପଢ଼ାଇବି । ପ୍ରଥମ ଯନାଜାଃଟି ହେଉଛି ମୋକରମ୍ ସାହେବ୍‌ଜାଦା ମିର୍ଜା ମଜିଦ୍ ଅହେମଦ୍ ସାହେବ୍‌ଙ୍କର ଯିଏ ହଜ୍‌ରତ୍ ସାହେବ୍‌ଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅଙ୍କ ସୁପୁତ୍ର ଥିଲେ । ୧୪ ଅଗଷ୍ଟ ଦିନ ୯୪ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ । ତାଙ୍କ ହାର୍ଟ୍ ଅପରେସନ୍ ୨୦୦୦ ମସିହାରେ ଆମେରିକାରେ ହୋଇଥିଲା । ତା ପରେ ସେଠି ତାଙ୍କୁ ପାରାଲେସିସ୍ ହୋଇଗଲା । ତା ପରେ ସେ ବିଛଣାରେ ପଡ଼ିରହିଲେ । ୧୮ ଜୁଲାଇ ୧୯୨୪ ମସିହା ଦିନ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏବଂ ମୋକରମା ସର୍‌ୱର୍ ସୁଲତାନ୍ ବେଗମ୍ ସାହିବା ବିନ୍ତ ହଜ୍‌ରତ୍ ଗୁଲାମ୍ ହସନ୍ ସାହେବ୍ ପେଶାୱରିଙ୍କ ଘରେ କାଦିଆନ୍‌ରେ ତାଙ୍କର ଜନ୍ମ ହୋଇଥିଲା । କାଦିଆନ୍‌ରେ ପ୍ରାଥମିକ ଶିକ୍ଷା ହାସଲ କଲେ । ଏବଂ ତାଲିମୁଲ୍ ଇସ୍‌ଲାମ୍ ହାଇସ୍କୁଲ୍ କାଦିଆନ୍‌ରୁ ମେଟ୍ରିକ୍ ପାସ୍ କଲେ । ପୁଣି ୧୯୪୯ ମସିହାରେ ଗଭର୍ଣ୍ଣମେଂଟ୍ କଲେଜ୍ ଲାହୋରରୁ ଏମ୍.ଏ (ଇତିହାସ)ରେ ବହୁତ ନମ୍ବର୍ ରଖି ପାସ୍ କଲେ । ତାଙ୍କ ପାସ୍ ହେବା ପରେ ଲୋକମାନେ ଯେତେବେଳେ ହଜ୍‌ରତ୍ ସାହେବ୍‌ଜାଦା ମିର୍ଜା ବଶିର୍ ଅହେମଦ୍ ସାବେହ୍ ର:ଅଙ୍କୁ ମୋବାରକ୍‌ବାଦୀ ଦେଲେ ସେ କୃତଜ୍ଞତାର ଶବ୍ଦ କହିବା ବ୍ୟତୀତ ଏହା ମଧ ଲେଖିଲେ କି ବାସ୍ତବରେ ମୋମିନ୍ ମାନଙ୍କ ଜମାତ୍ ନିଜ ସୁଖ ଦୁଃଖ ଅବସରରେ ଜଣେ ଅନ୍ୟଜଣକୁ ସାହାରା ଦେଇ ତିଷ୍ଠିଥାଏ ଏବଂ ଜଣେ ଅନ୍ୟଜଣକୁ ସାହାରା ଦେଇ ସୁଖ, ଶାନ୍ତି ଓ ମଜ୍‌ବୁତ ହାସଲ୍ କରିଥାଏ । ଏହା ହିଁ ହେଉଛି ଜମାତ୍‌ର କେନ୍ଦ୍ରୀୟ ଦୃଷ୍ଟିକୋଣ । ପୁଣି ଲେଖୁଛନ୍ତି କି ଏହି ଖୁସି ସମୟରେ ଆମ ସହିତ ରହିବା ସଙ୍ଗେସଙ୍ଗେ ଏହା ମଧ ପ୍ରାର୍ଥନା କରନ୍ତୁ କି ଯେଉଁଠି ଅଲ୍ଲାଃତାଲା ଅଜିଜ୍ ମଜିଦ୍ ଅହେମଦ୍‌କୁ ଜ୍ଞାନର ପ୍ରକାଶ୍ୟ ସ୍ତରକୁ ପୂରଣ କରିବା ପାଇଁ ଶକ୍ତି ଦେଇଛନ୍ତି ସେହିପରି ତାଙ୍କୁ ପ୍ରକୃତ ଜ୍ଞାନ ମଧ ପ୍ରଦାନ କରନ୍ତୁ ଓ ପୁଣି ସେହି ଜ୍ଞାନ ଉପରେ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ କାରଣ ଏହା ହେଉଛି ଆମ ଜୀବନର ଅସଲ ଉଦ୍ଦେଶ୍ୟ ଓ ଅନ୍ତିମ ଅବସ୍ଥା । (ମଜାମିନେ ବଶିର୍, ଖଣ୍ଡ-୨, ପୃଷ୍ଠା-୬୦୫)

ନିର୍ଜା ମଜିଦ୍ ଅହେମଦ୍ ସାହେବ୍ ୭ମଇ ୧୯୪୪ କୁ ନିଜର ଜୀବନକୁ ଦୀନ୍‌ର ସେବା ନିମନ୍ତେ ୱକ୍‌ଫ୍ (ଉତ୍ସର୍ଗ) କରିଦେଲେ । ତତ୍ ସହିତ ଶିକ୍ଷା ହାସଲ କରିବା ମଧ ଜାରି ରଖିଲେ । ଡିସେମ୍ବର୍ ୧୯୪୯ ବସିହାରେ ଜାମେଅତୁଲ୍ ମୁବଶିରିନ୍‌ରେ ନାମ ଲେଖାଇଲେ ଏବଂ ଜୁଲାଇ ୧୯୫୪ ମସିହାରେ ଜାମିଆରୁ ପାସ୍ କଲେ । ତାଙ୍କର ନିକାହ୍ ୨୮ ଡିମ୍ବେର୍ ୧୯୫୦ ଜଲ୍‌ସାସାଲାନର ଦୃତୀୟ ଦିନ ସାହାବ୍‌ଜାଦୀ କୁଦୁସିଆ ବେଗମ୍ ସାହିବା ସୁପୁତ୍ରୀ ହଜ୍‌ରତ୍ ନୱାବ୍ ଅବଦୁଲ୍ଲାଃ ଖାନ୍ ସାହେବ୍ ଏବଂ ହଜ୍‌ରତ୍ ନୌୱାବ ଅମତୁଲ୍ ହଫିଜ୍ ବେଗମ୍ ସାହିବାଙ୍କା ସହି ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ପଢ଼ାଇଲେ । ତାଙ୍କ ସନ୍ତନାମାନଙ୍କ ମଧ୍ୟରୁ ତାଙ୍କ ବଡ ଝିଅ ନୁସ୍‌ରତ୍ ଜାହାଁ ସାହିବା ଯିଏ ହେଉଛନ୍ତି ମିର୍ଜା ନଶିର ଅହେମଦ୍ ତାରିକ୍ ଓ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବଙ୍କ ନାତି ଅଟନ୍ତି । ପୁଣି ତାଙ୍କର ପୁଅ ଅଛନ୍ତି, ମିର୍ଜା ମେହ୍‌ମୁଦ୍ ଅହେମଦ୍ । ପୁଣି ତାଙ୍କର ଝିଅ ହେଉଛନ୍ତି ଦୁର୍‌ରେ ସମିନ, ଯିଏ ମିର୍ ମେହ୍‌ମୁଦ୍ ଅହେମଦ୍ ସାହେବ୍‌ଙ୍କର ବୋହୁ । ପୁଣି ତାଙ୍କର ପୁତ୍ର ଥିଲେ ମିର୍ଜା ଗୁଲାମ୍ କାଦିର୍ ସାହେବ୍ ଶହିଦ୍ ଓ ତାଙ୍କର ସ୍ତ୍ରୀ ଅଛନ୍ତି ଯାହାଙ୍କର ନାମ ହେଉଛି ଅମତୁଲ୍ ନାସିର୍, ଯିଏ ହେଉଛନ୍ତି ଶରୀୟତ୍ ମୀର୍ ଦାଉଦ୍ ଅହେମଦ୍ ସାହେବଙ୍କ ଝିଅ । ପୁଣି ତାଙ୍କର ଆଉଜଣେ ଝିଅ ହେଉଛନ୍ତି ଫାଇଜା ସାହିବା, ଯିଏ ହେଉଛନନ୍ତି ସୟଦ୍ ମୁଦସିର୍ ଅହେମଦ୍ ସାହେବ୍‌ଙ୍କ ସ୍ତ୍ରୀ ଓ ସେ ମଧ ୱାକିଫେ ଜିନ୍ଦେଗୀ ଅଟନ୍ତି ।

ଜୁଲାଇ ୧୯୫୪ ମସିହାରେ ମୋକରମ୍ ସାହେବ୍‌ଜାଦା ମିର୍ଜା ମଜିଦ୍ ଅହେମଦ୍ ସାହେବ୍ ଶାହିଦ୍ ଡିଗ୍ରୀ ହାସଲ କଲେ । ତାଙ୍କର ପ୍ରଥମ ନିଯୁକ୍ତ ୨୦ ସେପ୍ଟେମ୍ବର୍ ୧୯୫୪ ମସିହାରେ ତାଲିମୁଲ୍ ଇସ୍‌ଲାମ୍ କଲେଜ ରବ୍‌ୱାରେ ହେଲା । ୪ନଭେମ୍ବର୍ ୧୯୫୬ ମସିହାରେ ତହ୍‌ରିକ୍ ଯଦିଦ୍ ଅନ୍ତର୍ଗତ ଘାନାର ସହର କମାସି ଠାରେ ସ୍କୁଲ୍‌ର ପ୍ରିନ୍‌ସିପାଲ୍ ରୂପେ ପଠାଗଲା । ୨୪ ଡିସେମ୍ବର୍ ୧୯୬୩ ମସିହାରେ ପାକିସ୍ତାନ୍ ଫେରିଆସିଲେ । ପୁଣି ଏପ୍ରିଲ୍ ୧୯୬୪ ମସିହାରେ ତାଲିମୁଲ୍ ଇସ୍‌ଲାମ୍ କଲେଜ୍‌ରେ ପୁନର୍ବାର ନିଯୁକ୍ତି ମିଳିଲା । ପୁଣି ଯେତେବେଳେ ତାଲିମୁଲ୍ ଇସ୍‌ଲାମ୍ କଲେଜ୍ ଭୁଟ୍ଟୋ ସାହେବ୍‌ଙ୍କ ସମୟରେ ଜାତିୟକରଣ ହେଲା ତେବେ ଅପ୍ରିଲ୍ ୧୯୭୫ ମସିହାରେ ଆପଣ ଜାତୀୟକରଣ ହେବା ପରେ ସେଠାରୁ ଇସ୍ତଫା ଦେଇଦେଲୋ ଓ ଅଞ୍ଜୁମନ୍‌ରେ ରିପୋର୍ଟ୍ କରିଲେ କି ମୁଁ ହେଉଛି ୱାକିଫେ ଜିନ୍ଦେଗୀ । ୩ ଜୁଲାଇ ୧୯୭୫ ମସିହାରେ ଆପଣଙ୍କୁ ନାଏବ୍ ନାଜିର୍ ତାଲିମ୍ ରୂପେ ନିଯୁକ୍ତି ଦିଆଗଲା । ୧୯୭୬ ମସିହାରେ ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ଆମେରିକା ଓ ୟୁରୋପ୍ ଦେଶଗୁଡିକର ଗସ୍ତରେ ଯାଇଥିଲେ ସେତେବେଳେ ମିର୍ଜା ମଜିଦ୍ ଅହେମଦ୍ ସାହେବ୍ ପ୍ରାଇଭେଟ୍ ସେକ୍ରେଟାରୀ ରୂପେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍‌ଙ୍କ ସହିତ ଥିଲେ । ୧୯୭୮ ମସିହାରେ ତାଙ୍କୁ ନାଏବ୍ ନାଜିର୍ ଆଲା ରୂପେ ନିଯୁକ୍ତି ଦିଆଗଲା ଏବଂ ୧୯୮୪ ମସିହାରେ ସେ ରିଟାର୍ଡ୍ ହେଲେ । ତାଙ୍କ ଜ୍ୱାଇଁ ସୟଦ୍ ମୁଦସିର୍ ଅହେମଦ୍ କହୁଛନ୍ତି କି ସେ ସିରତୁଲ୍ ମେହ୍‌ଦୀର କିଛି ଭାଗ ଇଂରାଜୀ ଭାଷାରେ ଅନୁବାଦ କରିଛନ୍ତି ଓ ଅଲ୍‌ଫଜଲ୍‌ରେ ନିୟମିତ ରୂପେ ସନ୍ଦର୍ଭ ଲେଖୁଥିଲେ । ଜଣେ ଜ୍ଞାନୀ ଲୋକ ଥିଲେ । ଏହି ସବୁ ବିଷୟଗୁଡିକୁ ଏକ ପୁସ୍ତକ ଆକାରରେ ''ନୁକ୍‌ତାଏ ନଜର୍'' ନାମରେ ଛପାଯାଇଛି । ପଢ଼ିବା ଲେଖିବାର ବହୁତ ସଉକ ଥିଲା । ମୁଁ ମଧ ତାଙ୍କୁ ଦେଖିଛି କି ଅଧିକାଂଶ ସମୟ ଲାଇବ୍ରେରିରେ ଅଧ୍ୟୟନ କରି ସମୟ ବିତାଉଥିଲେ । ତାଙ୍କ ବୋହୁ ମିର୍ଜା ଗୁଲାମ୍ କାଦିର୍ ଶହିଦ୍‌ଙ୍କ ବେୱା ଅମତୁନ୍ ନାସିର୍ ଲେଖୁଛନ୍ତି କି ସେ ବହୁତ ପ୍ରେମ କରିବା ବାଲା (ସ୍ନେହୀ) ଓ ଉଚ୍ଚ ସମ୍ପନ୍ନ ବ୍ୟକ୍ତିତ୍ୱର ମାଲିକ ଥିଲେ । ପିଲାମାନଙ୍କୁ ବହୁତ ପ୍ରେମ କରୁଥିଲେ । ନିଷ୍ଠାବାନ୍ ଓ ଖୋଲା ହୃଦୟର ବ୍ୟକ୍ତି ଥିଲେ । ଏହା ତାଙ୍କର ବହୁତ ବଡ ସୁଗୁଣ ଥିଲା କି ସେ ସବୁ ବୟସର ଲୋକମାନଙ୍କ ସହିତ ଆଡ୍‌ଜଷ୍ଟ୍ ହୋଇଯାଉଥିଲେ ଓ ଜଣେ ବନ୍ଧୁଙ୍କ ପରି ସେମାନଙ୍କ ପରି ବ୍ୟବହାର କରୁଥିଲେ । ପିଲାମାନଙ୍କ ସହିତ ମଧ, ବଡ ମାନଙ୍କ ସହିତ ମଧ ଓ ଯୁବକମାନଙ୍କ ସହିତ ମଧ । ପୁଣି ସେ ଲେଖୁଛନ୍ତି କି ''ନିଜ ପୁଅ ମିର୍ଜା ଗୁଲାମ୍ କାଦିର୍ ଶହିଦ୍‌ଙ୍କ ସାହାଦତ୍ ସମୟରେ ବହୁତ ଧୈର୍ଯ୍ୟ ଦେଖାଇଛନ୍ତି । ପୁଣି ସେ କହୁଛନ୍ତି କି ଶାହାଦତ୍ ହେବା ପରେ ମିର୍ଜା ମଜିଦ୍ ଅହେମଦ୍ ସାହେବ୍ ଓ ତାଙ୍କ ସ୍ତ୍ରୀ ଅତ୍ୟଧିକ ମାତ୍ରାରେ କାଦିର୍ ଶହିଦ୍‌ଙ୍କ ପିଲାମାନଙ୍କର ଧ୍ୟାନ ରଖୁଥିଲେ । ପୁଣି ବହୁତ ଦିନ ବେମାର୍ ରହିଲେ । ଏଥିରେ ମଧ ବହୁତ ଧୈର୍ଯ୍ୟ ଓ ସାହସ ଦେଖାଇ ଦିନ କାଟିଲେ । ତାଙ୍କ ପ୍ରକୃତିରେ କ୍ରୋଧ ନଥିଲା । ଯାହାଙ୍କ ସହିତ ମଧ ସମ୍ପର୍କ ରଖୁଥିଲେ ବହୁତ ନିଷ୍ଠାର ସହିତ ରଖୁଥିଲେ । ସେହିପରି କର୍ମଚାରୀମାନଙ୍କର ମଧ ଧ୍ୟାନ ରଖୁଥିଲେ'' । ତାଙ୍କ ଜ୍ୱାଇଁ ମିର୍ଜା ନସିର୍ ଅହେମଦ୍ ସାହେବ୍ ଲେଖୁଛନ୍ତି କି ''ମିର୍ଜା ମଜିଦ୍ ଅହେମଦ୍ ସାହେବ୍ ଉତମ ରାୟ ପ୍ରଦାନକାରୀ ଥିଲେ ଓ ବହୁତ ସ୍ୱଷ୍ଟ ରାୟ ରଖୁଥିଲେ । ଏପରି ନୁହେଁ କି ଯେଉଁ ରାୟ ଚାଲିଛି ସେଥିରେ ହଁ କରୁଥିଲେ ବରଂ ଯାହା ଠିକ୍ ହେଉଥିଲା ତାହା ମୁତାବକ ନିଜ ରାୟକୁ ପ୍ରକାଶ କରୁଥିଲେ'' । ଅଲ୍ଲାଃତାଲା ତାଙ୍କ ସହିତ ମଗ୍‌ଫିରତ୍ ଓ ରହେମ୍‌ର ବ୍ୟବହାର କରନ୍ତୁ ଓ ତାଙ୍କର ପିଲାମାନଙ୍କୁ ମଧ ତାଙ୍କ ପୁଣ୍ୟଗୁଡିକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ସେମାନଙ୍କୁ ସର୍ବଦା ଖିଲାଫତ୍ ଓ ଜମାତ୍ ସହିତ ଯୋଡି ରଖନ୍ତୁ ।

ଦ୍ୱିତୀୟ ଯନାଜାଃଟି ହେଉଛି ମୋକରମା ସୟଦା ନସିମ୍ ଅଖ୍‌ତର୍ ସାହିବାଙ୍କର, ଯିଏ ହେଉଛନ୍ତି ମୁହମ୍ମଦ୍ ୟୁସୁଫ୍ ସାହେବ୍ ଆମ୍ବାନୁରିଆ, ଜିଲ୍ଲା-ଶେଖପୁରାଙ୍କ ସ୍ତ୍ରୀ । ତାଙ୍କର ଦେହାନ୍ତ ୨୭ ଜୁଲାଇ ୨୦୧୮ ଦିନ ହେଲା । ଇନ୍ନାଲିଲ୍ଲା ହେ ୱ ଇନ୍ନା ଇଲୈ ହେ ରାଜେଉନ୍ । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବୀ ହଜ୍‌ରତ୍ ୱଲି ମୁହମ୍ମଦ୍ ସାହେବ୍‌ଙ୍କର ହେଉଛନ୍ତି ନାତୁଣୀ ଓ କାଜି ଦିନ୍ ମୁହମ୍ମଦ୍ ସାହେବ୍‌ଙ୍କର ଝିଅ । ଦେଶ ବିଭାଜନ ହେବା ପରେ ତାଙ୍କର ବାପା ନିଜର କୁଟୁମ୍ବକୁ ନେଇ କାଦିଆନ୍‌ରୁ ହିଜ୍‌ରତ କରି ରବ୍‌ୱା ଚାଲିଗଲେ । ବିବାହ ପରେ ନିଜ ଗ୍ରାମ ଆମ୍ବାଲୁରିଆଠାରେ ଜୀବନ ଅତିବାହିତ କଲେ । ଏହି ସମୟରେ ବିଭିନ୍ନ ଜମାତି ୱହ୍‌ଦାରେ ସେବା କରିବା ପାଇଁ ସୌଭାଗ୍ୟ ପାଇଲେ । ୧୮ବର୍ଷ ସ୍ଥାନୀୟ ମଜ୍‌ଲିସ୍‌ର ସଦର୍ ଲଜ୍‌ନା ରୂପେ ମଧ ରହିଛନ୍ତି । ନମାଜ ଓ ରୋଜାର ନିୟମିତ ଥିଲେ । ତହ୍‌ଯୁଦ୍ ନମାଜ ପଢୁଥିଲେ । ଗରିବ ଦୁଃଖୀ ଦରିଦ୍ରଙ୍କ ଧ୍ୟାନ ରଖୁଥିଲେ, ପଡୋଶୀମାନଙ୍କ ସହିତ ଉତମ ବ୍ୟବହାର କରୁଥିଲେ । ସାଧା ଓ ବିନମ୍ରତା ମିଜାଜ୍‌ର ଥିଲେ । ବହୁତ ନିଷ୍ଠାବାନ୍ ମହିଳା ଥିଲେ । ପବିତ୍ର କୋରାନ୍ ନିୟମିତ ପାଠ କରୁଥିଲେ ଏବଂ ତତ୍ ସହିତ ଏହାର ଅନୁବାଦ ମଧ ପଢୁଥିଲେ । ଚିନ୍ତା କରିବାର ଅଭ୍ୟାସ ଥିଲା ଓ ପୁଣି ତା ଉପରେ ଅମଳ କରିବା ପାଇଁ ମଧ ଚେଷ୍ଟା କରୁଥିଲେ । ପିଲାମାନଙ୍କୁ କୋରାନ୍ କରିମ୍ ପଢ଼ାଉଥିଲେ । ଏହିପରି ବହୁତ ସଂଖ୍ୟାରେ ଅହେମଦୀ ଓ ଅଣଅହେମଦୀ ପିଲାମାନେ ତାଙ୍କଠାରୁ କୋରାନ୍ ପଢ଼ିଛନ୍ତି । ତାଙ୍କର ଜଣେ ପୁତ୍ର ମାଲି ଦେଶ ପଶ୍ଚିମ ଆଫ୍ରିକାରେ ମୁବଲିଗ୍ ଅଛନ୍ତି । ମାଲି ଦେଶରେ ଯେତେବେଳେ ତାଙ୍କୁ ନିଯୁକ୍ତି ମିଳିଲା ସେତେବେଳେ ପଶ୍ଚିମ ଆଫ୍ରିକାରେ ଇବୋଲା ରୋଗ ବ୍ୟାପିଯାଇଥିଲା । କୌଣସି ଜଣେ ଅଣ ଜମାତ ବ୍ୟକ୍ତି ତାଙ୍କୁ କହିଲେ ଯେ ଆପଣଙ୍କୁ ଦରକାର କି ଆପଣ ନିଜ ପୁଅକୁ ଏପରି ପରିସ୍ଥିତିରେ ସେଠାକୁ ପଠାନ୍ତୁ ନାହିଁ । ସେଠାରେ ତ ବହୁତ ବଡ ମହାମାରୀ ବ୍ୟାପିଛି । ଏଥିରେ ସେ ତତ୍‌କ୍ଷଣାତ୍ ଉତର ଦେଲେ କି ମୁଁ ମୋର ଦୁଇଜଣ ପୁତ୍ର (ତାଙ୍କର ଦୁଇଜଣପୁତ୍ର ୱାକିଫେ ଜିନ୍ଦେଗୀ ଓ ମୁରବୀ ଅଛନ୍ତି)ଙ୍କୁ ଖୁଦାଙ୍କ ମାର୍ଗରେ ବହୁତ ଦୁଆ କରିବାପରେ ୱକ୍‌ଫ୍ କରିଛି ଓ ୱକ୍‌ଫ୍ କରିବା ପରେ ବର୍ତମାନ ସେ ହେଉଛନ୍ତି ଅଲ୍ଲାଃତାଲାଙ୍କର । ବର୍ତମାନ ଏଥିରେ ମୋତେ କୌଣସି ପରବାୟ ନାହିଁ କି ଖୁଦାତାଲା ତାଙ୍କଠାରୁ କେଉଁଠି ଓ କିପରି ସେବାନେବେ । ମୋତେ ତ ଏକଥାରେ ବହୁତ ଗର୍ବ ଅନୁଭବ ହେଉଛି କି ଖୁଦାତାଲା ମୋ ପିଲାମାନଙ୍କୁ ତାର ସେବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି । ନିଜ ପିଲାମାନଙ୍କୁ ମଧ ଏହି ଉଦଦେଶ ଦେଉଥିଲେ କି ଯଦି ତୁମମାନଙ୍କୁ ଖିଦ୍‌ମତ୍ କରିବାର ଅବସର ଖୁଦାତାଲା ଦେଇଛନ୍ତି ତେବେ ସର୍ବଦା ଅଲ୍ଲାଃତାଲାଙ୍କ ସହିତ ଓ ନିଜ ୱକ୍‌ଫ୍ ସହିତ ଭକ୍ତି କରିବ । ମର୍‌ହୁମା ମୁସିୟା ଥିଲେ । ତାଙ୍କର ପୁତ୍ର ନାସିର୍ ଅହେମଦ୍ ନାସିର୍ ସାହେବ୍ ମାଲିରେ ମୁବଲିଗ୍ ସିଲ୍‌ସିଲା ଅଛନ୍ତି ଏବଂ ଅନ୍‌ସର୍ ମେହ୍‌ମୁଦ୍ ସାହେବ୍ ପାକିସ୍ତାନ୍‌ରେ ମୁରବୀ ସିଲ୍‌ସିଲା ଅଛନ୍ତି । ତାଙ୍କର ଯେଉଁପୁତ୍ର ମାଲି ଦେଶରେ ଅଛନ୍ତି ସେ ତାଙ୍କ ଯନାଜାଃରେ ମଧ ଯୋଗ ଦେଇପାରିନାହାଁନ୍ତି । ଅଲ୍ଲାଃତାଲା ତାଙ୍କୁ ମଧ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ଓ ମର୍‌ହୁମାଙ୍କ ପଦମର୍ଯ୍ୟାଦା ଉଚ୍ଚରୁ ଉଚ୍ଚତର କରନ୍ତୁ । ତାଙ୍କ ପୁଣ୍ୟ ଗୁଡିକୁ ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ଜାରି ରଖନ୍ତୁ ।

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ଅନ୍ୟମାନଙ୍କ ଦ୍ୱାରା ହୋଇଥିବା ଅନୁବାଦରେ ଏପରି କୌଣସି ବଡ ଫରକ ଦୃଷ୍ଟିଗୋଚର ହୁଏନାହିଁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମ ଅନୁବାଦକୁ ଆପଣମାନେ ପଢ଼ିପାରିବେ । ଆପଣ ଅନ୍ୟ ଓ୍ୱଲେମାମାନଙ୍କୁ ନେଇ ଦେଖାନ୍ତୁ ଓ ସେମାନଙ୍କୁ ବତାନ୍ତୁ ନାହିଁ କି ଏହା ଜମାତ୍ ଅହେମଦୀୟାର ଅନୁବାଦ ବୋଲି, ତେବେ ଆପଣ ଦେଖିବେ କି ସେମାନେ କହିବେ ଏହା ତ ବହୁତ ଭଲ ଅନୁବାଦ ଅଟେ ।

ପୁଣି ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ ପଚାରିଲେ- କଠୋରପନ୍ଥୀ କାର୍ଯ୍ୟକଳାପ ସୃଷ୍ଟି କରିବାରେ କୌଣସି ପ୍ରକାର ବିଶେଷ କାରଣ ଅଛି କି ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏଥିରେ କିଛିଟା Geo Political କାରଣ ଅଛି । ଆମେରିକାର ଇରାକ୍ ଉପରେ ଆକ୍ରମଣ ହେବାଦ୍ୱାରା ଅବସ୍ଥା ଖରାପ ହେବା ଆରମ୍ଭ ହୋଇଗଲା । ପୁଣି ତା ପରେ ସିରିଆରେ ଅଲୱି (ହଜରତ୍ ଅଲୀଙ୍କୁ ମାନୁଥିବା ଲୋକେ) ଏବଂ ସୁନି ମାନଙ୍କ ମଧ୍ୟରେ ଯୁଦ୍ଧ ହେଉଛି । ଏହାଦ୍ୱାରା ମୁସଲମାନ୍ ଦେଶଗୁଡିକର ଅବସ୍ଥା ଖରାପ ହୋଇଗଲାଣି । ସିରିଆ ଦେଶରେ ବହୁ ସଂଖ୍ୟକ ଲୋକେ ହେଉଛନ୍ତି ସୁନୀ । ପୁଣି ବଡ ବଡ ଶକ୍ତିଶାଳୀ ରାଷ୍ଟ୍ର ଗୁଡିକର ଏଥିରେ ହସ୍ତକ୍ଷେପ ହେଉଅଛି ଏବଂ ବିଭିନ୍ନ ସଂଗଠନ ଗୁଡିକୁ ଅସ୍ତ୍ରଶସ୍ତ୍ର ସପ୍ଲାଇ କରାଯାଇଛି । ବର୍ତ୍ତମାନ ଏମାନଙ୍କର ଯେଉଁ ଅବସ୍ଥା ରହିଛି ତାହା ନିୟନ୍ତ୍ରଣର ବାହାରକୁ ଚାଲିଗଲାଣି ଏବଂ ବର୍ତ୍ତମାନ ସେହି ଲୋକମାନେ ପୃଥିବୀର ବିଭିନ୍ନ ଦେଶର ଅନେକ ଲୋକଙ୍କୁ ନିଜ ସହିତ ଏକତ୍ରିତ କରିସାରିଲେଣି ଯଦ୍ୱାରା ଅବସ୍ଥା ଆହୁରି ଖରାପ ହୋଇଗଲାଣି ।

ଏଥିରେ ଜର୍ନାଲିଷ୍ଟ୍ ଜଣକ କହିଲେ କି ଆପଣଙ୍କ କହିବାର ଅର୍ଥ ହେଉଛି ଯେ ସବୁକିଛି ରାଜନୀତି ଯୋଗୁଁ ହେଉଅଛି, ଧର୍ମପାଇଁ ନୁହେଁ ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ କହିଲେ- ଯାହାକିଛି ମଧ୍ୟ ଯୁଦ୍ଧ ହେଉଅଛି ସେଗୁଡିକ ସେମାନଙ୍କର ରାଜନୈତିକ ଲାଭ ପାଇଁ ହେଉଅଛି । ବର୍ତ୍ତମାନ ସେହି ସବୁ ସନ୍ତ୍ରାସବାଦ ଗୋଷ୍ଠୀମାନଙ୍କର ଆୟ ତେଲରୁ ହିଁ ହେଉଅଛି । ସରକାର ଓ ବଡ ବଡ ଶକ୍ତିଶାଳୀ ରାଷ୍ଟ୍ରମାନେ ସେମାନଙ୍କ ଉପରେ ପ୍ରତିବନ୍ଧକ କାହିଁକି ଲଗାଉନାହାଁନ୍ତି । ଏହି ତେଲଗୁଡିକ କୌଣସି କାର, ବୋଟ୍ ଇତ୍ୟାଦିରେ ପରିବହନ ତ ହେଉନାହିଁ । ଏହାସବୁ ବଡ ବଡ କଂଟେନରରେ ରପ୍ତାନୀ ହେଉଛି ଓ ବଡ ବଡ ପାଣିଜାହାଜରେ ରପ୍ତାନୀ ହେଉଅଛି । ଏବେ ଦେଖିବା କଥା ହେଉଛି ଏହା କି ସେମାନେ କିପରି ଏକ୍ସପୋର୍ଟ୍ କରୁଛନ୍ତି ଓ କିପରି ଅର୍ଥ ହାସଲ କରୁଛନ୍ତି । ସେମାନଙ୍କ ଉପର ପ୍ରତିବନ୍ଧକ କାହିଁକି ଲଗାଯାଇପାରୁନାହିଁ ।

ଜର୍ନାଲିଷ୍ଟ୍ ଜଣକ କହିଲେ ତେବେ ଆପଣ ଏହା ଭାବୁଛନ୍ତି କି ଇସ୍ଲାମିକ୍ ରୁଲ୍ର ସବୁଠାରୁ ବଡ ସମସ୍ୟା ହେଉଛି ଜିଓ ପଲିଟିକାଲ୍ ସମସ୍ୟା ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବିଲ୍କୁଲ୍ ଠିକ୍ କଥା ଓ ଯେବେ ସେମାନେ ଏ ନିଷ୍ପତି ନେଇନେବେ କି ଏହିସବୁ ରପ୍ତାନୀ ଗୁଡିକୁ ଓ କାର୍ଯ୍ୟକଳାପକୁ ରୋକିବୁ ଓ ସେମାନଙ୍କ ବିରୋଧରେ କାରବାଇ କରିବୁ ତେବେ ଏହି ଯୁଦ୍ଧ ରୋକାଯାଇପାରିବ ।

ପୁଣି ହଜୁର୍ ଅନୁଓ୍ୱର୍ କହିଲେ-ଯଦି ସେମାନଙ୍କର ସପ୍ଲାଇ ଲାଇନ୍କୁ ଶେଷ କରିଦିଆଯିବ ଓ ସେମାନଙ୍କର ଫଣ୍ଡିଂକୁ ରୋକି ଦିଆଯିବ ଓ ସେମାନଙ୍କ ଅଏଲ୍ ଏକ୍ସପୋର୍ଟ୍କୁ ବନ୍ଦ କରିଦିଆଯିବ ତେବେ ଯାଇ ସବୁକିଛି ହୋଇପାରିବ । ସେମାନଙ୍କ ନିକଟରେ ଯୁଦ୍ଧାସ୍ତ୍ରର କୌଣସି ଫାକ୍ଟ୍ରି ତ ନାହିଁ । ତେଣୁ ଏମାନେ ଧିରେଧିରେ ନିରସ୍ତ୍ର ହୋଇଯିବେ ।

ଜର୍ନାଲିଷ୍ଟ୍ ଜଣକ ପୁଣି ପଚାରିଲେ କି ଯଦି ଆପଣଙ୍କୁ କେବେ ମୁସଲ୍ମାନ୍ ମାନଙ୍କ ଲିଡରମାନଙ୍କୁ ଉପଦେଶ ଦେବାପାଇଁ ଅବସର ମିଳେ ତେବେ ଆପଣ କଣ ଉପଦେଶ ଦେବେ ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯେଉଁସବୁ ମୁସଲ୍ମାନ୍ ଦେଶଗୁଡିକ ଅଛନ୍ତି ସେମାନେ ଆମକୁ ପସନ୍ଦ କରୁନାହାଁନ୍ତି । ଓ୍ୱାହାବି ଅଛନ୍ତି ଏବଂ ସଲଫି ଅଛନ୍ତି । ସଲଫି ସମ୍ପ୍ରଦାୟର ଲୋକେ ଭୀଷଣ ଚରମପନ୍ଥୀ ଅଟନ୍ତି । ସେଠିକାର ଓ୍ୱଲେମାମାନେ ଲୋକମାନଙ୍କର ବ୍ରେନ୍ ଓ୍ୱାସ୍ କରିଛନ୍ତି । ଯେପର୍ଯ୍ୟନ୍ତ ସରକାରଙ୍କ ତରଫରୁ ଓ୍ୱଲେମାମାନଙ୍କ ଉପରେ କଠୋର ପଦକ୍ଷେପ ନ ନିଆଯାଇଛି ସେପର୍ଯ୍ୟନ୍ତ ସେମାନେ ସୁଧୁରିବେ ନାହିଁ । ଯଦି ସରକାର ବହୁତ ଶକ୍ତିଶାଳୀ ଓ ମଜ୍ବୁତ୍ ଅଛି କି ସେହି ଓ୍ୱଲେମାମାନଙ୍କୁ ନିୟନ୍ତ୍ରଣ କରିପାରିବେ ତେବେ ସେମାନେ ଅଣ୍ଡର୍ ଗ୍ରାଉଣ୍ଡ୍ ହୋଇଯିବେ ବା ପୁଣି Low Profile ହୋଇଯିବେ । ସେମାନଙ୍କର ପ୍ରଭାବ ସାଧାରଣ ଲୋକମାନଙ୍କ ଉପରେ କମ୍ ପଡ଼ିବ । ବର୍ତ୍ତମାନ ସେଠାରେ ଏପରି ଅବସ୍ଥା ଅଛି କି ସେମାନଙ୍କ ନିଜ ଲୋକମାନେ ମଧ୍ୟ ତାଙ୍କଠାରୁ ଅସନ୍ତୁଷ୍ଟ ।

ଜର୍ନାଲିଷ୍ଟ୍ ଜଣକ ପୁଣି ପ୍ରଶ୍ନ ପଚାରିଲେ କଣ ସାଉଦିଆରବ ସିକ୍ୟୁଲାର୍ ଦେଶ ହୋଇପାରିବ ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ସାଉଦୀ ଆରବ ସିକ୍ୟୁଲାର୍ ଦେଶ ହୋଇପାରିବ ନାହିଁ । ସେ ହେଉଛି ସାରା ପୃଥିବୀର ମୁସଲ୍ମାନ୍ ମାନଙ୍କର କେନ୍ଦ୍ରସ୍ଥଳୀ । ସେଠି ମୁସଲ୍ମାନ୍ ମାନଙ୍କ କେନ୍ଦ୍ର ମକା ଏବଂ ମଦିନା ରହିଛି । ପ୍ରତ୍ୟେକ ବ୍ୟକ୍ତି ସେଠାକୁ ଯାଇପାରିବେ । ସେଠାକୁ ଯିବାପାଇଁ କୌଣସି ପ୍ରତିବନ୍ଧକ ନାହିଁ । କେବଳ ସେହି ବ୍ୟକ୍ତି ଯାଇପାରିବ ନାହିଁ ଯିଏ ପ୍ରତିମା ପୂଜା କରେ ଅର୍ଥାତ୍ ମୁସ୍ରିକ୍ ସେଠାକୁ ଯାଇପାରିବେ ନାହିଁ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ବ୍ୟକ୍ତି ସେଠାକୁ ବିନା କୌଣସି ପ୍ରତିବନ୍ଧକରେ ଯାଇପାରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସାଉଦୀଆରବ ହେଉଛି ସେହି ପବିତ୍ର ସ୍ଥଳୀ ଗୁଡିକର କଷ୍ଟଡିୟାନ୍ ଅର୍ଥାତ୍ ଓ୍ୱାଲି । ଯଦି ସେ ସିକ୍ୟୁଲାର୍ ଶାସକର ନିଷ୍ପତି କରିବ ତେବେ ମକା ଏବଂ ପବିତ୍ର ପୀଠ ଗୁଡିକର ଓ୍ୱାଲି ହେବାର ପୋଜିସନ୍‌ରେ ପରିବର୍ତ୍ତନ ଆସିପାରେ । ପୁଣି କହିଲେ ପ୍ରଜା ଏହି ସରକାରଙ୍କଠାରୁ ଅସନ୍ତୁଷ୍ଟ ଅଛନ୍ତି ଓ ପରିବର୍ତ୍ତନ ଚାହୁଁଛନ୍ତି କିନ୍ତୁ କିଛି କରିପାରୁନାହାଁନ୍ତି, କିଏ ଅଛି ଯିଏ ଆଗକୁ ଆସିବ ଓ ଏ କାର୍ଯ୍ୟ କରିବ ।

ଏହାର ଉଦାହରଣ ଏପରି ଦିଆଯାଇପାରିବ କି ମୂଷାମାନେ ଗୋଟିଏ ପ୍ରୋଗ୍ରାମ୍ କଲେ ଓ ସେଥିରେ ଜଣାଇଲେ କି ବିଲେଇ ଆମ ଉପରେ ଆକ୍ରମଣ କରୁଛି ଓ ଆମକୁ ଖାଇଯାଉଛି । ବିଲେଇର ଆକ୍ରମଣରୁ ବଂଚିବା ପାଇଁ ଗୋଟିଏ ଉପାୟ ଏପରି କରାଯାଉ କି ବିଲେଇର ଗଳାରେ ଗୋଟିଏ ଘଂଟି ବାନ୍ଧିଦିଆଯାଉ । ଫଳତଃ ଯେତେବେଳେ ବିଲେଇ ଆମପାଖକୁ ଆସିବ ସେତେବେଳେ ଘଂଟିଟି ବାଜିବ ଓ ଆମେ ଏହି ଘଂଟିର ଶବ୍ଦ ଶୁଣି ପଳେଇଯିବା । ଏହି ଉପାୟଟି ତ ପାଂଚିଦେଲେ କିନ୍ତୁ ଏବେ ପ୍ରଶ୍ନ ହେଉଛି ଏହା କି ବିଲେଇର ଗଳାରେ ଘଂଟି କିଏ ବାନ୍ଧିବ । ତେବେ ଏହିପରି ଅବସ୍ଥା ଏଠି ଅଛି । ସେମାନେ ପ୍ଲାନିଂ ତ କରୁଛନ୍ତି । ଯୋଜନା ତ ତିଆରି କରୁଛନ୍ତି କିନ୍ତୁ କଥା ଏଇଠି ଆସି ଶେଷ ହୋଇଯାଉଛି ଯେ ସେହିସବୁ ଯୋଜନା ଗୁଡିକ କିପରି କାର୍ଯ୍ୟକାରୀ ହେବ ।

ଜର୍ନାଲିଷ୍ଟ୍ ଜଣକ ପୁଣି ପଚାରିଲେ ତାହାହେଲେ ଆପଣଙ୍କ କଥାକୁ କେହି ଶୁଣୁନାହାଁନ୍ତି ।

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମେ ନିରାଶ ହୋଇନାହୁଁ । ଆମେ ସାହସ ହରାଇବୁ ନାହିଁ । ଯଦି ଏମାନେ ନୁହଁନ୍ତି ତେବେ ଏମାନଙ୍କ ବଂଶଜ ଇସ୍ଲାମ୍ ଗ୍ରହଣ କରିବେ ଓ ଏମାନଙ୍କ ଆଚରଣରେ ପରିବର୍ତ୍ତନ ଆସିବ । ଆମେ ଏ ଦୁଆ କରୁଅଛୁ କି ଆମ ଜେନେରେସନ୍‌ରେ ଏପରି ହେଉ । ଯଦି ଆମ ଜେନେରେସନ୍‌ରେ ନ ହେବ ତେବେ ଇନ୍‌ଶାଅଲ୍ଲାଃ ଆସନ୍ତା ଜେନେରେସନ୍‌ରେ ହେବ ଏବଂ ଲୋକମାନେ ପ୍ରକୃତ ଇସ୍ଲାମ୍‌କୁ ଗ୍ରହଣ କରିବେ ।

ଜର୍ନାଲିଷ୍ଟ୍ ଜଣକ ପୁଣି ପଚାରିଲେ କି କିଛି ଲୋକ କହୁଛନ୍ତି ଯେ ଟ୍ୟୁନସ୍‌ରେ ସଫଳତା ମିଳିଛି । ସେଠିକାର ସରକାର ଏବେ ସୁଚାରୁରୂପେ ନିଜ ଦେଶକୁ ସମ୍ଭାଳୁଛନ୍ତି ।

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଟ୍ୟୁନସ୍ ଚରମପନ୍ଥୀଙ୍କ ବିରୋଧରେ କଠୋର ପଦକ୍ଷେପ ନେଇଛି । କୁହାଯାଉଛି ଯେ ସେ Law and order situation କୁ କଂଟ୍ରୋଲ୍ କରୁଅଛି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଆଇ.ଏସ୍ ଓ ଦାଇଶ୍ ଟ୍ୟୁନସ୍ ଯାଉଛନ୍ତି । ଦୁଇ ତିନିମାସ ପୂର୍ବେ ଟ୍ୟୁନସ୍‌ର ଉପକୂଳ ଅଂଚଳରେ ଗୋଟିଏ ବଡ ଧରଣର ଆକ୍ରମଣ ହୋଇଥିଲା ।

ଏଥିରେ ଜର୍ନାଲିଷ୍ଟ୍ ଜଣକ ପଚାରିଲେ ଯେ କେଉଁ ଦେଶ ସମ୍ବନ୍ଧରେ ଏ ଆଶା କରାଯାଇପାରେ କି ସେ ଏହିସବୁ ପରିସ୍ଥିତିରୁ ସୁରକ୍ଷିତ ଅଛି ବୋଲି ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମରାକିଶ୍‌ର ପୋଜିସନ୍ ବର୍ତ୍ତମାନ ଠିକ୍ ଅଛି । ଏହି ଦେଶରେ ଚରମପନ୍ଥୀ ଗୋଷ୍ଠୀମାନେ ଅଧିକା ନାହାଁନ୍ତି ଏବଂ ଯାହାକିଛି ଅଛନ୍ତି ସରକାର ସେମାନଙ୍କୁ କଠୋରତାର ସହିତ ରୋକୁଛନ୍ତି ଓ ଏହା ହିଁ ସର୍ବୋତ୍କୃଷ୍ଟ ସମାଧାନ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବର୍ତ୍ତମାନ ସନ୍ତ୍ରାସବାଦ ଅନ୍ୟ ଦେଶଗୁଡିକରେ ବଢ଼ିଚାଲିଛି । ସେଇଥିପାଇଁ ବର୍ତ୍ତମାନ ରୋକିବା କଠିନ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମେରିକୀୟ ଆର୍ମି ସିରିଆ ସରକାରଙ୍କ ସହିତ ଲଢ଼ିବା ପାଇଁ ବିଦ୍ରୋହୀ ମାନଙ୍କୁ ଟ୍ରେଣ୍ଡ୍ କରିଛି । ଯେତେବେଳେ ଏହି ଲୋକମାନେ ପ୍ରସ୍ତୁତ ହୋଇଗଲେ ସେମାନେ ନିଜ ନିଜର ଅସ୍ତ୍ର ସହିତ ଆଉଗୋଟିଏ ଚରମପନ୍ଥୀ ଗୋଷ୍ଠୀ Alnusra ସହିତ ସାମିଲ୍ ହୋଇଗଲେ । ଆମେରିକାକୁ ଏହି ପଲିସି ଦ୍ୱାରା କଣ ଲାଭ ମିଳିଲା । ଏହା ଗୋଟିଏ ଭୁଲ୍ ପଲିସି ଥିଲା ।

ଜର୍ନାଲିଷ୍ଟ୍ ଜଣକ ପୁଣି ପଚାରିଲେ କି ଆପଣଙ୍କର କହିବା ଅର୍ଥ ହେଉଛି କି ସିରିଆର ରାଷ୍ଟ୍ରପତି ବଶର୍ ଅଲ୍ ଅସଦ୍‌କୁ ସାହାଯ୍ୟ କରିବେ ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯଦି ଆଇ.ଏସ୍ କୁ ରୋକିବାକୁ ହୁଏ ତେବେ ପୂର୍ଣ୍ଣ ବୁଦ୍ଧିମତାର ସହିତ କାର୍ଯ୍ୟପନ୍ଥା ହେବା ଉଚିତ୍ ଓ ସିରିଆ ସରକାରଙ୍କୁ ସହଯୋଗ କରିବା ଉଚିତ୍ । ସିରିଆର ରାଷ୍ଟ୍ରପତି ଅସଦ୍ କହିଥିଲେ ଯେ ତୁମେ ସଦାମ୍ (ଇରାକ୍‌ର ରାଷ୍ଟ୍ରପତି)ଙ୍କ ପରି ମୋତେ ଗାଦିଚ୍ୟୁତ କରିପାରିବ ନାହିଁ ଓ ଏପର୍ଯ୍ୟନ୍ତ ତାଙ୍କର ଏହି କଥା ସଠିକ୍ ପ୍ରମାଣିତ ହୋଇଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆପଣଙ୍କୁ ଏ ନିଷ୍ପତି କରିବାକୁ ହେବ ଯେ କିଏ ହେଉଛି ବଡ ଶତ୍ରୁ । ଅସଦ୍ ବା ଆଇ.ଏସ୍ । ସଂସାରର ଶାନ୍ତିକୁ କିଏ ନିଃଶେଷ କରୁଅଛି । ଅସଦ୍ କରୁଅଛି ବା ଆଇ.ଏସ୍ କରୁଅଛି ।

ତେଣୁ ଯିଏ ହେଉଛି ବଡ ଶତ୍ରୁ, ଯାହାଠାରୁ ଅଧିକା ବିପଦ ସେ ହିଁ ଶାନ୍ତିକୁ ନଷ୍ଟ କରିବ । ତେଣୁ ତାକୁ ନିଃଶେଷ କରିଦେବା ଉଚିତ୍ । ସେହି ସମସ୍ତ ସରକାର ଓ ଗୋଷ୍ଠୀମାନଙ୍କୁ ଆମେ ସହଯୋଗ କରିବା ଉଚିତ୍, ଯେଉଁମାନେ ବଡ ଶତ୍ରୁଙ୍କ ବିରୋଧ କରୁଛନ୍ତି ।

ଜର୍ନାଲିଷ୍ଟ୍ ଜଣକ ଶେଷ ପ୍ରଶ୍ନ ପଚାରିଲେ କଣ ଆପଣଙ୍କୁ ଏ ଆଶା ଅଛି କି ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରିଆସିବ ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ କହିଲେ-ଯଦି ଶାନ୍ତି ସ୍ଥାପନ ନହେବ ତେବେ ପୁଣି ବହୁତ ବଡ ଯୁଦ୍ଧ ସୃଷ୍ଟି ହୋଇଯିବ ଓ ଏହି ଯୁଦ୍ଧରେ ବହୁତ ଗୁଡିକ ଦେଶ ସାମିଲ୍ ହୋଇଯିବେ । ଏହି ବଡ ଯୁଦ୍ଧ ପରେ ଦୁନିଆ ବୁଝିବ ଯେ (ବର୍ତ୍ତମାନ ଆମକୁ) ଈଶ୍ୱରଙ୍କୁ ଆଡକୁ ଫେରିବାକୁ ହେବ । ଏବଂ ଯେତେବେଳେ ଏମାନେ ନିଜ ସୃଷ୍ଟିକର୍ତ୍ତାଙ୍କୁ ଆଡକୁ ଫେରିବେ ସେତେବେଳେ ଜମାତ୍ ଅହେମଦୀୟା ପ୍ରତି ତାଙ୍କର ଧ୍ୟାନ ଆକର୍ଷଣ ହେବ । ଫଳତଃ ଜମାତ୍ ବହୁତ ଶିଘ୍ର ବ୍ୟାପିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ଏମାନେ ନିଜର ଭୁଲ୍‌ଗୁଡିକୁ ସ୍ୱୀକାର କରିନେବେ ଓ ପରିସ୍ଥିତିକୁ ବୁଝିଯିବେ ତେବେ ଯୁଦ୍ଧରୁ ବଂଚିଯିବେ । ଏ ଦୁନିଆ ଏ ସମ୍ବନ୍ଧରେ ଚିନ୍ତା କରୁ କି ଆମେ ବର୍ତ୍ତମାନ କେଉଁ ଧ୍ୱଂସ ଆଡକୁ ଗତି କରୁଛନ୍ତି । ଏକଥାକୁ ଅନୁଭବ କରୁ ଯଦ୍ୱାରା ଧ୍ୱଂସରୁ ବଂଚିଯାଇପାରିବେ । କିନ୍ତୁ ମୋତେ ଏପରି ହେବାର ଦେଖାଯାଉନାହିଁ ।

ଏହି ଇଂଟର୍‌ଭ୍ୟୁ ୫:୩୦ରେ ଶେଷ ହେଲା । ପରିଶେଷରେ ଜର୍ନାଲିଷ୍ଟ୍ ଜଣକ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତର୍ ଭିତରେ ବସି ରହିଲେ ଓ ଦଫ୍‌ତରି ଡାକ ଏବଂ ରିପୋର୍ଟ୍‌ସ୍ ଇତ୍ୟାଦିକୁ ଦେଖିଲେ ଓ ସେଥିରେ ହିଦାୟତ୍ ପ୍ରଦାନ କଲେ ।

**ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଓ୍ୱାକିଫାତେନୌ ଝିଅମାନଙ୍କର କ୍ଲାସ୍**

ଏହାପରେ ପ୍ରୋଗ୍ରାମ୍ ମୁତାବକ ୬:୪୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ରେ ଥିବା ହଲ୍ ଭିତରେ ପ୍ରବେଶ କଲେ, ଯେଉଁଠି ଓ୍ୱାକିଫାତେ ନୌ ଝିଅମାନଙ୍କର କ୍ଲାସ୍‌ର ବ୍ୟବସ୍ଥା କରାଯାଇଥିଲା ।

ପ୍ରୋଗ୍ରାମ୍‌ର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ସହିତ ହେଲା ଯାହାକୁ ଅଜିଜା ଶମାଇଲା କମର୍ ପାଠ କଲେ । ଏହାପରେ ସେହି ଆୟତ

ଗୁଡିକର ଉର୍ଦ୍ଦୁ ଅନୁବାଦ ଅଜିଜା ନାଇଲା ତାହେର୍ ପଢ଼ି ଶୁଣାଇଲେ । ଏହାପରେ ଅଜିଜା ମାରିଆ ଜୁବେର୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମ୍ନଲିଖିତ ହଦିସ୍ ପଢ଼ି ଶୁଣାଇଲେ ।

**ଅନ୍ ଉସ୍‌ମାନ୍ ଇବ୍‌ନେ ଅଫ୍‌ଫାନ୍ ରଜିଅଲ୍ଲାହୋ ଅନ୍‌ହୁ କାଲା:କାଲା ରସୁଲୁଲ୍ଲାହି ସ୍ୱଲଲ୍ଲାହୋ ଆଲୈହେ ୱ୍ୱସଲ୍ଲମା ଖୈରୁକୁମ୍ ମନ୍ ତାଲ୍ଲମଲ୍ କୁର୍‌ଆନା ୱ୍ୱ ଅଲ୍ଲମହୁ । (ବୁଖାରୀ କିତାବୁ ଫଜାଇଲୁଲ୍ କୁର୍‌ଆନ୍...)**

ଉକ୍ତ ହଦିସ୍‌ର ଉର୍ଦ୍ଦୁ ଅନୁବାଦ ଅଜିଜା କୱ୍ୱଁଲ୍ ସମନ୍ ଉପସ୍ଥାପନ କଲେ ।

ଅନୁବାଦ:- ''ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ର:ଅ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ କହିଲେ ତୁମମାନଙ୍କ ମଧ୍ୟରୁ ଉତମ ହେଉଛି ସେ ଯିଏ ପବିତ୍ର କୋରାନ୍‌କୁ ଶିଖେ ଓ ଅନ୍ୟମାନଙ୍କୁ ଶିଖାଏ'' ।

ଏହି ହଦିସ୍ ପରେ ଅଜିଜା ସୁଫିୟା ମଲାହତ୍ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ନିମ୍ନଲିଖିତା ଆଲେଖ୍ୟଟିକୁ ଉପସ୍ଥାପନ କଲେ ।

''ଏ ଭାଷା ନା କେବଳ ଉମ୍ମୁଲ୍ ଅଲ୍‌ସିନା (ସବୁ ଭାଷାର ମା') ବରଂ ଐଶ୍ୱରିକ ଭାଷା ଅଟେ ଯାହା ଇଶ୍ୱରଙ୍କ ବିଶେଷ ଇଛା ଓ ଐଶିବାଣୀ ଦ୍ୱାରା ପ୍ରଥମେ ମନୁଷ୍ୟକୁ ଶିଖାଇ ଦିଆଗଲା ଓ ଏହା କୌଣସି ମନୁଷ୍ୟକୃତ ନୁହେଁ । ଏବଂ ପୁଣି ଏହାର ଫଳ ଏପରି ହେଲା କି ସମସ୍ତ ଭାଷାଗୁଡିକ ମଧ୍ୟରେ ଐଶ୍ୱରିକ ଭାଷା କେବଳ ଆରବୀ ଭାଷା ହେଲା । ଏହା ମାନିବାକୁ ପଡୁଛି କି ଇଶ୍ୱରଙ୍କର ସମ୍ପୂର୍ଣ୍ଣ ୱ୍ୱହି ଅବତୀର୍ଣ୍ଣ ହେବାପାଇଁ କେବଳ ଆରବୀ ଭାଷା ହିଁ ଔଚିତ୍ୟତାର ରଖୁଛି । କାରଣ ଏହା ଅତ୍ୟନ୍ତ ଜରୁରୀ ଅଟେ କି ଐଶ୍ୱରିକ ପୁସ୍ତକ ଯାହା ସମସ୍ତ ଜାତିର ମାର୍ଗଦର୍ଶନ ନିମନ୍ତେ ଆସିଛି ତାହା ଐଶ୍ୱରିକ ଭାଷାରେ ହିଁ ଅବତୀର୍ଣ୍ଣ ହେଉ ଓ ଏପରି ଭାଷାରେ ହେଉ ଯିଏ ସବୁ ଭାଷାର ମା' ହୋଇଥିବ ଅର୍ଥାତ୍ ତାକୁ ପ୍ରତ୍ୟେକ ଭାଷା ଏବଂ ପ୍ରତ୍ୟେକ ଭାଷାଭାଷି ଲୋକଙ୍କ ସହିତ ଏକ ପ୍ରକାର ପ୍ରାକୃତିକ ସମ୍ବନ୍ଧ ଥିବ ଓ ସେ ଐଶ୍ୱରିକ ଭାଷାରେ ହୋଇଥିବା ଯୋଗୁ ତା ନିଜ ଭିତରେ ଏକ ବର୍‌କତ୍ (ବୈଭବ) ରଖୁଥିବ ଓ ତାହା ଇଶ୍ୱରଙ୍କ ପବିତ୍ର ହସ୍ତରୁ ବାହାରୁଥିବ । କିନ୍ତୁ ଯେହେତୁ ଅନ୍ୟଭାଷାଗୁଡିକ ମନୁଷ୍ୟମାନେ ଜାଣିଶୁଣି ବନାଇନାହାଁନ୍ତି ବରଂ ତାହାସବୁ ସେହି ପବିତ୍ର ଭାଷାରୁ ହିଁ ଇଶ୍ୱରଙ୍କ ନିର୍ଦ୍ଦେଶ ମୁତାବକ ବାହାରି ଅପଭ୍ରଂଶ ହୋଇଯାଇଛି ଓ ସେଗୁଡିକ ଏହାର ସନ୍ତାନ ଅଟନ୍ତି । ତେଣୁ ଏଥିରେ କୌଣସି ଅସୁବିଧା ନଥିଲା କି ଉକ୍ତ ଭାଷାଗୁଡିକରେ ମଧ୍ୟ ବିଶେଷ ଜାତିଗୁଡିକ ନିମନ୍ତେ ଐଶ୍ୱରିକ ପୁସ୍ତକ ଅବତୀର୍ଣ୍ଣ ହେଉ । ହଁ ଏହା ଜରୁରୀ ଥିଲା ଯେ ଦୃଢ଼ ଓ ଉତମ ପୁସ୍ତକ ଆରବୀ ଭାଷାରେ ହିଁ ଅବତୀର୍ଣ୍ଣ ହେଉ, କାରଣ ତାହା ହେଉଛି ଉମ୍ମୁଲ୍ ଅଲ୍‌ସିନା (ସବୁ ଭାଷାର ମା') ଏବଂ ଅସଲ ଐଶ୍ୱରିକ ଭାଷା ଓ ଇଶ୍ୱରଙ୍କ ମୁହଁରୁ ବାହାରିଛି'' । (ମିନନୁର୍ ରହେମାନ୍, ରୁହାନି ଖଜାଏନ୍, ଖଣ୍ଡ-୯, ପୃଷ୍ଠା-୧୨୯)

ଏହାପରେ ଅଜିଜା ସୌବିୟା ଲଗାରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମଞ୍ଜୁମ କଲାମ୍:-

ଜମାଲୋ ହୁସ୍‌ନେ କୁର୍‌ଆଁ
ନୁରେ ଜାନେ ହର୍ ମୁସଲ୍‌ମାଁ ହୈ
କମର୍ ହୈ ଚାନ୍ଦ୍ ଅଓରୋଁ କା
ହମାରା ଚାନ୍ଦ୍ କୁର୍‌ଆଁ ହୈ

ମଧ୍ୟରୁ କିଛି ନିର୍ବାଚିତ ପଦକୁ ଅତ୍ୟନ୍ତ ଲଳିତ ସ୍ୱରରେ ଉପସ୍ଥାପନ କଲେ । ଏହାପରେ ଅଜିଜା ମୁନଜ୍ଜାଃ ସଉଦ ଏବଂ ଅଜିଜା କୁଦୁସିଆ ବାସିତ୍ "Syrian Crisis and its historical background" ବିଷୟବସ୍ତୁ ଉପରେ ଆଲୋକପାତ କଲେ ।

ଏହାପରେ ଝିଅପିଲାମାନଙ୍କର ଗୋଟିଏ ଗ୍ରୁପ୍ ସମବେତ କଣ୍ଠରେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଆରବୀ ଭାଷାରେ ଥିବା କସିଦା-

**ୟା ଐନା ଫୈଜିଲ୍ଲାହି ୱ୍ୱଲ୍ ଇର୍‌ଫାନି**
**ୟସ୍‌ଆ ଇଲୈକଲ୍ ଖଲ୍‌କୁ କଜ୍ଜମ୍ ଆନି**

-ରୁ କିଛି ପଦକୁ ସୁନ୍ଦର ସ୍ୱରରେ ପଢ଼ି ଶୁଣାଇଲେ । ଏହି ଦଳରେ ନିମ୍ନଲିଖିତ ଝିଅମାନେ ସାମିଲ୍ ଥିଲେ ।

ଅଜିଜା ହୁଦା ଅକ୍‌ମଲ୍, ବରିରା ଫର୍‌ହାଖନ୍, ଅମତୁସ୍ ସବୁହ, ସାମେଆ ଅହେମଦ୍, ରୌୟତୁନ୍ ନୁର୍, ସଲିମା ସଲ୍‌ମା, ମରିୟମ୍ ନଇମ୍ ଓ ଲବିନା ଅହେମଦ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ୱ୍ୱାକିଫାତେ ନୌ ଝିଅମାନଙ୍କୁ ପ୍ରଶ୍ନ କରିବା ପାଇଁ ଅନୁମତି ପ୍ରଦାନ କଲେ ।

ଗୋଟିଏ ଝିଅ ପ୍ରଶ୍ନ ପଚାରିଲା କି ଯେଉଁ ମହିଳାମାନେ କାମ କରିବାକୁ ବା ପଢ଼ିବାକୁ ଚାହୁଁଛନ୍ତି ଏବଂ ସେମାନଙ୍କର ସନ୍ତାନ ମଧ୍ୟ ଅଛନ୍ତି, ଏଥିରେ ସେମାନଙ୍କୁ କଣ କରିବା ଉଚିତ୍ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ପ୍ରଥମ ଦାୟିତ୍ୱ ହେଉଛି ପିଲାମାନଙ୍କର ଲାଳନ ପାଳନ ଏବଂ ଯଦି ଭୋକରେ ମରୁଛନ୍ତି ତେବେ ପୁଣି କାମ କର । ଠିକ୍ ସମୟରେ କାମକୁ ଯାଅ ଓ ସିଧାସିଧା ଘରକୁ ଫେରିଆସ ଓ ପିଲାମାନଙ୍କର ଲାଳନପାଳନ କର । ଏଥିରେ ଏତେ ସାହାସ ରହିବା ଉଚିତ୍ । ଯଦି କେବଳ ଟଙ୍କା କମାଇବା ପାଇଁ କାମ କରୁଅଛ ଯଦ୍ୱାରା ଫେସନ କରିବ ତେବେ କାମକୁ ଛାଡ଼ିଦିଅ । ଯଦି କୌଣସି ପ୍ରଫେସନ୍ କାର୍ଯ୍ୟ ଅଛି ଉଦାହରଣ ସ୍ୱରୂପ ମେଡିକାଲ୍ ଡାକ୍ତର୍ ତେବେ ପୁଣି ମାନବଜାତିର ସେବା କରିବା ଠିକ୍ ଅଟେ । ପୁଣି ଏଥିପାଇଁ ନିଜକୁ ଏପରି Adjust କର କି ପିଲାମାନଙ୍କ ପାଇଁ ସମୟ ଦେଇପାରିବ । ଉଦାହରଣ ସ୍ୱରୂପ ମୋତେ ଅନେକ ଅହେମଦୀ ଡାକ୍ତର ଏପରି ମିଳିଛନ୍ତି ଯେଉଁମାନେ କିଛି ଦିନ ପାଇଁ ନିଜର Practice ଛାଡ଼ିଦେଇଛନ୍ତି । ପୁଣି ଯେତେବେଳେ ପିଲାମାନେ ବଡ଼ ହୋଇଗଲେ ଓ ସାବାଳକ ହୋଇଗଲେ ସେତେବେଳେ ସେମାନେ ପୁନର୍ବାର ନିଜର କାମକୁ ଆରମ୍ଭ କଲେ । ସେ ଯାହାହେଉ, ମହିଳାମାନଙ୍କର ଅସଲ କାର୍ଯ୍ୟ ହେଉଛି ଏହା କି ପାଠ ପଢ଼ି ପିଲାମାନଙ୍କର ସଠିକ୍ ତର୍‌ବିୟତ୍ କରିବେ । ଯାହାକିଛି ଜ୍ଞାନ ଆହରଣ କରିଛନ୍ତି ସେଥିରୁ ପିଲାମାନଙ୍କୁ ମଧ୍ୟ ଲାଭ ପହଂଚାଇବେ । ଏତଦ୍‌ବ୍ୟତୀତ ଯଦି କୌଣସି ପ୍ରକାରର ମଜ୍‌ବୁରୀ ଅଛି ତେବେ ଅଲଗା କଥା । ପୁଣି ମଧ୍ୟ ଅଧିକରୁ ଅଧିକ ସମୟ ନିଜ ପିଲାମାନଙ୍କୁ ଦିଅ ।

ଆଉଗୋଟିଏ ଝିଅ ପ୍ରଶ୍ନ ପଚାରିଲେ କି ହଜୁର୍ ଅନୁୱ୍ୱର୍‌ଙ୍କୁ Almere ସହର କିପରି ଲାଗିଲା ?

ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ-ଆମେ Motorway ରୁ ବାହାରେ ବାହାରେ ଗଲୁ ଓ ଜଙ୍ଗଲ ଭିତର ଦେଇ ସେଠାରେ ମସ୍‌ଜିଦ୍‌ର ମୂଳଦୁଆ ରଖି ଫେରିଆସିଲୁ । Almere ତ ଆମେ ଦେଖିନାହୁଁ । ସେହିପରି ଯେବେ ମୁଁ ପୂର୍ବରୁ Almere ଯାଇଥିଲି, କାଉନ୍‌ସିଲ୍‌ରୁ ଯେତେବେଳେ ମସ୍‌ଜିଦ୍ ନିମନ୍ତେ ପ୍ଲଟ୍ ନିଆଯାଉଥିଲା, ସେତେବେଳେ ମୁଁ ସହରଟିକୁ ଦେଖିଥିଲି । ଗୋଟିଏ ଛୋଟ ଓ ଭଲ ସହର । କାଲି ମୁଁ ମେୟର୍ ସାହେବ୍‌ଙ୍କୁ ପଚାରିଥିଲି ସେ ମୋତେ ବତାଇଲେ କି ଏହି ସହରର ଲୋକସଂଖ୍ୟା ହେଉଛନ୍ତି ଦୁଇଲକ୍ଷ୍ୟ ଓ ଏହା ବହୁତ ଭଲ ସହର । ମେୟର୍ କହୁଥିଲେ କି Almere ର ଲୋକମାନେ ବହୁତ ଭଲ । ପୁଣି ସେ କହୁଥିଲେ କି Geert Wilders ପାର୍ଟିକୁ ଯେଉଁ ୯ଟି ସିଟ୍ ମିଳିଛି ତାହା ଏଥିପାଇଁ ମିଳିନାହିଁ କି ଲୋକମାନେ Wilders କୁ ପସନ୍ଦ କରୁଛନ୍ତି ବରଂ ଏଇଥିପାଇଁ କି ସେମାନେ ଅନ୍ୟ ନେତାମାନଙ୍କୁ ବିରୋଧ କରୁଥିଲେ । ତେଣୁ ତାକୁ ସିଟ୍ ମିଳିଗଲା । ସେଇଥିପାଇଁ କହୁଛନ୍ତି କି ଚିନ୍ତା କରନାହିଁ । ଲୋକମାନେ ବହୁତ ଭଲ । ଯେତେବେଳେ ମସ୍‌ଜିଦ୍ ନିର୍ମାଣ ହୋଇଯିବ, ସବୁକିଛି ଠିକ୍ ହୋଇଯିବ । ପୁଣି ଆହୁରି ମଧ୍ୟ ପ୍ରକାଶ ହେବ । ଜଣାପଡ଼ିଯିବ କିପରି ।

ଆଉଜଣେ ଝିଅପିଲା କହିଲା କି ହଲାଣ୍ଡରେ ତବ୍‌ଲିଗ୍ କରିବା ପ୍ରସଙ୍ଗରେ ମାର୍ଗ ଦର୍ଶନ କରନ୍ତୁ ।

ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ଆପଣମାନଙ୍କୁ ନିଜର ସହେଲୀ (ଝିଅ ସାଙ୍ଗ) ଏବଂ ନିଜ ସହିତ ପଢୁଥିବା ଝିଅମାନଙ୍କ ସହିତ ଗୋଟିଏ ନିଜି ସମ୍ପର୍କ ରଖିବା ଉଚିତ୍ ଓ ପୁଣି ସେମାନଙ୍କୁ ବତାନ୍ତୁ କି ଆପଣମାନେ କିଏ । ଯେବେ ସେମାନେ ଜାଣିଯିବେ କି ଆପଣମାନେ ହେଉଛନ୍ତି ଅହେମଦୀ ଝିଅ ତେବେ ସେମାନଙ୍କୁ ଆପଣଙ୍କ ମଧ୍ୟରେ ଓ ଅଣଅହେମଦୀ ମାନଙ୍କ ମଧ୍ୟରେ ବରଂ କୌଣସି ଅନ୍ୟଙ୍କ ତୁଳନାରେ ଫରକ ଅନୁଭବ ହେବା ଉଚିତ୍ । ଏହାଦ୍ୱାରା ତାଙ୍କ ମଧ୍ୟରେ ଜିଜ୍ଞାସା ସୃଷ୍ଟି ହେବ ଅର୍ଥାତ୍ ସେମାନେ ଆପଣମାନଙ୍କ ସମ୍ବନ୍ଧରେ ଅଧିକା ଜ୍ଞାନ ହାସଲ କରିବେ । ସେତେବେଳେ ଆପଣମାନେ ତବ୍‌ଲିଗ୍‌ର ମାର୍ଗକୁ ଉନ୍ମୁକ୍ତ କରିପାରିବେ । ସେହିପରି ଆପଣମାନଙ୍କ ପାଇଁ ଏହା ଉଚିତ୍ ହେବ କି କିଛିଟି ବ୍ରୋଚର୍ ବା ପାମ୍ଫ୍‌ଲେଟ୍ ମଧ୍ୟ ନିଜ ସାଥିରେ ରଖନ୍ତୁ । ମୋତେଏପରି ଲାଗୁଛି କି ଯେତେବେଳେ ଆପଣମାନେ ସ୍କୁଲ୍‌ରେ ଥିବେ ସେତେବେଳେ ସେମାନେ କଦାପି ମଧ୍ୟ ଆପଣମାନଙ୍କୁ ପାମ୍ଫ୍‌ଲେଟ୍ ରଖିବା ପାଇଁ ଅନୁମତି ଦେବେନାହିଁ । କିନ୍ତୁ ଯଦି ଅନୁମତି ମିଳେ ସେତେବେଳେ ଆପଣମାନେ ନିଜ ସାଙ୍ଗସାଥିଙ୍କୁ ଉକ୍ତ ପାମ୍ଫ୍‌ଲେଟ୍ ଦିଅନ୍ତୁ ଓ ସେମାନଙ୍କୁ ବତାନ୍ତୁ ଯେ ଏହା ହେଉଛି ଆମର ଶାନ୍ତିର ପାମ୍ଫ୍‌ଲେଟ୍ ଓ ସେମାନଙ୍କୁ ଜଣାନ୍ତୁ ଯେ ଆମେ କିପରି ଶାନ୍ତି ଓ ପ୍ରେମକୁ ପ୍ରସାର କରିବା ପାଇଁ ଚେଷ୍ଟା କରୁଛୁ । ତବ୍‌ଲିଗ୍ ଯୁକ୍ତି ଆରମ୍ଭ ନ କରି ଏହା ଉଚିତ୍ ହେବ କି ପ୍ରଥମେ ସେମାନଙ୍କୁ ଶାନ୍ତି, ପ୍ରେମ ଏବଂ ଅନ୍ୟାନ୍ୟ ମାନବସେବା କାର୍ଯ୍ୟ, ଯାହାକୁ ଆମେ ଏ ଦୁନିଆରେ ଓ ବିଶେଷ ରୂପେ ଆଫ୍ରିକୀୟ ଦେଶଗୁଡିକରେ କରୁଅଛୁ, ସେ ସମ୍ବନ୍ଧରେ ତାଙ୍କୁ ବତାଯାଉ । ଏତଦ୍ୱାରା ସେମାନଙ୍କୁ ଆପଣମାନଙ୍କ ନିକଟତର କରାଇବେ ଓ ଯେତେବେଳେ ସେମାନେ ଆପଣମାନଙ୍କ ନିକଟତର ହେବେ ପୁଣି ପୁନର୍ବାର ତବ୍‌ଲିଗ୍‌ର ମାର୍ଗକୁ ଖୋଲିଦିଅ ।

ଆଉଜଣେ ୱ୍ୱାକିଫାଏ ନୌ ଝିଅ ପ୍ରଶ୍ନ ପଚାରିଲେ କି ଯଦି ଦେଶର କାନୁନ୍ ଇସ୍‌ଲାମୀୟ ଶିକ୍ଷା ଓ ଇସ୍‌ଲାମୀୟ କାନୁନ୍‌ର ବିରୋଧ ରହିଛି ତେବେ କଣ କରିବା ଉଚିତ୍ ହେବ ?

ଏହାର ଉତରରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ-ଦେଶର କାନୁନ୍ ଯଦି ଧର୍ମବିରୋଧି ଓ ଆମକୁ ପ୍ରାକ୍ଟିସ୍ କରିବା ପାଇଁ ରୋକୁଛି ଓ ବହୁତ କଠୋରତାର ସହିତ ରୋକୁଅଛି, କିଛି ପ୍ରକାରର ଭୁଲ୍ କାନୁନ୍ ଏଠି ପାଶ୍ଚାତ୍ୟ ଦେଶଗୁଡିକରେ ଅଛି । ବର୍ତମାନ ଏ ଯୁଗରେ ଏମାନେ ଏହାକୁ ବନାଇଛନ୍ତି ନଚେତ୍ ପାକିସ୍ତାନ୍‌ରେ ମଧ୍ୟ ଯେଉଁ କାନୁନ୍ ଅଛି ତାହା ଅହେମଦୀ ବିରୋଧ କାନୁନ୍ ଅଟେ । ସେମାନେ କହୁଛନ୍ତି ତୁମେ ନମାଜ ପଢ଼ନାହିଁ, ତୁମେ କଲ୍‌ମା ପଢ଼ନାହିଁ, ତୁମେ ନିଜକୁ ମୁସଲ୍‌ମାନ୍ ବୋଲି କୁହନାହିଁ, କିନ୍ତୁ ଅହେମଦୀମାନେ ସେଠାରେ ରହୁଛନ୍ତି, ନମାଜ ମଧ୍ୟ ପଢୁଛନ୍ତି, କଲ୍‌ମା ମଧ୍ୟ ପଢୁଛନ୍ତି ଓ ନିଜକୁ ମୁସଲ୍‌ମାନ୍ ବୋଲି ମଧ୍ୟ କହୁଛନ୍ତି । ଏପରି କରିବା ଦ୍ୱାରା ଦଣ୍ଡ ମଧ୍ୟ ମିଳୁଛି । ସୁତରାଂ ଯେଉଁ କାନୁନ୍ ତୁମ ଧର୍ମରୁ ଜୋର୍ ଯବର୍‌ଦସ୍ତ ରୋକୁଅଛି ଏହାର ପ୍ରତିକ୍ରିୟା ତୁମେ ଦେଖାଓନାହିଁ । ଏପରି କଠିନ ଉତର ଦେବନାହିଁ ଅର୍ଥାତ୍ ଲୋକମାନଙ୍କୁ ମାରାମାରି ଆରମ୍ଭ କରିଦିଅ । ତୁମ ଧର୍ମ ତୁମକୁ ଯାହା ନିର୍ଦ୍ଦେଶ ଦେଉଛି ତା ମୁତାବକ ନିଜର କାମ କରିଚାଲ । ଯଦି ତୁମକୁ କାନୁନ୍ ତୁମ ଧର୍ମରୁ ରୋକୁଅଛି ଉଦାହରଣ ସ୍ୱରୂପ କାନୁନ୍ ତୁମକୁ ନମାଜ ପଢ଼ିବା ପାଇଁ ରୋକୁଛି ତେବେ ନମାଜ ପଢ଼ । ତୁମକୁ କଲ୍‌ମା କରିବା ପାଇଁ ରୋକୁଛି ତୁମେ କଲ୍‌ମା ପଢ଼ । ଧର୍ମ ମଧ୍ୟରେ କାହାର ହସ୍ତକ୍ଷେପ ହେବା ଉଚିତ୍ ନୁହେଁ ଏବଂ ଯଦି ଏତେ କଠିନ କାନୁନ୍ ଅଛି କି ଯଦି ସେମାନେ ତୁମକୁ କୁହନ୍ତି କି ଯଦି ତୁମେ ନମାଜ ପଢ଼ିବ ତେବେ ତୁମକୁ ଜେଲ୍ ଦଣ୍ଡ ମିଳିବ, ସେତେବେଳେ ପୁଣି ସେହି ଦେଶକୁ ଛାଡ଼ିଦିଅ । ସେଇଥିପାଇଁ ତୁମେମାନେ ପାକିସ୍ତାନ୍‌କୁ ଛାଡ଼ି ଏଠାକୁ ଆସିଅଛ ।

ଆଉଗୋଟିଏ ଝିଅପିଲା ପ୍ରଶ୍ନ ପଚାରିଲା ଯେ ନମାଜ ଇଦୈନ୍‌ର ତକ୍‌ବିରାତ୍‌ରେ କଣ ବୁଦ୍ଧିମତା ରହିଛି ?

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ପ୍ରଥମ କଥା ତ ହେଉଛି ଏହା କି ଯେଉଁ ସବୁ କାର୍ଯ୍ୟଗୁଡିକୁ ଆଁ ହଜ୍‌ରତ୍ ସ:ଆ:ସ ଆମକୁ କରି ଦେଖାଇଛନ୍ତି ସେହିପରି କାର୍ଯ୍ୟ ଆମେ କରିବା । ଦ୍ୱିତୀୟଟି ହେଉଛି ଏହା କି ଏହି ଦିନଗୁଡିକରେ ଅଲ୍ଲାଃତାଲାଙ୍କର ବଡିମାକୁ ଅଧିକରୁ ଅଧିକ ବର୍ଣ୍ଣନା କର । ସେଇଥିପାଇଁ ତକ୍‌ବିରାତ୍‌ରେ ମଧ୍ୟ ''ଅଲ୍ଲାହୁ ଆକ୍‌ବର୍'' ବହୁଳ ଭାବେ କୁହାଯାଇଛି । ଇଦ୍ ନମାଜ୍‌ର ପ୍ରଥମ ରେକାତ୍‌ରେ ୭ଥର ଓ ଦ୍ୱିତୀୟ ରେକାତ୍‌ରେ ୫ଥର ତକ୍‌ବିରାତ୍ କୁହାଯାଉଛି । ଏହାର ସବୁଠାରୁ ବଡ କାରଣ ହେଉଛି ଏହା କି ଏହି ଖୁସି ଅବସରରେ ଅଲ୍ଲାତାଲାଙ୍କୁ ମନେ ପକାଓ ଓ ତାଙ୍କର ବଡ଼ିମାକୁ ବର୍ଣ୍ଣନା କର ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ମୋତେ କେହିଜଣେ ଗୋଟିଏ କ୍ଲିପ୍ ପଠାଇଥିଲେ ଯେ ପାକିସ୍ତାନ୍‌ରେ ଜମାତେ ଇସ୍‌ଲାମୀର ଅମିର ସାହେବ୍ ଇଦ୍ ନମାଜ ପଢ଼ାଉଥିଲେ । ଅଲ୍ଲାହୁ ଆକ୍‌ବର୍ ଅଲ୍ଲାହୁ ଆକ୍‌ବର୍ ୫ଥର କହିବା ପରେ ନିଜ ହାତକୁ ବାନ୍ଧି ସୁରା ଫାତେହା ସହିତ ଅନ୍ୟ କୌଣସି

ସୁରା ପଢ଼ିବା ପରିବର୍ତ୍ତେ ସେ ସେହିଠାରୁ ସିଧା ସଜ୍‌ଦା ନିମନ୍ତେ ଚାଲିଗଲେ । ପଛରୁ ଲୋକମାନେ ସୁବ୍‌ହାନଲ୍ଲା ସୁବ୍‌ହାନଲ୍ଲା କହୁଛନ୍ତି । (କିନ୍ତୁ) ସେ ସଜ୍‌ଦାରେ ପଡିଛନ୍ତି । ତାଙ୍କୁ ଜଣାପଡୁନାହିଁ ଯେ କଣ ହେଉଛି । ଅଧା ଲୋକେ ରୁକୁରେ ଚାଲିଗଲେ ଓ ଅଧା ଲୋକ ଛିଡା ହୋଇ ରହିଲେ ଓ କିଛି ସଜ୍‌ଦାରେ ଚାଲିଗଲେ ଅଜବ ପ୍ରକାରର ଅସୁବିଧା ସୃଷ୍ଟି ହୋଇଗଲା । ପୁଣି ପଛରୁ ଆବାଜ୍ ଆସିଲା ଯେ କେହିଜଣେ କହୁଥିଲା ଅର୍ ରୁକୁ ଅର୍ ରୁକୁ । ପୁଣି ସେହି ଇମାମ୍ ସାହେବ୍ ଅର୍ଥାତ୍ ଅମୀର୍ ଜମାତେ ଇସ୍‌ଲାମୀ ଛିଡ଼ାହେଲେ ଓ ଏକାବେଳକେ ରୁକୁରେ ଚାଲିଗଲେ । ଯେବେ କି ୫ଥର ତକ୍‌ବିର କହିବା ପରେ ତାଙ୍କୁ ହାତବାନ୍ଧି ସୁରା ଫାତିହା ପଢ଼ିବା ଉଚିତ୍ ଥିଲା । କାରଣ ହଦିସ୍‌ରେ ଅଛି କି କୌଣସି ନମାଜ ସୁରା ଫାତେହା ବିନା ହୁଏନାହିଁ । ସୁରା ଫାତିହା ପ୍ରତ୍ୟେକ ନମାଜରେ ପଢ଼ିବାକୁ ପଡେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତୁମକୁ ଏହା ମଧ୍ୟ ବତାଇଦେଉଛି କି ଯେବେ ସୂର୍ଯ୍ୟକୁ ଗ୍ରହଣ ଲାଗେ ଓ ସେଥିପାଇଁ ଯେଉଁ ଦୁଇ ରେକାତ୍ ନମାଜ ସଲାତୁଲ୍ ଖସୁଫ୍ ରହିଛି ସେହି ନମାଜର ପ୍ରତ୍ୟେକ ରେକାତ୍‌ରେ ଦୁଇଥର ରୁକୁ ହୁଏ । ନିୟତ୍ ଏବଂ ତକ୍‌ବିରେ ତହ୍‌ରିମା ପରେ ଛିଡାହେବା ଅବସ୍ଥାରେ ସୁରା ଫାତେହା ପଢ଼, ପୁଣି ଅନ୍ୟ କୌଣସି ସୁରା ପଢ଼, ତା ପରେ ରୁକୁରେ ଯାଅ । ରୁକୁ କରିବା ପରେ ପୁନର୍ବାର ଛିଡାହୋଇ ସୁରା ଫାତେହା ପଢ଼ ଓ ତା ପରେ ଅନ୍ୟ କୌଣସି ସୁରା ପଢ଼ । ତା ପରେ ପୁଣି ରୁକୁରେ ଯାଅ ଏବଂ ପୁଣି ସମିଅଲ୍ଲାହୁ କହି ଛିଡା ହୋଇଯାଅ ଓ ପୁଣି ଯାଇ ସଜ୍‌ଦା କର । ଏହିଭଳି ଦ୍ୱିତୀୟ ରେକାତ୍ ମଧ୍ୟ ପଢ଼ । ଏପରି ପରିସ୍ଥିତିରେ ଅଧିକ ରୁକୁ ହେବା ଅର୍ଥାତ୍ ଯେବେ ସୂର୍ଯ୍ୟ ଚନ୍ଦ୍ରକୁ ଗ୍ରହଣ ଲାଗୁଥିବ ଏହା ଅଲ୍ଲାଃତାଲାଙ୍କ ସମ୍ମୁଖରେ ନଇଁଯିବାର ଏକ ପରିପ୍ରକାଶ । ଆଁ ହଜରତ୍ ସ:ଆ:ସ ଏହି ଶୈଳୀରେ ଆମକୁ ପଢ଼ି ଏହି ନମାଜ ଶିଖାଇଛନ୍ତି ।

ଆଉଜଣେ ଝିଅ ପ୍ରଶ୍ନ କଲେ କି ଯେବେ ଆପଣ କୌଣସି ମସ୍‌ଜିଦ୍‌ର ଆଧାରଶିଳା ରଖୁଛନ୍ତି । ତେବେ ତାର ରଖିବାର କୌଣସି ବିଶେଷ ସ୍ଥାନ ହେବା ଉଚିତ୍ କି?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ହେବା ତ ଉଚିତ୍, ଏବେ ମୁଁ ଜାଣିନାହିଁ କି ତୁମର ଲୋକମାନେ ବିଶେଷ ସ୍ଥାନ ରଖୁଛନ୍ତି କି ନାହିଁ ସାଧାରଣତଃ ମେହ୍‌ରାବ୍‌ରେ ହିଁ ଆଧାର ଶିଳା ରଖାଯାଓ ଓ ମେହ୍‌ରାବ୍‌ରେ ହିଁ ରଖିବା ଉଚିତ୍ । ଯଦି କୌଣସି ଅସୁବିଧା ଥାଏ ତେବେ କଡରେ ମଧ୍ୟ ରଖାଯାଇପାରିବ ।

ଆଉଗୋଟିଏ ଝିଅ ପ୍ରଶ୍ନ ପଚାରିଲେ କି ଆମେ ଅହେମଦୀମାନେ ସ୍ୱପ୍ନ ଉପରେ ବିଶ୍ୱାସ କରୁଛେ ଏବଂ ସ୍ୱପ୍ନର ଅର୍ଥ କରାଯାଏ କିନ୍ତୁ କିପରି ଜଣାପଡ଼ିବ କି ଏହି ସ୍ୱପ୍ନର କୌଣସି ଅର୍ଥ ଅଛି ବା ନାହିଁ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତୁମକୁ କିଏ କହିଛି କି ପ୍ରତ୍ୟେକ ସ୍ୱପ୍ନ ଉପରେ ବିଶ୍ୱାସ କରିନେବ ବୋଲି । ମୁଁ ତ କହୁନାହିଁ । ଅଧାଅଧି ସ୍ୱପ୍ନ ତ ଏହିପରି ହୃଦୟର ଇଛା ମୁତାବକ ହୋଇଥାଏ । ଯଦି ରାତିରେ ତୁମେ ଅଧିକ ଖାଦ୍ୟ ଖାଇଦେଇଥିବ ବା ଡେରିରେ ଖାଇଥିବ ଏହାଦ୍ୱାରା ଏଣୁତେଣୁ ସ୍ୱପ୍ନ ଆସିବ । ହଜରତ୍ ମସିହ୍ ମଉଦ୍ ଆ:ସ ଲେଖିଛନ୍ତି କି ବେଳେବେଳେ ମଣିଷକୁ ସର୍ଦ୍ଦି ହୋଇଥିବ ଓ ଭୀଷଣ ଫ୍ଲୁ ହୋଇ ନାକ ବନ୍ଦ୍ ହୋଇଯାଇଥିବ । ଫଳତଃ ସେ ତାର ଅବସ୍ଥା ଖରାପ ଥିବ ସେତେବେଳେ ଲୋକମାନଙ୍କୁ ମଧ୍ୟ ଏପରି ସ୍ୱପ୍ନ ଆସିଯାଏ କି ଯେପରି ସେ ପାଣିରେ ପହଁରୁଥିଲା ବା ପାଣିରେ ବୁଡି ଯାଉଥିଲା । ତାହା କେବଳ ସର୍ଦ୍ଦି ଯୋଗୁ ହୋଇଥାଏ । କିନ୍ତୁ ବାସ୍ତବରେ କିଏ ବୁଡୁନଥାଏ ।

ଆଉଜଣେ ଝିଅ ପ୍ରଶ୍ନ ପଚାରିଲେ କି ଯଦିକେହି ସ୍ୱପ୍ନରେ କୌଣସି ନବୀଙ୍କୁ ବା ମକ୍କା ବା କା'ବାକୁ ଦେଖେ ତେବେ ଏହାର ଅର୍ଥ କଣ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଠିକ୍ ଅଛି, ବହୁତ ଭଲ କଥା । ଏହା ଏକ ଭଲ ସ୍ୱପ୍ନ ଅଟେ । କିନ୍ତୁ ମକା ଏବଂ କାବାରେ ତୁମେ ଏହା ଦେଖ କି କେଉଁଭଳି ତୁମେ ଏହାକୁ ଦେଖୁଛ । ଯଦି ତୁମେ ଏପରି ସ୍ୱପ୍ନ ଦେଖ ଯାହାର କୌଣସି ଅର୍ଥ ଥିବ, କୌଣସି sense ରହୁଥିବ ତେବେ ଠିକ୍ ଅଛି ଓ ତାହା ଭଲ ମଧ୍ୟ ହୋଇଥାଏ । ଯଦି ବାସ୍ତବରେ ଏହା ସତ୍ୟ ସ୍ୱପ୍ନ ତେବେ ଠିକ୍ କଥା । କିଛି ସ୍ୱପ୍ନ ଭଲ ହୋଇଥାଏ । କା'ବାକୁ ଦେଖ ବା କୌଣସି ନବୀଙ୍କୁ ଦେଖ । ଏହାର କୌଣସି ସଠିକ୍ ଅର୍ଥ ମଧ୍ୟ ହେବା ଉଚିତ୍ । ଯଦି ତୁମେ ଏହା ଦେଖ କି ଜଣେ ନବୀ ଆସି ତୁମକୁ ଏହା କହୁଅଛି ଯେ ଯେଉଁଭଳି କିଛି ଗଏର୍ ଅହେମଦୀ କହୁଛନ୍ତି ଯେ ଆମେ ଆଁ ହଜରତ୍ ସ:ଆ:ସଙ୍କୁ ଦେଖିଛୁ ଓ ସେ ଆମକୁ କହିଲେ କି ହଜରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ସତ୍ୟବାଦୀ ନୁହଁନ୍ତି, ତେବେ ଏହିଭଳି ମିଥ୍ୟା ସ୍ୱପ୍ନ ମଧ୍ୟ ଅଛି । ଏହା ସେମାନଙ୍କ ସ୍ୱରଚିତ ସ୍ୱପ୍ନ ଅଟେ । ମୁଁ କିଛି ଗଏର୍ ଅହେମଦୀ ଲୋକଙ୍କୁ ଦେଖିଛି ଯେତେବେଳେ ସେମାନେ ସକାଳୁ ସକାଳୁ ଉଠୁଛନ୍ତି, ଯେତେ ସବୁ ନବୀଙ୍କର ଚର୍ଚ୍ଚା ପବିତ୍ର କୋରାନ୍‌ରେ କରାଯାଇଛି ସେମାନଙ୍କ ସ୍ୱପ୍ନରେ ସେ ସମସ୍ତଙ୍କର ଚର୍ଚ୍ଚା ଆସିଯାଉଛି । କେବେ କହୁଛନ୍ତି କି ହଜରତ୍ ଇବ୍ରାହିମ୍‌କୁ ଦେଖିଲୁ, କେବେ କହୁଛନ୍ତି ହଜରତ୍ ମୁସାଙ୍କୁ ଦେଖିଲୁ, କେବେ ହଜରତ୍ ଇସାଙ୍କୁ ଦେଖିଲୁ ଓ କେବେ କହୁଛନ୍ତି ଅମୁକକୁ ଦେଖିଲୁ । କିଛି ସ୍ୱରଚିତ ମଧ୍ୟ ହୋଇଥାଏ କିନ୍ତୁ ଯଦି ସଚ୍ଚା ସ୍ୱପ୍ନ ଥାଏ ଓ ସେହି ସ୍ୱପ୍ନର କୌଣସି ଅର୍ଥ ଥାଏ ତେବେ ଯେଉଁ ସ୍ୱପ୍ନରେ ସମସ୍ତ ଦୃଶ୍ୟକୁ ଦେଖିଛ ସେଥିରୁ ମଧ୍ୟ ଅର୍ଥ ବାହାରିଥାଏ ଏବଂ ବେଳେବେଳେ ଯେଉଁସବୁ ନାମଗୁଡିକ ସ୍ୱପ୍ନରେ ଦୃଷ୍ଟିଗୋଚର ହୋଇଥାଏ ସେଥିରୁ ମଧ୍ୟ କିଛି ଅର୍ଥ ବାହାରିଥାଏ । କିନ୍ତୁ ଯେଉଁମାନଙ୍କୁ ସ୍ୱପ୍ନ ଦେଖିବାର ଅଭ୍ୟାସ ହୋଇଯାଇଥାଏ ସେମାନଙ୍କର ଅଧାରୁ ଅଧିକା ସ୍ୱପ୍ନ ନିରର୍ଥକ ହୋଇଥାଏ । ଏପରି ମଧ୍ୟ Psychologist ମାନେ କହୁଛନ୍ତି କି ପ୍ରତ୍ୟେକ ମନୁଷ୍ୟକୁ ସାଧାରଣ ନିଦ୍ରା ଅବସ୍ଥାରେ ୫ଟି ସ୍ୱପ୍ନ ନିଶ୍ଚିତ ରୂପେ ଆସିଥାଏ । କିଛିଟା ମନେରହେ ଓ କିଛିଟା ତୁମେ ଭୁଲିଯାଅ । ଯଦି ତୁମକୁ କୌଣସି ଭଲ ସ୍ୱପ୍ନ ଆସିଛି ଓ ଏହାର ପ୍ରଭାବ ତୁମ ହୃଦୟ ଉପରେ ପଡ଼ିଛି ତେବେ ଏହାର ଅର୍ଥ ଠିକ୍ ଅଛି । ଯଦି କୌଣସି ଏପରି ସ୍ୱପ୍ନ ଆସେ ଯଦ୍ଦ୍ୱାରା ତୁମେ ଭୟଭିତ ହୋଇଯାଇଛ ତେବେ ତା ଉପରେ ଚିନ୍ତା କରି ଦେଖ କି ତାହା ବାସ୍ତବରେ ଠିକ୍ ଥିଲା କି ନୁହେଁ ବା ଏହିଭଳି କୌଣସି ରୋଗ ଯୋଗୁଁ ଭୟ ସୃଷ୍ଟି ହୋଇଯାଇଛି ବା ଅଧିକା ଖାଦ୍ୟ ଖାଇଥିବା ଯୋଗୁ ଏପରି ସ୍ୱପ୍ନ ଆସିଛି ।

ଆଉଜଣେ ଝିଅ ପ୍ରଶ୍ନ ପଚାରିଲେ କି ତବ୍‌ଲିଗ୍ କରିବା ସମୟରେ ଏପ୍ରଶ୍ନ ପଚରାଯାଉଛି କି ଯଦି ଧର୍ମ ହେଉଛି ସତ୍ୟ ତେବେ ଇଶ୍ୱର ରୋଗୀମାନଙ୍କୁ ସାହାଯ୍ୟ କାହିଁ କରୁନାହାଁନ୍ତି?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତାଙ୍କୁ କହିଦିଅ ଯେ ଯଦି ଇଶ୍ୱର ନାହାଁନ୍ତି ତେବେ କଣ ରୋଗ ହେବନାହିଁ? ଅଲ୍ଲାଃତାଲା ତ ଏହା କହିସାରିଛନ୍ତି । ଆମ ଧର୍ମ ହେଉଛି ସତ୍ୟ ଧର୍ମ । ଆଁ ହଜରତ୍ ସ:ଆ:ସ କହିଛନ୍ତି କି ତୁମକୁ ଯେଉଁ ଜ୍ୱର ଆସୁଛି ବା କୌଣସି ରୋଗ ହେଉଛି, ବେଳେବେଳେ ଏହା ତୁମଦ୍ୱାରା ଯେଉଁ ପାପ ହୋଇଥାଏ, ସେ ସମସ୍ତର ଉପଚାର ଏ ଦୁନିଆରେ ହୋଇଯାଏ ଅର୍ଥାତ୍ ଆରପାରିରେ ଯାଇ ଯେଉଁ ଦଣ୍ଡ ମିଳିଥାଆନ୍ତା ସେସବୁ ଏ ସଂସାରରେ ମିଳିଯାଇଥାଏ । କିଛି ଲୋକଙ୍କୁ ବହୁତ ଦିନ ପର୍ଯ୍ୟନ୍ତ ରୋଗ ହୋଇଥାଏ ।

ଗୋଟିଏ ହେଉଛି ଶରୀୟତ୍‌ର କାନୁନ୍ ଓ ଆଉଗୋଟିଏ କାନୁନ୍ ହେଉଛି law of nature ଅର୍ଥାତ୍ ପ୍ରକୃତିର କାନୁନ୍ । ଦୁଇଟିଯାକ ସମକାଳୀନ ଚାଲିଥାଆନ୍ତି । ଗୋଟିଏ ଝଡ ଆସିଥାଏ ବା ରୋଗ ହୁଏ ବା କୌଣସି Epidemic Outbrake ହୋଇଥାଏ । ଏହିସବୁ ପ୍ରକୃତିର ନିୟମ ଅନୁସାରେ ଯେଉଁ ପୁଣ୍ୟ ଲୋକମାନେ ଥାଆନ୍ତି ସେମାନେ ମଧ୍ୟ ମରିଥାନ୍ତି ଓ ଖରାପ ଲୋକମାନେ ମଧ୍ୟ ମରିଥାନ୍ତି । କିନ୍ତୁ ତୁମକୁ ଯଦି ଇଶ୍ୱରଙ୍କ ଉପରେ ବିଶ୍ୱାସ ଅଛି ଓ ଏ ବିଶ୍ୱାସ ଅଛି କି ଆରପାରିକୁ ଯିବା ପରେ ଅଲ୍ଲାଃତାଲା ପୁରସ୍କାର ମଧ୍ୟ ଦେଇଥାନ୍ତି ଓ ଦଣ୍ଡ ମଧ୍ୟ ଦେଇଥାନ୍ତି ବୋଲି ତେବେ ପୁଣ୍ୟବାନ୍ ଲୋକେ ଯଦି ମରିଯାଆନ୍ତି ତେବେ ମଧ୍ୟ ଅଲ୍ଲାଃତାଲା ସେମାନଙ୍କର ପାପକୁ କ୍ଷମା କରିଦିଏ ଓ ତାଙ୍କୁ ପୁରସ୍କାର ମିଳିଥାଏ ଓ ଯେଉଁମାନେ ଇଶ୍ୱରଙ୍କୁ ମାନୁନାହାଁନ୍ତି ସେମାନଙ୍କୁ ପାଇଁ ପୁଣି ଆମର ଦୃଷ୍ଟିକୋଣ ହେଉଛି ଏହା କି ତାଙ୍କୁ ଦଣ୍ଡ ମିଳିଥାଏ । ବାକି ଇଶ୍ୱର କାହାକୁ କ୍ଷମା ଦେବେ ତାହା ଇଶ୍ୱରଙ୍କ କରୁଣା ଓ ଇଶ୍ୱର ଠିକ୍ ଜାଣିଛନ୍ତି କି ସେ କାହାକୁ କ୍ଷମା ଦେବେ । ସେହିଭଳି ଯଦି ଉପରୋକ୍ତ ଘଟଣାଗୁଡିକ ସମୀକରଣ କରାଯାଏ ତେବେ ସେହିସବୁ ପ୍ରାକୃତିକ ବିପର୍ଯ୍ୟୟରେ ମରିଥିବା ଅଧିକାଂଶ ଲୋକେ ଏପରି ଥାଆନ୍ତି ଯେଉଁମାନେ ଇଶ୍ୱରଙ୍କୁ ମାନୁନାହାଁନ୍ତି । ଉଦାହରଣ ସ୍ୱରୂପ ହଜରତ୍ ମସିହ୍ ମଉଦ୍ ଆ:ସ କହିଲେ କି ମୋ ପାଇଁ ନିଦର୍ଶନ ରୂପେ ତାଉନ୍ (ପ୍ଲେଗ୍) ରୋଗ ଆସିବ । ଏହି ପ୍ଲେଗ୍ ଦ୍ୱାରା କଣ ହେଲା? ହଜରତ୍ ମସିହ୍ ମଉଦ୍ ଆ:ସ ଘୋଷଣା କଲେ କି ଏହା ମୋ ନିଦର୍ଶନ ନିମନ୍ତେ ଆସିବ ଓ ଏହି ରୋଗରେ କୌଣସି ଅହେମଦୀ ଯିଏ ଠିକ୍ ଓ ବାସ୍ତବିକ ଅହେମଦୀ ଥିବ, ତାକୁ ଏ ରୋଗ ହେବନାହିଁ । ସେହି ନିଦର୍ଶନ ପ୍ରକାଶ ହେଲା । ଅନେକ ଅହେମଦୀଙ୍କୁ ଏ ରୋଗ ମଧ୍ୟ ହେଲା କିନ୍ତୁ ସେମାନେ ଏଥିରେ ମୃତ୍ୟୁବରଣ କଲେନାହିଁ । ଯେବେ କି ଅନ୍ୟମାନେ ଏହି ରୋଗଦ୍ୱାରା ମୃତ୍ୟୁବରଣ କଲେ । ପ୍ରତ୍ୟେକ ଦିନ ପ୍ରତ୍ୟେକଙ୍କ ଘରୁ ଯନାଜାଃ ଉଠୁଥିଲା । ଯଦି କୌଣସି ଜଣେଅଧେ ଅହେମଦୀ ମୃତ୍ୟୁବରଣ କଲେ ଏଥିରେ କୌଣସି ବଡ କଥା ନଥିଲା । ସେହିପରି ଯୁଦ୍ଧ ଅଛି । ଆଁ ହଜରତ୍ ସ:ଆ:ସଙ୍କୁ ଯୁଦ୍ଧର ନିଦର୍ଶନ ଦିଆଯାଇଥିଲା । କାଫିର୍ (ଅମାନ୍ୟକାରୀ)ମାନଙ୍କ ସହିତ ଯୁଦ୍ଧ ହେଲା । ଉଦାହରଣ ସ୍ୱରୂପ ବଦର୍ ଯୁଦ୍ଧରେ ୩୦୦ ମୁସଲମାନ୍ ଥିଲେ ଓ ଅନ୍ୟପଟେ ଏକ ହଜାର୍ କାଫିର୍ ଯୁଦ୍ଧାସ୍ତ୍ର ଧରି ପ୍ରସ୍ତୁତ ଥିଲେ । କାଫିର୍‌ମାନଙ୍କର ୭୦ଜଣ ଲୋକ ମରିଲେ ଓ ଏହି ଯୁଦ୍ଧରେ ମୁସଲମାନଙ୍କ ମଧ୍ୟରୁ ୧୪ଜଣ ଶହିଦ୍ ହେଲେ । ପୁଣି ଓ୍ୱହଦ୍ ଯୁଦ୍ଧ ହେଲା । ଏହି ଯୁଦ୍ଧରେ ପ୍ରଥମେ ମୁସଲ୍‌ମାନ୍ ଜିତୁଥିଲେ । ପୁଣି ତାଙ୍କୁ କ୍ଷତି ପହଂଚିଲା । ଏଥିରେ ଅନେକ ମୁସଲ୍‌ମାନ୍ ଶହିଦ୍ ହେଲେ କିନ୍ତୁ ଶେଷ ଫଳ କଣ ହେଲା? ଯେବେ ମକା ବିଜୟ ହେଲା ସେତେବେଳେ ମୁସଲ୍‌ମାନ୍‌ମାନେ ଜିତିଗଲେ । ତେବେ ଏହା ଦେଖିବା ଉଚିତ୍ ହେବ କି କୌଣସି ଘଟଣାର ଶେଷ ଫଳ କଣ ବାହାରେ । ଏବଂ ଯଦି ତୁମମାନଙ୍କୁ ପରକାଳ ଉପରେ ବିଶ୍ୱାସ ଅଛି ତେବେ ଆମେ ଏକଥାରେ କାଏମ୍ ରହିଛୁ କି ଯଦି କୌଣସି ଘଟଣାରେ ମୃତ୍ୟୁ ମଧ୍ୟ ହୋଇଯାଏ ତେବେ ଆଁ ହଜରତ୍ ସ:ଆ:ସ କହିଛନ୍ତି କି ତାହା ହେଉଛି ଶହିଦ୍‌ର ମରଣ ଓ ଆରପାରିରେ ମଧ୍ୟ ଅଲ୍ଲାଃତାଲା ତାକୁ ପୁରସ୍କାର ଦେଇଥାନ୍ତି । ବାକି ରହିଲା ଯେଉଁ law of nature ତାହା ସମସ୍ତଙ୍କ ପାଇଁ ଏକପ୍ରକାର । କିନ୍ତୁ ଯଦି କିଏ ଦୁଆ କରୁଛି ତେବେ ତାର ବଂଚିବାର ସମ୍ଭାବନା ଅଧିକ ରହିଛି ଓ ଯିଏ ଦୁଆ କରୁନାହିଁ ତାର ମରିବାର ସମ୍ଭାବନା ଅଧିକ ଅଛି । କିନ୍ତୁ ଯଦି କେହି କୌଣସି କାରଣ ଯୋଗୁ ମରି ମଧ୍ୟ ଯାଏ ତେବେ ତାକୁ ଅଲ୍ଲାତାଲା କହୁଛନ୍ତି ମୁଁ ଏହାର ଉପଯୁକ୍ତ ପ୍ରତିବଦଳ ଦେଇଥାଏ । ଏକଥା ତୁମେ ତାକୁ ହିଁ ବୁଝାଇପାରିବ ଯିଏ ପରକାଳ ଉପରେ ବିଶ୍ୱାସ ରଖିଥିବ । ତୁମେ କହିବ କି ପୁଣି ଯେବେ ଆମେ ଆରପାରିକୁ ଯିବୁ ସେଠାରେ ଆମେ ମିଳିବୁ ଓ ପୁଣି ବତାଇବୁ କଣ ସେଠାରେ ହୁଏ ।

ଆଉଗୋଟିଏ ଝିଅ ପ୍ରଶ୍ନ ପଚାରଲେ କି ଆପଣଙ୍କୁ ପବିତ୍ର କୋରାନର କେଉଁ ସୁରଃ ବହୁତ ପସନ୍ଦ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସମ୍ପୂର୍ଣ୍ଣ ପବିତ୍ର କୋରାନ୍ ହିଁ ପସନ୍ଦ ହେବା ଉଚିତଃ । ହଜରତ୍ ଆଇଶା ର:ଅଙ୍କୁ କେହି ଜଣେ ପଚାରିଲେ କି ଆଁ ହଜରତ୍ ସ:ଆ:ସଙ୍କ ଚରିତ୍ର କିପରି ଥିଲା । ଏହାର ଉତର ହଜରତ୍ ଆଇଶା ଏପରି ଦେଇଥିଲେ କି କଣ ତୁମେ ପବିତ୍ର କୋରାନ୍ ପଢ଼ିନାହିଁ । ତାହା ହିଁ ଆଁ ହଜରତ୍ ସ:ଆ:ସଙ୍କ ଚରିତ୍ର ଥିଲା । ଏହା ଇଶ୍ୱରଙ୍କ ବାଣୀ ଅଟେ ଓ ପ୍ରତ୍ୟେକ ବସ୍ତୁ ତାର ହେଉଛି ବୈଭବପୂର୍ଣ୍ଣ । ତେଣୁ ଏପରି କହିବା ପି ଅମୁକଟି ପସନ୍ଦ ଓ ଅମୁକଟି ନାପସନ୍ଦ (ଏହା ଠିକ୍ ନୁହେଁ) ନା ପସନ୍ଦ ହେବାର କୌଣସି କଥା ଏଠାରେ ନାହିଁ । କିନ୍ତୁ କିଛି ବିଷୟ ରହିଛି ଯାହା ବାରମ୍ଭାର ସମ୍ମୁଖକୁ ଆସୁଅଛି । ସେଇଥିପାଇଁ ସେଗୁଡିକୁ ବାରମ୍ବାର ପଢ଼ାଯାଉଛି ଓ ତାହା ଲାଭପ୍ରଦ ମଧ୍ୟ ହୋଇଥାଏ । ଜମାତ୍ ପାଇଁ ମଧ୍ୟ ଓ ପରିସ୍ଥିତି ପାଇଁ ମଧ୍ୟ । ତେଣୁ ମୁଁ କିଛି ନିର୍ବାଚିତ ସୁରଃ ପଢୁଅଛି । ଯଦ୍ଦ୍ୱାରା ସେଗୁଡିକର ବିଷୟବସ୍ତୁ ସମ୍ମୁଖକୁ ଆସୁଥିବ । ଯଦି କେବେ କାହାକୁ ଚିନ୍ତା କରିବାର ଅବସର ମିଳିଯିବ ତେବେ ସେ ତା ଉପରେ ଚିନ୍ତା କରିବ

ବାକି ପ୍ରତ୍ୟେକ ବସ୍ତୁର ଗୋଟିଏ Top (ଉଚ୍ଚତମ) ସ୍ୱରୂପ ହୋଇଥାଏ । ଯେପରି ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି କି ଆୟତୁଲ୍ କୁରସି ହେଉଛି ସୁରାଃ ବକରାଃର Top (ଉଚ୍ଚତମ) । ପୁଣି ସେହିଭଳି ଶେଷ ତିନିଗୋଟି ଆୟତ ସମ୍ବନ୍ଧରେ କୁହାଯାଇଛି କି ଏହା ମଧ୍ୟ ମୋକ୍ଷପ୍ରାପ୍ତି ପାଇଁ ରହିଛି । ସେହିଭଳି ଅନେକ ଗୁଡିକ ସୁରାଃ ଅଛନ୍ତି ଯେପରି ସୁରାଃ ଇଖଲାସ୍‌ରେ ଯଦି ଅଲ୍ଲାହୁସ୍ ସମଦ୍‌ର ସଠିକ୍ ଅର୍ଥ ଜଣାପଡ଼ିଯାଏ ତେବେ ତାହା ବହୁତ ବଡ଼ କଥା ହେବ । ଅହଦ୍‌ଠାରୁ ବଡ ଜିନିଷ ହେଉଛି ଅସ୍‌ସମଦ୍ ତାହା ଏଇଥିପାଇଁ କି ଏହାର ଅର୍ଥ ହେଉଛି ଅଲ୍ଲାଃତାଲା ଗନି ଅଟନ୍ତି ଏବଂ ଗନିର ଅର୍ଥ ହେଉଛି ତାଙ୍କୁ କେବେ ମୃତ୍ୟୁ ଛୁଇଁବ ନାହିଁ । ସେ ସଦାବେଳେ ଅଛନ୍ତି ଓ ସଦାବେଳପାଇଁ ରହିବେ । ପ୍ରତ୍ୟେକ ବସ୍ତୁ ନିଃଶେଷ ହୋଇଯିବେ । କିନ୍ତୁ ସେ କଦାପି ନିଃଶେଷ ହେବେନହିଁ । ତେବେ ଅସ୍‌ସମଦ୍ ଶବ୍ଦର ଅର୍ଥ ଏତେ ବ୍ୟାପକ ଏବଂ ଯିଏ ସବୁବେଳପାଇଁ ରହିବେ ଓ କଦାପି ଶେଷ ହେବେନାହିଁ ଯେବେ କି ପ୍ରତ୍ୟେକ ବସ୍ତୁ ନିଃଶେଷ ହୋଇଯିବ । ତେବେ ଅଲ୍ଲାଃତାଲା କହୁଛନ୍ତି କି ତାହାରି ଶରଣରେ ଆସ ଓ ତା ନିକଟକୁ ଯାଅ । ସେ ହେଉଛନ୍ତି ଅହଦ୍ ଅର୍ଥାତ୍ ନା ତ ସେ କାହାର ବାପା ଅଟନ୍ତି ଓ ନା ତାଙ୍କର କେହି ପୁତ୍ର ଅଛନ୍ତି । ତେଣୁ ଏଠି ବନ୍ଧୁବାନ୍ଧବର କୌଣସି କଥାନାହିଁ । (ତେଣୁ) ଅଲ୍ଲାଃଙ୍କ ସହିତ ଆତ୍ମନିବେଶ କର ଓ ତାର ଶରଣ ଭିକ୍ଷା କର । ଫଳରେ ମୋକ୍ଷପ୍ରାପ୍ତ ହେବ । ପ୍ରତ୍ୟେକ ସୁରତ୍‌ରେ କୌଣସି ନା କୌଣସି ଆୟତ ସେହି ସୁରାର Top ହୋଇଥାଏ ।

ଆଉଜଣେ ଝିଅ ପ୍ରଶ୍ନ ପଚାରିଲେ କି ନାସେରାତ୍ ମାନଙ୍କ ନିମନ୍ତେ ପବିତ୍ର କୋରାନ୍ ବ୍ୟତୀତ ଆଉ କୌଣସି ପୁସ୍ତକ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଯାହାକୁ ଇସ୍‌ଲାମ୍ ସମ୍ବନ୍ଧରେ ପଢ଼ିବା ଉଚିତ୍ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- କଣ ତୁମେମାନେ ନାସେରାତ୍ ମାନଙ୍କ ନିମନ୍ତେ ଥିବା ନିଜର ସିଲାବସ୍‌କୁ ପଢ଼ିସାରିଛ ? ନାସେରାତ୍‌ଙ୍କ ନିମନ୍ତେ ଥିବା ସମ୍ପୂର୍ଣ୍ଣ ସିଲାବସ୍‌କୁ ପଢ଼, ତା ପରେ ଛୋଟଛୋଟ ସହଜ ପୁସ୍ତକଗୁଡିକୁ ପଢ଼ । ତୁମେ ସ୍ୱପ୍ନ ସମ୍ବନ୍ଧରେ ପ୍ରଶ୍ନ ପଚାରିଥିଲ । ତେବେ କଣ ତୁମକୁ ଉର୍ଦ୍ଦୁ ପଢିବା ଆସେ କି? ହକିକତୁଲ୍ ୱହିର ପ୍ରଥମ ପଚାଶ ପୃଷ୍ଠା ପଢ଼ିନିଅ । ଏତଦ୍ୱାରା ତୁମକୁ ସ୍ୱପ୍ନର ବାସ୍ତବିକତା ବୁଝା ପଡ଼ିଯିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହି କ୍ଲାସ୍‌ଟି ୭:୧୦ରେ ଶେଷ ହେଲା । ଏହାପରେ ୭:୧୦ରେ ୱାକେଫିନ୍ ନୌ ପିଲାମାନଙ୍କ କ୍ଲାସ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଆରମ୍ଭ ହେଲା ।

**ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ୱାକିଫିନେ ନୌ ପିଲାମାନଙ୍କର କ୍ଲାସ୍**

ପ୍ରୋଗ୍ରାମ୍‌ର ଶୁଭାରମ୍ଭ ପବିତ୍ର କୋରାନ୍ ପାଠରୁ ହେଲା, ଯାହାକୁ ଅଜିଜମ୍ ଉମର ମଜହର୍ ପାଠ କଲେ ଓ ଏହାର ଉର୍ଦ୍ଦୁ ଅନୁବାଦ ଅଜିଜମ୍ କମାଲ୍ ଅବ୍‌ବାସ୍ କାଜି ପଢ଼ି ଶୁଣାଇଲେ । ଏହାପରେ ଅଜିଜମ୍ ନୁର୍ ଅହେମଦ୍ ରଜା ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମ୍ନଲିଖିତ ହଦିସ୍ ପାଠ କଲେ ।

**ଅନ୍ ଉସ୍‌ମାନ୍ ବିନ୍ ଅଫ୍‌ଫାନା ରଜିୟଲ୍ଲାହୋ ଅନ୍‌ହୁ କାଲା ସମେତୁ ରସୁଲଲ୍ଲାହି ସ୍ୱଲଲ୍ଲାହୋ ଆଲୈହି ୱସଲ୍ଲମା ୟକୁଲୁ ମନ୍ ବନା ମସ୍‌ଜିଦନ୍ ଲିଲ୍ଲାହି ବନଲ୍ଲାହୁ ଲହୁ ଫିଲ୍ ଜନ୍ନତି ମିସ୍‌ଲହୁ ।**

ଉକ୍ତ ହଦିସ୍‌ର ନିମ୍ନଲିଖିତ ଉର୍ଦ୍ଦୁ ଅନୁବାଦ ଅଜିଜମ୍ ହମାଦ୍ ଅକ୍‌ମଲ୍ ପଢ଼ି ଶୁଣାଇଲେ । ଅନୁବାଦ- ''ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫ୍‌ଫାନା ରଜିଅଲ୍ଲାହୋ ଅନ୍‌ହୁ ବର୍ଣ୍ଣନା କରୁଛନ୍ତି କି ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ଏକଥା ଶୁଣିଛି କି ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଖାତିର ମସ୍‌ଜିଦ୍ ନିର୍ମାଣ କରେ ଅଲ୍ଲାତାଲା ମଧ୍ୟ ତା ପାଇଁ ଜନ୍ନତ୍‌ରେ ସେହିଭଳି ଘର ନିର୍ମାଣ କରେ'' ।

ଏହାପରେ ଅଜିଜମ୍ ସୟଦ୍ ଶାହା ଜେବ୍ ଅହେମଦ୍ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ନିମ୍ନଲିଖିତ ଆଲେଖ୍ୟଟିକୁ ଉପସ୍ଥାପନ କଲେ ।

**ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାଣୀ ମସ୍‌ଜିଦ୍‌ର ଗୁରୁତ୍ୱ**

ବର୍ତମାନ ଆମ ଜମାତ୍‌କୁ ମସ୍‌ଜିଦ୍‌ର ବହୁତ ଆବଶ୍ୟକ ରହିଛି ଏହା ହେଉଛି ଇଶ୍ୱରଙ୍କ ଘର । ଯେଉଁ ଗ୍ରାମ ବା ସହରରେ ଆମ ଜମାତ୍‌ର ମସ୍‌ଜିଦ୍ ସ୍ଥାପନ ହୋଇଗଲା ତେବେ ଜାଣିନିଅ କି ଜମାତ୍‌ର ଉନ୍ନତିର ମୂଳଦୁଆ ପଡ଼ିଗଲା । ଯଦି କୌଣସି ଏପରି ଗାଁ ବା ସହର ଥିବ ଯେଉଁଠି ମୁସଲମାନ୍ କୌମ୍ ଥିବେ ବା ନଥିବେ ଏବଂ ସେଠାରେ ଇସ୍‌ଲାମ୍‌ର ଉନ୍ନତି କରିବାକୁ ହେବ ତେବେ ସେଠି ଗୋଟିଏ ମସ୍‌ଜିଦ୍ ବନାଇଦେବା ଉଚିତ୍ । ପୁଣି ଇଶ୍ୱର ନିଜେ ହିଁ ମୁସଲମାନ୍ ମାନଙ୍କୁ ଟାଣିଆଣିବେ । କିନ୍ତୁ ସର୍ତ ହେଉଛି ଏହା କି ମସ୍‌ଜିଦ୍ ନିର୍ମାଣ କରିବାର ନିୟତ୍ ବା ନିଷ୍ଠା ରହିବା ଉଚିତ୍ । କେବଳ ଅଲ୍ଲାଃତାଲାଙ୍କ ପାଇଁ । ସେଠାରେ ନିଜର ସ୍ୱାର୍ଥ ବା କୌଣସି ପ୍ରକାରର କୁକାର୍ଯ୍ୟର ହସ୍ତକ୍ଷେପ କଦାପି ନଥିବ । ତେବେ ଯାଇ ଇଶ୍ୱର ବରକତ୍ ଦେବେ । (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୯୩)

ଏହାପରେ ଅଜିଜମ୍ ହାଫିଜ୍ ସଇଦୁଦ୍ଦିନ୍ ଅହେମଦ୍ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃଙ୍କ ମଞ୍ଜୁମ୍ କଲାମ୍-

**ଇକ୍ ରାତ୍ ମଫାସିଦ୍ କି**
**ୱହ୍ ତିରାଃ ୱ ତାର୍ ଆଇ**
**ଜୋ ନୁର୍ କି ହର୍ ମଶ୍‌ଅଲ୍**
**ଜୁଲ୍ ମାତ୍ ପେ ୱାର୍ ଆଇ**

ନଜମ୍‌ରୁ କିଛି ପଦ ପଢ଼ି ଶୁଣାଇଲେ ।

ଏହାପରେ ଅଜିଜମ୍ କମାଲ୍ ଅହେମଦ୍ ମଲହି ସାହେବ୍ ଏବଂ ଅଜିଜମ୍ ତା-ହା ଶକିଲ୍ ଅହେମଦ୍ ହଲାଣ୍ଡରେ ମସ୍‌ଜିଦ୍ ନିର୍ମାଣ ହେବା ପ୍ରସଙ୍ଗରେ ଗୋଟିଏ ପ୍ରେସେଂଟ୍‌ଟେସନ୍ ଉପସ୍ଥାପନ କଲେ ।

ଅଜିଜମ୍ କମାଲ୍ ଅହେମଦ୍ ମଲହି ନିଜର ସନ୍ଦର୍ଭକୁ ଉପସ୍ଥାପନ କରି ବତାଇଲେ - ସୟଦନା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସକୁ ୧୮୮୮ ମସିହାରେ କଶ୍‌ଫି (ଜାଗ୍ରତ ଅବସ୍ଥାରେ ଦେଖୁଥିବା ଏକ ଅସ୍ଥାୟୀ ଦୃଶ୍ୟ) ରୂପରେ ମସ୍‌ଜିଦ୍‌ର କାନ୍ଥରେ ମୁସ୍‌ଲେହ୍ ମଉଦ୍‌ଙ୍କ ପବିତ୍ର ନାମ ମେହ୍‌ମୁଦ୍ ଦେଖାଇ ଦିଆଯାଇଥିଲା । ଯେଉଁଥିରେ ଏ ଇସାରା ମଧ୍ୟ ଥିଲା କି ମୁସ୍‌ଲେହ୍ ମଉଦ୍‌ଙ୍କ ଯୁଗକୁ ମସ୍‌ଜିଦ୍ ନିର୍ମାଣ କରିବା ସହିତ ଗଭୀର ସମ୍ପର୍କ ରହିବ । ସୁତରାଂ ବାସ୍ତବରେ ଏପରି ହିଁ ହେଲା । ଏବଂ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ନିଜର ପବିତ୍ର ଯୁଗରେ ୟୁରୋପ୍, ଆମେରିକା, ଆଫ୍ରିକା, ଏସିଆ ସୁତରାଂ ସମସ୍ତ ମହାଦେଶ ଗୁଡିକରେ ଅନେକ ମସ୍‌ଜିଦ୍ ନିର୍ମାଣ କଲେ ଓ ସଦର୍ବା ଜମାତ୍‌କୁ ଏ ଉପଦେଶ ଦେଉଥିଲେ କି ''ଆମକୁ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନୁହେଁ ବରଂ ପ୍ରତ୍ୟେକ ସ୍ଥାନରେ ମସ୍‌ଜିଦ୍ ନିର୍ମାଣ କରିବାକୁ ହେବ'' ।

**ହାଫିଜ୍ କୁଦ୍‌ରତୁଲ୍ଲାଃ ସାହେବ୍‌ଙ୍କ ବୟାନ୍**

ଜମାତ୍ ଅହେମଦୀୟା ହଲାଣ୍ଡର ପ୍ରଥମ ମୁବଲିଗ୍ ସିଲ୍‌ସିଲା ହାଫିଜ୍ କୁଦ୍‌ରତୁଲ୍ଲାଃ ସାହେବ୍ ହଲାଣ୍ଡ୍‌ର ମସ୍‌ଜିଦ୍ ସମ୍ପର୍କରେ କହୁଛନ୍ତି- ହଲାଣ୍ଡର ମସ୍‌ଜିଦ୍ ନିମନ୍ତେ ଜମି ଅଧିଗ୍ରହଣ କରିବା ବହୁତ ବଡ କାରନାମା ଥିଲା । ହଲାଣ୍ଡର କ୍ୟାଥୋଲିକ୍ ଚର୍ଚ୍ଚ୍ ନିଜର ସମସ୍ତ ସାମର୍ଥ୍ୟକୁ ଲଗାଇଦେଲେ କି ହେଗ୍‌ଠାରେ ବରଂ ଏ ଦେଶରେ କୌଣସି କୋଣରେ ମଧ୍ୟ ମସ୍‌ଜିଦ୍ ନିର୍ମାଣ ନହେଉ । କିନ୍ତୁ ଅଲ୍ଲାଃତାଲା ନିଜର କୁଦ୍‌ରତ୍ ଓ ଶକ୍ତିର ଏପରି ଅଲୌକିକ ନିଦର୍ଶନ ଦେଖାଇଲେ କି ଚର୍ଚ୍ଚ୍‌ର ସମସ୍ତ ଚେଷ୍ଟା ବିଫଳ ହେଲା ଓ ୮ଜୁଲାଇ ୧୯୫୦ ମସିହା ଶୁକ୍ରବାର ଦିନ ହେଗ୍‌ଠାରେ ଗୋଟିଏ ଉପଯୁକ୍ତ ଜମି ଖଣ୍ଡକର ନିୟମିତ ରୂପେ ମଞ୍ଜୁରୀ ମିଳିଗଲା । ସୁତରାଂ ମୋକରମ୍ ହାଫିଜ୍ କୁଦ୍‌ରତୁଲ୍ଲାଃ ସାହେବ୍ ହଜ୍‌ରତ୍ ଚୌଧୁରୀ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍ ର:ଅଙ୍କ ସହିତ ମିଶି ହେଗ୍ ସହରରେ ମସ୍‌ଜିଦ୍ ନିମନ୍ତେ ଗୋଟିଏ ଅତ୍ୟନ୍ତ ସୁନ୍ଦର ଇଲାକାରେ ଜମି କିଣିଲେ ।

**ହଲାଣ୍ଡ୍ ମସ୍‌ଜିଦ୍ ମହିଳାମାନଙ୍କ ନାମରେ**

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏ ତେହ୍‌ରିକ୍ କରିଥିଲେ କି ହଲାଣ୍ଡର ମସ୍‌ଜିଦ୍‌ଟି ଅହେମଦୀ ମହିଳାମାନଙ୍କ ଚାନ୍ଦାରୁ ହିଁ ନିର୍ମାଣ କରାଯାଉ । ଅହେମଦୀ ମହିଳାମାନେ ନିଜର ବିଗତ ଉଦାହରଣୀୟ ରିୱାୟତ୍ ଅନୁରୂପ ଏହି ମାଲି ତେହ୍‌ରିକ୍‌ର ଏପରି ଉତ୍ସାହିତ ହୋଇ ସ୍ୱାଗତ ଜଣାଇଲେ ଯେ ଏଥିରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ତକ୍‌ରିର୍ ଗୁଡିକରେ ଏବଂ ଖୁତ୍‌ବା ଗୁଡିକରେ ନିଜର ପବିତ୍ର ଜିହ୍ୱାଦ୍ୱାରା ଅନେକ ଥର ଖୁସି ପ୍ରକାଶ କଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏକଦା ବର୍ଣ୍ଣନା କଲେ- ''ମସ୍‌ଜିଦ୍ ହଲାଣ୍ଡ୍‌ଟି ସଦାସର୍ବଦା ମହିଳାମାନଙ୍କ ନାମରେ ହିଁ ରହିବ ।

ମୋକରମ୍ ଗୁଲାମ୍ ଅହେମଦ୍ ବଶିର୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଯ୍ୟ ହଲାଣ୍ଡ ତରଫରୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ନିକଟରେ ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ ହେବାର ଶୁଭଖବର ପହଂଚିଲା । ଏଥିରେ ହଜୁର୍‌ଙ୍କୁ ବହୁତ ଖୁସି ଅନୁଭବ ହେଲା ଓ ହଜୁର୍ ଗୋଟିଏ ବାର୍ତା ପଠାଇଲେ ଯେଉଁଥିରେ ଲେଖିଲେ କି- ''ଜଜାକଲ୍ଲାଃ ଆପଣଙ୍କୁ ଶୁଭେଚ୍ଛା ଓ ସମସ୍ତ ଅହେମଦୀ ମୁସଲମାନ୍‌ମାନଙ୍କୁ ମଧ୍ୟ ଶୁଭେଚ୍ଛା । ଅଲ୍ଲାଃତାଲା ଚୌଧୁରୀ ସାହେବ୍‌ଙ୍କ ନିମନ୍ତେ ଏହି ମହାନ୍ ସେବାକୁ ବହୁତ ମୁବାରକ୍ କରନ୍ତୁ ଓ ପୁଣ୍ୟ ପ୍ରଦାନ କରନ୍ତୁ । ସତ୍ୟ ହେଉଛି ଏହା ଯାହା ସର୍ ଅବ୍‌ଦୁଲ୍ କାଦିର୍ ମସ୍‌ଜିଦ୍ ଲଣ୍ଡନ୍‌ର ଉଦ୍‌ଘାଟନୀ ଉତ୍ସବରେ କହିଥିଲେ ।

**ଇଁ ସାଦତ୍ ବଜୋରେ ବାଜୁ ନେସ୍ତ**
**ତାନା ବଖ୍‌ଶଦ ଖୁଦାଏ ବଖ୍‌ଶନ୍ଦା**

ଅନୁବାଦ- ଏହି ସୌଭାଗ୍ୟ କୌଣସି ଶକ୍ତିଦ୍ୱାରା ମିଳେନାହିଁ ଯେପର୍ଯ୍ୟନ୍ତ ଇଶ୍ୱର, ଯିଏ ହେଉଛନ୍ତି ପ୍ରଦାନକାରୀ, ସେ ନିଜେ ପ୍ରଦାନ ନକରିଛନ୍ତି ।

ଅଲ୍ଲାଃତାଲା ଚୌଧୁରୀ ସାହେବ୍‌ଙ୍କୁ ମୋତେ ଆରାମର ସହିତ ଏଠାରେ ପହଂଚାଇବାର ସୌଭାଗ୍ୟ ପ୍ରଦାନ କରିଛି ଏବଂ ଏହାର ପ୍ରତିବଦଳରେ ତାଙ୍କୁ ମସ୍‌ଜିଦ୍ ହଲାଣ୍ଡର ଭିତିପ୍ରସ୍ତର ସ୍ଥାପନ କରିବାର ସମ୍ମାନ ମିଳିଛି । ଏହା ହେଉଛି ସେହି ସମ୍ମାନ ଯାହାର ସୌଭାଗ୍ୟ ବହୁତ ବଡ ବଡ ଲୋକଙ୍କୁ ମଧ୍ୟ ମିଳିନଥିବ । ଆମେ ପୁନଃ ଇସ୍‌ଲାମ୍‌ର ନୂତନ ରୂପେ ଭିତିସ୍ଥାପନ ରଖୁଅଛେ । ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ନାଏବ୍ (ଉତରାଧିକାରୀ) ହେବା କୌଣସି ମାମୁଲି ପଦବୀ ନୁହେଁ । ବର୍ତମାନ ଏ ଦୁନିଆ ଏହି ସମ୍ମାନକୁ ଜାଣୁନାହିଁ । ଏକ ସମୟ ଏପରି ଆସିବ, ଯେତେବେଳେ ସାରା ସଂସାରର ସମ୍ରାଟ ଏହି ସେବାକୁ ଈର୍ଷାନ୍ୱିତ ଦୃଷ୍ଟିରେ ଦେଖିବେ ଅଲ୍ଲାଃତାଲା ଯଥାଶିଘ୍ର ହଲାଣ୍ଡ୍‌ର ଅଧିକାଂଶ ଲୋକଙ୍କୁ ଅହେମଦୀୟତ୍‌ରେ ଦାଖଲ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ'' ।

**ହେଗ୍ ମସ୍‌ଜିଦ୍ ସହିତ ହଜ୍‌ରତ୍ ଚୌଧୁରୀ ମୁହମ୍ମଦ୍ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍‌ଙ୍କ ବିଶେଷ ସମ୍ବନ୍ଧ**

ହେଗ୍ ମସ୍‌ଜିଦ୍ ସହିତ ହଜ୍‌ରତ୍ ଚୌଧୁରୀ ମୁହମ୍ମଦ୍ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍‌ଙ୍କ ବିଶେଷ ସମ୍ବନ୍ଧ ଥିଲା । ମସ୍‌ଜିଦ୍‌ର ଜମିଟିକୁ ଚୌଧୁରୀ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍ ତଦାରଖ କଲେ । ପୁଣି ମସ୍‌ଜିଦ୍‌ର ନକ୍‌ସା ପ୍ରସ୍ତୁତରେ ମଧ୍ୟ କିଛି ମାର୍ଗଦର୍ଶନ କରାଇଲେ । ୧୯୫୫ ମସିହାର ପ୍ରାରମ୍ଭରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏକ ନିର୍ଦ୍ଦେଶ ମୁତାବକ ହଜ୍‌ରତ୍ ଚୌଧୁରୀ ସାହେବ୍ ର:ଅ ଏହି ମସ୍‌ଜିଦ୍‌ର ମୂଳଦୁଆ ରଖିଛନ୍ତି ଓ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ମଧ୍ୟ କରିଛନ୍ତି । କେବଳ ଏତିକି ନୁହେଁ ବରଂ ହଜୁର୍ ଅକ୍‌ଦସ୍ ର:ଅଙ୍କ ନିର୍ଦ୍ଦେଶ ମୁତାବକ ମସ୍‌ଜିଦ୍‌ଟି ସମ୍ପୂର୍ଣ୍ଣ ହୋଇଯିବା ପରେ କିଛି କାରଣ ବଶତଃ ୬ମାସ ପର୍ଯ୍ୟନ୍ତ ମସ୍‌ଜିଦ୍‌ର ଗୋଟିଏ କୋଠାରୀରେ ସେ ରହିଥିଲେ । ସେହିଦିନ ଗୁଡିକରେ ମସ୍‌ଜିଦ୍‌ରେ ମୋକରମ୍ ହାଫିଜ କୁଦ୍‌ରତୁଲ୍ଲାଃ ସାହେବ୍ ଏବଂ ମୋକରମ୍ ଅବୁବକର୍ ଅୟୁବ୍ ସାହେବ୍‌ଙ୍କୁ ହଜ୍‌ରତ୍ ଚୌଧୁରୀ ଜଫ୍‌ରୁଲ୍ଲାଃ ଖାଁଙ୍କ ସହିତ ରହିବାର ସୌଭାଗ୍ୟ ପ୍ରାପ୍ତ ହେଲା ଏବଂ ସେହି ସମୟ ପରେ ମଧ୍ୟ ହଜ୍‌ରତ୍ ଚୌଧୁରୀ ସାହେବ୍ ର:ଅ ବର୍ଷବର୍ଷ ଧରି ଆନ୍ତର୍ଜାତୀୟ ଅଦାଲତ ସହିତ ସଂଲଗ୍ନ ହୋଇଥିବା ଯୋଗୁ ହେଗ୍‌ଠାରେ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ରହୁଥିଲେ ।

ମସ୍‌ଜିଦ୍ ହଲାଣ୍ଡର ଆଉଗୋଟିଏ ମଧ୍ୟ ବିଶେଷତା ହେଉଛି ଏହା କି ମସ୍‌ଜିଦ୍ ହଲାଣ୍ଡରେ ପ୍ରଥମ ଇଦ୍ ନମାଜ ହଜରତ୍ ଚୌଧୁରୀ ଜଫରୁଲ୍ଲାଃ ଖାନ୍ ସାହେବ୍ ର:ଅ ପଢ଼ାଇଥିଲେ । ହଜରତ୍ ଚୌଧୁରୀ ସାହେବ୍ ର:ଅ ଉକ୍ତ ମସ୍‌ଜିଦ୍ ସମ୍ବନ୍ଧରେ କହୁଛନ୍ତି:-

''ହେଗ୍‌ଠାରେ ମସ୍‌ଜିଦ୍ ଅହେମଦୀୟାର ନିର୍ମାଣ ହେବା ମୋ ପାଇଁ ବହୁତ ଆଧାତ୍ମିକ ଶାନ୍ତିର କାରଣ ଥିଲା । ଏହି ମସ୍‌ଜିଦ୍‌ଟି ହେଉଛି ଅଲ୍ଲାଃତାଲାଙ୍କ କରୁଣାରୁ ଲଣ୍ଡନ ପରି ଜମାତ୍ ଅହେମଦୀୟାର ମହିଳାମାନଙ୍କ ମାଲି କୁର୍ବାନୀର ଏକ ଉଦାହରଣୀୟ ସ୍ମୃତି । ଏହି ମସ୍‌ଜିଦ୍‌ର ମୁଳଦୁଆ ରଖିବା ଓ ଅଟ୍ଟାଳିକାଟି ସମ୍ପୂର୍ଣ୍ଣ ହୋଇଯିବା ପରେ ଏହାର ଉଦ୍‌ଘାଟନ କରିବାର ସୌଭାଗ୍ୟ ମଧ୍ୟ କେବଳ ଅଲ୍ଲାଃତାଲାଙ୍କ ଦୟା ଓ ତାର ବଦାନ୍ୟତା ଯୋଗୁ ମୋତେ ହିଁ ପ୍ରାପ୍ତ ହୋଇଛି । ମୋ ରହଣି ସମୟରେ ହାଫିଜ୍ କୁଦ୍‌ରତୁଲ୍ଲାଃ ସାହେବ୍ ଇମାମ୍ ଏବଂ ମୌଲୱି ଅବୁବକର୍ ସାହେବ୍ ସୁମାତ୍ରି ନାଏବ୍ ଇମାମ୍ ଥିଲେ । ଉକ୍ତ ଦୁଇଜଣ ନିଷ୍ଠାବାନ୍ ବ୍ୟକ୍ତିବିଶେଷଙ୍କ ପୁଣ୍ୟ ନମୁନା ମୋ ପାଇଁ ମାର୍ଗଦର୍ଶନର ମଶାଲ ଥିଲା'' ।

ଏହାପରେ ଅଜିଜମ୍ ତା ହା ସକିଲ୍ ଅହେମଦ୍ ନିଜର ନିମ୍ନଲିଖିତ ନିବନ୍ଧକୁ ଉପସ୍ଥାପନ କଲେ ।

**ମସ୍‌ଜିଦ୍ ମୁବାରକ୍ ହେଗ୍‌ର ବୈଶିଷ୍ଟ୍ୟ**

ୟୁରୋପ୍‌ରେ ଥିବା ମସ୍‌ଜିଦ୍ ମାନଙ୍କ ମଧ୍ୟରୁ ଲଣ୍ଡନ୍‌ରେ ଥିବା ମସ୍‌ଜିଦ୍‌କୁ ଏ ବିଶେଷତା ହାସଲ ଅଛି କି ୧୯୨୪ ମସିହାରେ ଏ ମସ୍‌ଜିଦ୍‌ର ମୁଳଦୁଆ ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ ନିଜେ ସ୍ୱୟଂ ନିଜ ହାତଦ୍ୱାରା ରଖିଥିଲେ । ପୁଣି ଦ୍ୱିତୀୟ ନଂରେ ହଲାଣ୍ଡର ମସ୍‌ଜିଦ୍‌କୁ ଏ ସୌଭାଗ୍ୟ ପ୍ରାପ୍ତ ହୋଇଛି କି ୧୯୫୫ ମସିହାରେ ଯେବେ ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଉପଚାର ନିମନ୍ତେ ୟୁରୋପ୍ ଆସିଥିଲେ ସେତେବେଳେ ହଲାଣ୍ଡର ମସ୍‌ଜିଦ୍ ନିର୍ମାଣାଧିନ ଥିଲା । ସୁତରାଂ ହଜୁର୍ ଅକ୍‌ଦସ୍ ର:ଅ ସେହିଦିନ ଗୁଡିକରେ ଅର୍ଥାତ୍ ଦୁଇ ସପ୍ତାହ ହଲାଣ୍ଡର ରହଣୀ ସମୟରେ ଉକ୍ତ ନିର୍ମାଣାଧିନ ମସ୍‌ଜିଦ୍‌ଠାରେ ପହଂଚି ଓ ମସ୍‌ଜିଦ୍‌ର ଅଂଶରେ ଛିଡ଼ା ହୋଇ ମସ୍‌ଜିଦ୍‌ଟି ବାବରକତ୍ ହେବାପାଇଁ ଦୁଆ କରାଇଲେ । କାଦିଆନ୍‌ର ମସ୍‌ଜିଦ୍ ଏବଂ ମସ୍‌ଜିଦ୍ ଫଜଲ ଲଣ୍ଡନ୍ ପରେ ମସ୍‌ଜିଦ୍ ମୁବାରକ୍ ହେଗ୍‌କୁ ଏ ସୌଭାଗ୍ୟ ହାସଲ ହୋଇଛି କି ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଚାରିଜଣ ଖଲିଫା ଏହି ମସ୍‌ଜିଦ୍‌ରେ ପହଂଚିଛନ୍ତି ।

**ମସ୍‌ଜିଦ୍ ମୁବାରକ୍‌କୁ ଜଳାଇବା ପାଇଁ ଅପଚେଷ୍ଟା**

୮ଅଗଷ୍ଟ ୧୯୮୭ ମସିହାର ରାତି ସମୟରେ ଯେବେ କି ମୋକରମ୍ ଅବ୍‌ଦୁଲ୍ ହକିମ୍ ଅକ୍‌ମଲ୍ ସାହେବ୍ ମୁରବୀ ଇନଚାର୍ଯ୍ୟ ହଲାଣ୍ଡ ନିଜ ଫ୍ୟାମିଲିଙ୍କ ସହିତ ଜଲସାସାଲାନା ଇଂଲଣ୍ଡକୁ ଯାଇଥିଲେ, କୌଣସି ଜଣେ ଅଭାଗା ମସ୍‌ଜିଦ୍‌ର ପଛପଟୁ ଗୋଟିଏ ଝରକା ଭାଙ୍ଗି ଭିତରକୁ ଆସିଲା ଓ ତେଲ ଛିଂଚାଡି ନିଆଁ ଲଗାଇଦେଲା । ଶୋଏବ୍ ଅକ୍‌ମଲ୍ ସାହେବ୍ ଯିଏ ସେହି ସମୟରେ ଉପର ମହଲାରେ ଶୋଇଥିଲେ, ଯେତେବେଳେ ତାଙ୍କ ଆଖି ଖୋଲିଲା ସେତେବେଳେ ସେ ଦେଖିବାକୁ ପାଇଲେ କି ଚାରିଆଡେ ଧୂଆଁମୟ ହୋଇଯାଇଛି ଓ କିଛି ଦିଶୁନାହିଁ । ସୁତରାଂ ସେ ଯଥାଶିଘ୍ର ଫାୟାର୍ ବ୍ରିଗେଡ୍ ଓ ପୋଲିସ୍‌କୁ ସୂଚନା ଦେଲେ । ସୁତରାଂ ତତ୍‌କ୍ଷଣାତ୍ କାରବାଇ ହେଲା । ମସ୍‌ଜିଦ୍‌ର ଅଟ୍ଟାଳିକାଟି ଯେହେତୁ ସିମେଂଟ୍‌ର ଥିଲା ସେଇଥିପାଇଁ ଅଧିକା କ୍ଷତି ହେଲାନାହିଁ, କିନ୍ତୁ କୋଠରୀ ଗୁଡିକ କଳା ପଡ଼ିଗଲା ଓ ମସ୍‌ଜିଦ୍‌ର ଗାଲିଚ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନଗୁଡ଼ିକୁ କ୍ଷତି ପହଂଚିଲା ।

ମସ୍‌ଜିଦ୍‌ର Renovatio ଅବସରରେ ଗୋଟିଏ ଇମାନ୍ ଅଫରୋଜ୍ (ବିଶ୍ୱାସବର୍ଦ୍ଧକ) ଘଟଣା ଘଟିଲା । ଯାହା ସମ୍ପର୍କରେ ହଜରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ବର୍ଣ୍ଣନା କରିଛନ୍ତି:- ''୧୯୮୭ ମସିହାରେ ଏହି ମସ୍‌ଜିଦ୍‌କୁ ନିଆଁ ଲଗାଇ ଦିଆଗଲା ଓ ନିଆଁ ଲଗାଇଥିବା ବ୍ୟକ୍ତିର କୌଣସି ସନ୍ଧାନ ମିଳିଲା ନାହିଁ । ପୋଲିସ୍ ନିଜ ଆଡୁ ଚେଷ୍ଟା କରିଥିବେ କିନ୍ତୁ ଇଶ୍ୱର ଠିକ୍ ଭାବେ ଜାଣନ୍ତି କି ଏହାର କାରଣ କଣ ଥିଲା ଯେ ଏ ବିଷୟରେ ଆମେ ଜାଣିପାରିଲୁ ନାହିଁ । ସୁତରାଂ ଯେତେବେଳେ ଏହି ନିଆଁ ଲଗାଗଲା ଯେପରିକି ମୁଁ କହିସାରିଛି କେବଳ ଅଧିକରୁ ଅଧିକ ୫୦ଜଣ ନମାଜି ଏହି ମସ୍‌ଜିଦ୍‌ରେ ନମାଜ ପଢ଼ିପାରୁଥିଲେ । ତା ପର ଖୁତ୍‌ବାରେ ମୁଁ ଜମାତ୍ ଅହେମଦୀୟା ହଲାଣ୍ଡକୁ ଆଶ୍ୱାସନା ଦେଲି କି ଆମେ ତ ସର୍ବଦା ଇଶ୍ୱରଙ୍କ ବିଶେଷ ବ୍ୟବହାର ଆମପାଇଁ ଥିବାର ଦେଖୁଅଛୁ । ତେଣୁ ଆପଣମାନଙ୍କୁ ବ୍ୟତିବ୍ୟସ୍ତ ହେବାର କୌଣସି ଆବଶ୍ୟକତା ନାହିଁ । ଅଲ୍ଲାଃତାଲା ଆପଣମାନଙ୍କୁ ଏହାଠାରୁ ଆହୁରି ୧୦ଗୁଣା ବଡ ମସ୍‌ଜିଦ୍ ବନାଇବା ପାଇଁ ଶକ୍ତି ପ୍ରଦାନ କରିବେ । ଏବଂ ୫୦ଜଣ ନମାଜୀଙ୍କ ପରିବର୍ତ୍ତେ ୫୦୦ ନମାଜୀ ସେହି ମସ୍‌ଜିଦ୍‌ରେ ନମାଜ ପଢ଼ିପାରିବେ । ବର୍ତ୍ତମାନ ଏକଥା ମୁଁ ଭୁଲିଯାଇଛି, ଅମୀର୍ ସାହେବ୍ ଏବଂ ଜମାତ୍‌ର କର୍ମୀମାନେ ଓ ଅବ୍‌ଦୁର୍ ରଶିଦ୍ ସାହେବ୍ ଆର୍କିଟେକ୍ଟ ଯିଏ ଏହି ମସ୍‌ଜିଦ୍‌ର ବହୁତ କାମ କରିଛନ୍ତି ସେ ମଧ୍ୟ ଏକଥା ଭୁଲିଯାଇଥିଲେ ଓ ଯେଉଁ ସମୟରେ ସେ ଡିଜାଇନ୍ କରୁଥିଲେ ସେ ସମୟରେ ମସ୍‌ଜିଦ୍ ଓ ସମସ୍ତ ଅଟ୍ଟାଳିକା ବିଷୟରେ ତାଙ୍କ ମୁଣ୍ଡର କୌଣସି ଭାଗରେ ମଧ୍ୟ କିଛି ନଥିଲା କି ଦଶଗୁଣା ବଡ ମସ୍‌ଜିଦ୍ ଅଲ୍ଲାଃତାଲା ଯେପରି ପ୍ରତିଶ୍ରୁତି କରିଛି । ବେଳେବେଳେ ଇଶ୍ୱର ନିଜ ବିନମ୍ର ଭକ୍ତଙ୍କ ମୁହଁରୁ ବାହାରିଥିବା କଥାକୁ ପୁରଣ କରିଦିଏ । ଇଛା ତ ଇଶ୍ୱରଙ୍କର ହିଁ ହୋଇଥାଏ । ସେଇଥିପାଇଁ ସେ କଥା ମୁହଁରୁ ବାହାରିପଡେ । ସୁତରାଂ ତାଙ୍କ ମନରେ ମଧ୍ୟ ଏପରି କୌଣସି ଚିନ୍ତାଧାରା ମଧ୍ୟ ନଥିଲା । କିନ୍ତୁ ଅଲ୍ଲାଃତାଲାଙ୍କ କରୁଣାରୁ ଯେବେ ବହୁତ ଲମ୍ବା ପରିଶ୍ରମ କରିବା ପରେ ପରିଶେଷରେ ଏହି ମସ୍‌ଜିଦ୍‌ଟି ସମ୍ପୂର୍ଣ୍ଣ ହୋଇଗଲା ସେତେବେଳେ ଆର୍କିଟେକ୍ଟ ସାହେବ୍ ଯାଇ ମାପଚୁପ ଆରମ୍ଭ କଲେ ଓ ଏଥିରେ ସେ ଆଶ୍ଚର୍ଯ୍ୟଚକିତ ହୋଇଗଲେ କି ଏହି ବିଲ୍‌ଡିଂରେ ଯାହା ସାଧାରଣ କ୍ଷେତ୍ରଫଳ ଦୃଷ୍ଟିକୋଣରୁ ଅଡ଼େଇଗୁଣା ଥିଲା । ମସ୍‌ଜିଦ୍‌ର ଭାଗଟି ଦଶଗୁଣା ହୋଇଯାଇଛି ଓ ସମ୍ପୂର୍ଣ୍ଣ ରୂପେ ସେହି କଥା ପୁରଣ ହୋଇଯାଇଛି ଯେ ୫୦ ପରିବର୍ତ୍ତେ ୫୦୦ ନମାଜି ସେଠାରେ ନମାଜ ପଢ଼ିପାରିବେ । ତେବେ ଏହା ହେଉଛି ଅଲ୍ଲାଃତାଲାଙ୍କ କାରବାର । ଏହା ଆପଣମାନଙ୍କୁ କେବଳ ଏଇଥିପାଇଁ କହୁଅଛି କି ଇଶ୍ୱରଙ୍କ ଗୁଣଗାନ ଓ ଇଶ୍ୱରଙ୍କ କୃତଜ୍ଞତା ଯେତେ ହୋଇପାରିବ ସେତେ ଜ୍ଞାପନ କର । ସେ ଜମାତ୍ ସହିତ ଅତ୍ୟନ୍ତ ଏହ୍‌ସାନ୍ (ବଦାନ୍ୟତା)ର ବ୍ୟବହାର କରୁଅଛି'' ।

ମସ୍‌ଜିଦ୍ ମୁବାରକ୍ ହେଗ୍‌କୁ ଏବର୍ଷ ୬୦ ବର୍ଷ ପୂରଣ ହେଲା ଓ ଅଲ୍ଲାଃତାଲାଙ୍କ କରୁଣା ଓ ଦୟାବଳରୁ ଏହି ମସ୍‌ଜିଦ୍ ହଲାଣ୍ଡରେ ଇସଲାମ୍ ଓ ଅହେମଦୀୟତ୍‌କୁ ପ୍ରଚାର ପ୍ରସାର କରିବାରେ ମୂଳ କାର୍ଯ୍ୟ ସମ୍ପାଦନ କରୁଅଛି, ଯେଉଁଠି ମଧ୍ୟ ହଲାଣ୍ଡର ମସ୍‌ଜିଦ୍ କଥା ଉଠୁଛି ସେଠି ଜମାତ୍ ଅହେମଦୀୟା ଦ୍ୱାରା ନିର୍ମିତ ହୋଇଥିବା ମୁବାରକ୍ ମସ୍‌ଜିଦ୍ ସର୍ବାଗ୍ରେ ଚର୍ଚ୍ଚା ହେଉଛି । ୨ ଜୁନ୍ ୨୦୦୪ ରେ ହଲାଣ୍ଡ ଦେଶରେ ପୂର୍ବତନ ରାଣୀ ମଧ୍ୟ ମସ୍‌ଜିଦ୍ ମୁବାରକ୍‌କୁ ଆସିଥିଲେ ।

**ବଇତୁଲ୍ ଆଫିୟତ୍**

ଅଲ୍ଲାଃତାଲାଙ୍କ ଦୟା ଓ କରୁଣାରୁ ଜମାତ୍ ଅହେମଦୀୟା ହଲାଣ୍ଡ ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ନିର୍ଦ୍ଦେଶାନୁସାରେ ଗୋଟିଏ ନୂତନ ମସ୍‌ଜିଦ୍ 'ଅଲ୍‌ମେରେ'ଠାରେ ନିର୍ମାଣ କରୁଅଛି, ଯାହାର ଭିତି ସ୍ଥାପନ ଆମର ପ୍ରିୟ ଆକା ୭ ଅକ୍ଟୋବର୍ ୨୦୧୫ ମସିହାରେ ନିଜ ପବିତ୍ର ହସ୍ତରେ ରଖିଥିଲେ । ଫଅଲ୍‌ହମ୍‌ଦୁ ଲିଲ୍ଲାହି ଆଲା ଜାଲିକା । ଅଲ୍ଲାଃତାଲାଙ୍କ ନିକଟରେ ଏ ପ୍ରାର୍ଥନା କି ଯଥାଶିଘ୍ର ସେ ଆମକୁ ଏହି ମସ୍‌ଜିଦ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

(କ୍ରମଶଃ..)

(ବହଓ୍ୱାଲା ଅଖବାର୍ ବଦର୍ ୧୨ ନଭେମ୍ବର୍ ୨୦୧୮)

## ଅଖବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୱ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୱ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତରବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତରବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

## ଜେଲି ତନ୍‌ଜିମ୍ ଭାରତର ସାଲାନା ଇଜ୍‌ତିମା ୨୦୧୮ର ମଞ୍ଜୁରୀ

ସୟଦ୍‌ନା ହଜରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟାପୂର୍ବକ ଜେଲି ତନ୍‌ଜିମ୍ ଭାରତର ସାଲାନା ଇଜ୍‌ତେମା ୨୦୧୮ ନିମନ୍ତେ ୧୨-୧୩-୧୪ ଅକ୍ଟୋବର ୨୦୧୮ (ଶୁକ୍ରବାର, ଶନିବାର ଓ ରବିବାର) ଦିନ ଗୁଡିକର ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ସମସ୍ତ ଜେଲି ତନ୍‌ଜିମ୍ ଗୁଡିକର ସଦସ୍ୟ ଓ ସଦସ୍ୟାମାନେ ଏବେଠାରୁ ଦୁଆ କରି କାଦିଆନ୍ ଦାରୁଲ୍ ଅମାନ୍‌ର ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ଇଜ୍‌ତେମାରେ ଯୋଗଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ତତ୍‌ସହିତ ଏହି ଇଜ୍‌ତେମା ପ୍ରତି କ୍ଷେତ୍ରରୁ ସଫଳ ହେବାପାଇଁ ଅନବରତ ଦୁଆ ଜାରି ରଖନ୍ତୁ । ଜଜାକୁମୁଲ୍ଲାହୁ ତାଲା ଅହସନୁଲ୍ ଜଜା ।

(କାର୍ଯ୍ୟାଳୟ)

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.3 Thursday 20 September 2018 Issue No.38**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ୍ ଗସ୍ତ - ଅକ୍ଟୋବର ୨୦୧୫ ର କାର୍ଯ୍ୟବ୍ୟସ୍ତତା

## ୯ ଅକ୍ଟୋବର ୨୦୧୫ (ଶୁକ୍ରବାର)

ସକାଳ ୬:୪୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବଇତୁଲ୍ ନୁର୍‌ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଫେରିଗଲେ ।

ସକାଳ ଓଳି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଆଜି ଜୁମାତୁଲ୍ ମୁବାରକ୍ । ହଲାଣ୍ଡ୍‌ର ପ୍ରତ୍ୟେକ ଜମାତ୍ ଗୁଡିକରୁ ଜମାତ୍‌ର ସଦସ୍ୟମାନେ ସକାଳୁ ବଇତୁଲ୍ ନୁର୍‌ଠାରେ ପହଂଚିବା ଆରମ୍ଭ କରିଦେଇଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ଏ ଇଚ୍ଛା ଥିଲା କି କିପରି ସେମାନେ ନିଜ ପ୍ରିୟ ଆକାଙ୍କ ପଛରେ ଜୁମା ନମାଜ ପଢ଼ିବାର ସୌଭାଗ୍ୟ ପାଇବେ ।

ହଲାଣ୍ଡ୍‌ର ଜମାତ୍ ଗୁଡିକ ବ୍ୟତୀତ ପଡୋଶୀ ଦେଶଗୁଡିକ ଯଥା-ବେଲ୍‌ଜିୟମ୍ ଓ ଜର୍ମାନୀରୁ ମଧ୍ୟ ଜମାତ୍‌ର ସଦସ୍ୟମାନେ ଓ ଫ୍ୟାମିଲି ଗୁଡିକ ନିଜ ପ୍ରିୟ ଆକାଙ୍କ ଇମାମତିରେ ଜୁମା ପଢ଼ିବା ପାଇଁ ବହୁତ ଦୂର ରାସ୍ତା ଅତିକ୍ରମ କରି ହଲାଣ୍ଡଠାରେ ପହଂଚିଥିଲେ । ଜର୍ମାନୀର ସହର ଫ୍ରାଙ୍କ୍‌ଫୋର୍ଟ୍‌ରୁ ଆସିଥିବା ସଦସ୍ୟମାନେ ସାଢ଼େ ଚାରିଶହ କି.ମି ଓ ହାମ୍‌ବର୍ଗ୍‌ରୁ ଆସିଥିବା ସଦସ୍ୟମାନେ ୫୦୦କି.ମି ରାସ୍ତା ଅତିକ୍ରମ କରି କେବଳ ଜୁମା ପଢ଼ିବା ପାଇଁ ଆସିଥିଲେ । ଜୁମା ପଢ଼ିବା ପରେ ପୁଣି ଏତେଗୁଡିଏ ଲମ୍ବା ଯାତ୍ରା ଅତିକ୍ରମ କରି ଫେରିଯାଇଥିଲେ । ଜମାତ୍ ଅହେମଦୀୟାର ଏକ ବହୁତ ବଡ ସଂଖ୍ୟାକୁ ଦେଖି ବଇତୁଲ୍ ନୁର୍‌ର ପ୍ରାଙ୍ଗଣରେ ଟେଂଟ୍ ଲଗାଯାଇଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ଦିନ ୨ଟା ସମୟରେ ବଇତୁଲ୍ ନୁର୍‌ଠାରେ ପହଂଚି ଖୁତ୍‌ବାଜୁମା ପ୍ରଦାନ କଲେ । (ଖୁତ୍‌ବାଜୁମାର ସମ୍ପୂର୍ଣ୍ଣ ଆଲେଖ୍ୟଟି ଅଖ୍‌ବାର୍ ବଦର୍ ତା-୨୯ ଅକ୍ଟୋବର୍ ୨୦୧୫ ରିଖ ସଂଖ୍ୟା ନଂ-୪୪ରେ ପ୍ରକାଶ ହୋଇସାରିଛି)

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଖୁତ୍‌ବା ଜୁମା ଦିନ ୩ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ଜୁମା ସହିତ ନମାଜ ଅସର୍ ଜମା କରି ପଢ଼ାଇଲେ ।

ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୋକରମ୍ ହାଫିଜ୍ ମୁହମ୍ମଦ୍ ଇକ୍‌ବାଲ୍ ଓ୍ୱାଡାଇଚ୍ ସାହେବ୍‌ଙ୍କ ନମାଜ ଯନାଜାଃ ଗାଏବ୍ ପାଠ କରାଇଲେ । ମରହୁମ୍ ୨ ଅକ୍ଟୋବର୍ ୨୦୧୫କୁ ଗୋଟିଏ ଦୁର୍ଘଟଣାରେ ୪୯ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଖୁତ୍‌ବାଜୁମାରେ ମରହୁମ୍‌ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ମଧ୍ୟ କରିଥିଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଫେରିଗଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଖବରକାଗଜ "DE CORRESPONDENT ର ଇଂଟରଭ୍ୟୁ

ପ୍ରୋଗ୍ରାମ୍ ମୁତାବକ ଠିକ୍ ୫ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍ତରକୁ ଆସିଲେ । ଖବରକାଗଜ "DE CORRESPONDENT ର ଜର୍ନାଲିଷ୍ଟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଇଂଟରଭ୍ୟୁ ନେବାପାଇଁ ଆସିଥିଲେ ।

ଜର୍ନାଲିଷ୍ଟ ଜଣକ ପ୍ରଥମପ୍ରଶ୍ନ ପଚାରିଲେ ଆପଣ ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ଶିକ୍ଷାଗୁଡିକୁ ଏହି ଇଲାକାରେ କିପରି ତବ୍‌ଲିଗ୍ କରୁଛନ୍ତି, ଯେବେକି ଯେଉଁସବୁ ଅନ୍ୟ ମୁସଲ୍‌ମାନ୍ ଗୋଷ୍ଠୀ ସବୁ ଅଛନ୍ତି, ସେମାନେ ପବିତ୍ର କୋରାନ୍‌ର ଆୟତ ଗୁଡିକୁ ଚରମପନ୍ଥୀ ହେବର ବ୍ୟାଖ୍ୟା କରୁଛନ୍ତି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- କେବଳ ଏହି କଥା ନୁହେଁ କି ଆମେ ଏବେ ଶାନ୍ତିର ତବ୍‌ଲିଗ୍ କରୁଛୁ ବୋଲି । ଆମେ ବିଗତ ୧୨୫ ବର୍ଷ ହେବ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା, ଶାନ୍ତି ଓ ସଲାମତିକୁ ପହଂଚାଉଅଛୁ । ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶ୍‌ଗୋଇ ମୁତାବକ ମସିହ୍ ଓ ମେହ୍‌ଦୀ ଆ:ସ ଆସିଲେ । ସେ ୧୮୮୯ ମସିହାରେ ଜମାତ୍ ଅହେମଦୀୟାର ଭିତି ସ୍ଥାପନ କଲେ ଓ ସେ ପୁଣି ଏ ଘୋଷଣା କଲେ କି ବର୍ତମାନ ଏ ଯୁଗରେ ତରବାରି ଦ୍ୱାରା ଜିହାଦ୍‌ର ଆବଶ୍ୟକତା ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସୁତରାଂ ବର୍ତମାନ କୌଣସି ପ୍ରକାର ତରବାରିର ଯୁଦ୍ଧ ଆବଶ୍ୟକ ନାହିଁ । ଆଜି ଇସ୍‌ଲାମ୍‌ର ବିରୋଧି ତରବାରି ସାହାଯ୍ୟରେ ଯୁଦ୍ଧ କରୁନାହାଁନ୍ତି ବରଂ ଇସାଇ ପାଦ୍ରୀମାନେ ତବ୍‌ଲିଗ୍ କରୁଛନ୍ତି ଓ ନିଜର ବାର୍ତା ଗୁଡିକୁ ଲୋକମାନଙ୍କ ନିକଟରେ ପ୍ରଚାର ପ୍ରସାର ଦ୍ୱାରା କରୁଛନ୍ତି । ଇସ୍‌ଲାମ୍‌ର ଶିକ୍ଷା ହେଉଛି ଏହା କି ଯେଉଁ ସବୁ ଉପାୟରେ ଆକ୍ରମଣ ନିଜ ଉପରେ କରାଯାଉଛି ସେହି ସବୁ ଉପାୟରେ ତାର ଉତର ଦିଆଯାଉ । ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ୍ ଆ:ସ ଏହା କହିଛନ୍ତି କି ବର୍ତମାନ ଇସ୍‌ଲାମ୍ ଉପରେ ଯେଉଁସବୁ ଆକ୍ରମଣ ହେଉଛି ତାହା କଲମା ଦ୍ୱାରା ହେଉଛି । ତେଣୁ ଏହାର ଉତର ମଧ୍ୟ କଲମ ଦ୍ୱାରା ଦେବା ଉଚିତ୍ । ତେଣୁ ବର୍ତମାନର ଜିହାଦ୍ ହେଉଛି କଲମର ଜିହାଦ୍ । ହଜ୍‌ରତ୍ ମସହି ମଉଦ୍ ଆ:ସ କଲମ ଦ୍ୱାରା ହିଁ ଇସାଇମାନଙ୍କ ତବ୍‌ଲିଗ୍ ଓ ସେମାନଙ୍କ ବାର୍ତାର ଉତର ଦେଇଛନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆଁ ହଜ୍‌ରତ୍ ସ:ଆ:ସ ଦଶବର୍ଷ ପର୍ଯ୍ୟନ୍ତ ମକାରେ ରହିଲେ । କିନ୍ତୁ ଆପଣ ନିଜ ଉପରେ ହୋଇଥିବା ଅତ୍ୟାଚାରର ଉତର ଦେବାରେ କୌଣସି ପ୍ରକାର ପ୍ରତିରକ୍ଷା କରିନାହାଁନ୍ତି । ପୁଣି ଏହାପରେ ଆପଣ ସ:ଆ:ସ ମଦିନା ହିଜ୍‌ରତ୍ କରିଗଲେ । ସେଠି ବର୍ଷେ ଦେଢ଼ବର୍ଷ ରହିବା ପରେ ମକାରୁ ବିରୋଧି ମାନଙ୍କର ସେନା ସେଠାରେ ଆସି ଆପଣ ସ:ଆ:ସଙ୍କ ବିରୁଦ୍ଧରେ ଆକ୍ରମଣ କଲେ । ସୁତରାଂ ସେତେବେଳେ ଆପଣ ସ:ଆ:ସଙ୍କୁ ଈଶ୍ୱରଙ୍କ ତରଫରୁ ପ୍ରତିରକ୍ଷା କରିବା ନିମନ୍ତେ ଅନୁମତି ପ୍ରଦାନ କରାଗଲା । ଏବଂ ଈଶ୍ୱର ପ୍ରତିରକ୍ଷା କରିବାର ଅନୁମତି ଦେଇ କହିଲେ କି ଯଦି ଏପରି ପ୍ରତିରକ୍ଷା କରିବା ପାଇଁ ଅନୁମତି ଦିଆଯାଇନଥାନ୍ତା ଏତଦ୍ୱାରା ନା କୌଣସି ଚର୍ଚ୍ଚ୍ ସୁରକ୍ଷିତ ରହିନଥାନ୍ତା ନା ୟୁହୁଦୀମାନଙ୍କର ଉପାସନା ପୀଠ ସୁରକ୍ଷା ରହିଥାଆନ୍ତା ନା ମସ୍‌ଜିଦ୍ ଗୁଡିକ ସୁରକ୍ଷିତ ରହିଥାଆନ୍ତା ନା ମନ୍ଦିର ଗୁଡିକ ସୁରକ୍ଷିତ ରହିଥାଆନ୍ତା ନା ଅନ୍ୟ କୌଣସି ଉପାସନା ଗୃହଗୁଡିକ ସୁରକ୍ଷିତ ରହିପାରି ଥାଆନ୍ତା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ସୁତରାଂ ଏହି ପ୍ରତିରକ୍ଷା ମୂଳକ ଯୁଦ୍ଧ କରିବାର ଅନୁମତି ଏହି କାରଣ ଯୋଗୁ ଦିଆଯାଇଥିଲା ଯଦ୍ୱାରା ସମସ୍ତ ଧର୍ମକୁ ସୁରକ୍ଷା ଦିଆଯାଇପାରିବ ଓ ସମସ୍ତ ଧର୍ମର ଉପାସନା ପୀଠଗୁଡିକ ସୁରକ୍ଷିତ ରହିପାରିବ ।

ଆଁ ହଜରତ୍ ସ:ଆ:ସ ଗୋଟିଏ ଯୁଦ୍ଧରୁ ଫେରି ଆସିବା ପରେ କହିଲେ-ବର୍ତମାନ ଆମେ ଗୋଟିଏ ଛୋଟ ଜିହାଦ୍‌ରୁ ଫେରିଆସି ଗୋଟିଏ ବଡ ଜିହାଦ୍ ଆଡକୁ ଯାଇଅଛେ । ତବ୍‌ଲିଗ୍‌ର ଜିହାଦ୍, ଇସ୍‌ଲାମ୍‌ର ବାର୍ତା ପହଂଚାଇବାର ଜିହାଦ୍ ଆଡକୁ ଫେରିଆସିଛେ । ସୁତରାଂ ଆଜି ବର୍ତମାନ ସମୟରେ ଅସଲ ଜିହାଦ୍ ହେଉଛି ଏହା କି ନିଜକୁ ପବିତ୍ର କର ଓ ଇସ୍‌ଲାମ୍‌ର ଅସଲ ଓ ବାସ୍ତବିକ ଶିକ୍ଷାର ବାର୍ତାକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଂଚ । ଇସ୍‌ଲାମ୍‌ର ତବ୍‌ଲିଗ୍ କର । ଆଜି ତରବାରିର ଜିହାଦ୍‌ର ଆବଶ୍ୟକତା ନାହିଁ କାରଣ ବିରୋଧିମାନେ ଏହାଦ୍ୱାର ଇସ୍‌ଲାମ୍ ଉପରେ ଆକ୍ରମଣ କରୁନାହାଁନ୍ତି ।

ଜର୍ନାଲିଷ୍ଟ ଜଣକ ପ୍ରଶ୍ନ କଲେ କି ୨୦୦୩ ମସିହାରେ ଇରାକ୍‌ରେ ଯେଉଁ ଯୁଦ୍ଧ ହୋଇଥିଲା ତାହା କଣ ଇସ୍‌ଲାମ୍ ବିରୁଦ୍ଧରେ ଯୁଦ୍ଧ ଥିଲା ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଇରାକ୍‌ରେ ଆମେରିକାନ୍ ଏଥିପାଇଁ ଆସିନଥିଲେ ଇସ୍‌ଲାମ୍‌କୁ ଶେଷ କରିଦେଲେ । ଯଦି ସେମାନଙ୍କର ନିୟତ୍ ଏହା ହୋଇଥାଆନ୍ତା ତେବେ କୌଣସି ମୁସଲ୍‌ମାନ୍ ବଂଚିପାରିନଥାନ୍ତେ କିନ୍ତୁ ଯେବେ ଯୁଦ୍ଧ ପରେ ଏମାନେ ଇରାକ୍‌ରୁ ଫେରିଆସିଲେ ସେତେବେଳେ ସେହି ଦେଶରେ ମୁସଲ୍‌ମାନ୍ ମାନଙ୍କ ହାତରେ ଲିଡର୍‌ସିପ୍ ଦେଇଆସିଲେ । ସେଥିପାଇଁ ଏହା କୌଣସି ପ୍ରକାରର ଧାର୍ମିକ ଯୁଦ୍ଧ ନଥିଲା । ଏହା ଗୋଟିଏ Geo Political ଯୁଦ୍ଧ ଥିଲା । ବର୍ତମାନ ଏ ଯୁଗରେ ଇସ୍‌ଲାମ୍ ବିରୁଦ୍ଧରେ କୌଣସି ଯୁଦ୍ଧ ହେଉନାହିଁ ବରଂ ମୁସଲ୍‌ମାନ୍‌ମାନେ ନିଜ ନିଜ ଭିତରେ ମରାମରି ହେଉଛନ୍ତି । ଦାଇଶ୍ ଏଜିଦି ଲୋକମାନଙ୍କୁ ହତ୍ୟା କରୁଛନ୍ତି ଏବଂ ଇସ୍‌ଲାମ୍‌ର ପୁରାତନ ଐତିହ୍ୟର Monuments ଗୁଡିକୁ ଭାଙ୍ଗୁଛନ୍ତି । ଏପରି ଯେଉଁ ସବୁ ଯୁଦ୍ଧ ଓ ହତ୍ୟକାଣ୍ଡ ଇତ୍ୟାଦି କରାଯାଉଛି ଏହା ସହିତ କୌଣସି ଗୋଟିଏର ମଧ୍ୟ ଧର୍ମଯୁଦ୍ଧ ହେଉନାହିଁ ।

ଜର୍ନାଲିଷ୍ଟ ଜଣକ ପଚାରିଲେ କି କଣ ଏ ଲୋକମାନେ ପବିତ୍ର କୁରଆନ୍‌ର ଆୟତଗୁଡ଼ିକୁ ଭୁଲ୍ ବ୍ୟାଖ୍ୟା କରୁଛନ୍ତି କି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏ ଲୋକମାନେ ପବିତ୍ର କୋରାନ୍‌ର ନିଜଆଡୁ ନିଜସ୍ୱ ବ୍ୟାଖ୍ୟା କରୁଛନ୍ତି ଓ ଜିହାଦ୍‌ର ଭିନ୍ନଭିନ୍ନ ବ୍ୟାଖ୍ୟା କରୁଛନ୍ତି ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଜିହାଦ୍‌ର ଅର୍ଥ ହେଉଛି ଏହା କି କୌଣସି ଭଲ ଜିନିଷକୁ ହାସଲ କରିବା ପାଇଁ ଚେଷ୍ଟା କରିବା । ପବିତ୍ର କୋରାନ୍‌ର କିଛି ଆୟତରେ ତରବାରିର ଜିହାଦ୍ କରିବା ପାଇଁ ଅନୁମତି ଦିଆଯାଇଛି ଏବଂ ଏହି ଅନୁମତି ସହିତ କିଛି ସର୍ତାବଳୀ ମଧ୍ୟ ରହିଛି । ଏଥିରେ କିଛି ବିଶେଷ ସିଦ୍ଧାନ୍ତ ମଧ୍ୟ ରହିଛି । ଉଦାହରଣ ସ୍ୱରୂପ ଯଦି କୌଣସି କଏଦୀ ଧରାପଡେ ତେବେ ତାକୁ ଯଥାଶିଘ୍ର ମୁକ୍ତ କର । ଯୁଦ୍ଧରେ ଧାର୍ମିକ ନେତା, ମହିଳା, ଛୋଟ ଛୋଟ ପିଲା ଏବଂ ବୁଢ଼ାମାନଙ୍କୁ ମାରନାହିଁ । ଅନ୍ୟାନ୍ୟ ଧର୍ମର ଉପାସନା ପୀଠ ଗୁଡିକୁ ଭାଙ୍ଗନାହିଁ ।

ଜର୍ନାଲିଷ୍ଟ ଜଣକ ଏ ପ୍ରଶ୍ନ ପଚାରିଲେ କି ଏହି ଲୋକମାନେ, ଯେଉଁମାନେ ଜିହାଦ୍‌ର ଭୁଲ୍ ବ୍ୟାଖ୍ୟା କରୁଛନ୍ତି, ଏହାର କାରଣ ଗୁଡିକ କଣ ?

ଏହି ପ୍ରଶ୍ନର ଉତରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି ଇସ୍‌ଲାମ୍‌ରେ ଗୋଟିଏ ଏପରି ସମୟ ମଧ୍ୟ ଆସିବ ଯେତେବେଳେ ଇସ୍‌ଲାମ୍‌ର ନାମ କେବଳ ବାକି ରହିଯିବ ଓ ଲୋକମାନେ ଇସ୍‌ଲାମୀୟ ଶିକ୍ଷାଗୁଡିକୁ ଭୁଲାଇଦେବେ । ଯେତେବେଳେ ଏପରି ସମୟ ଆସିବ ସେତେବେଳେ ଅଲ୍ଲାଃତାଲା ମୁସଲ୍‌ମାନ୍‌ଙ୍କ ମାର୍ଗଦର୍ଶନ ନିମନ୍ତେ ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀଙ୍କୁ ପ୍ରକଟ କରିବ ଏବଂ ସେ ଆସି ଲୋକଙ୍କୁ ପ୍ରକୃତ ଇସ୍‌ଲାମୀୟ ଶିକ୍ଷା ବିଷୟରେ ଅବଗତ କରାଇବେ । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆସି ଜିହାଦ୍‌ର ଭୁଲ୍ ବ୍ୟାଖ୍ୟା ଗୁଡିକ ସଂସ୍କାର କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଅନ୍ୟାନ୍ୟ ଯେଉଁ ପୁରୁଣା ସ୍କଲାର୍‌ମାନେ ଅଛନ୍ତି, ସେମାନେ ମଧ୍ୟ ପବିତ୍ର କୋରାନ୍‌ର ବ୍ୟାଖ୍ୟାକୁ ଏକ ଶାନ୍ତିପ୍ରିୟ ଶିକ୍ଷା ରୂପେ ଉପସ୍ଥାପନ କରିଛନ୍ତି ଓ ତାହା ଠିକ୍ ଅଟେ । ଆଜିକାଲି ଯେଉଁ ସନ୍ତ୍ରାସବାଦୀ ଅଛନ୍ତି ଏମାନେ ଜିହାଦ୍ ସଂକ୍ରାନ୍ତୀୟ ଆୟତ ଗୁଡିକର ବ୍ୟାଖ୍ୟା ନିଜ ହିତ ନିମନ୍ତେ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆରବୀ ଭାଷା ହେଉଛି ବହୁତ ବିଶାଳ ଓ ବ୍ୟାପକ ଭାଷା ଓ ଏଥିରେ ବିଭିନ୍ନ ପ୍ରକାର ଅର୍ଥ ନିହିତ ଥାଏ, ଯାହା ଉଚିତ୍ ଓ ସଠିକ୍ ଅର୍ଥ ହେବ ତାକୁ ଅବସ୍ଥା ଅନୁଯାଇ ବ୍ୟବହାର କରାଯାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପବିତ୍ର କୋରାନ୍‌ରେ କିଛି ଆୟତ ଅଛି ଯାହାର ଭୁଲ୍ ବ୍ୟାଖ୍ୟା କରାଯାଇଛି । ବାକି ଆମର ଓ

*ଅବଶିଷ୍ଟାଂଶ ପୃଷ୍ଠା-୦୭ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**